R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୨୩
ତିଥି: ପୂର୍ଣ୍ଣିମା
୨୮ ଅଗଷ୍ଟ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 323
28 August 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ନେପାଳ ବନ୍ୟା ବିଭୀଷିକାରେ ୩୬୦ ମୃତ

## ୨୮୮ ଭାରତୀୟ ନିଖୋଜ, ୧୫୦୦ରୁ ଉର୍ଦ୍ଧ୍ୱଙ୍କ ପତ୍ତା ମିଳୁନି

ନୂଆଦିଲ୍ଲୀ, ୨୭।୮ : ନେପାଳରେ ଆସିଥିବା ଅଚାନକ ବିଧ୍ୱସ୍ତକାରୀ ବନ୍ୟାରେ ୩୬୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବର୍ତ୍ତମାନସୁଦ୍ଧା ୧୫୦୦ରୁ ଉର୍ଦ୍ଧ୍ୱ ନିଖୋଜି ଥିବା ସୂଚନା ମିଳିଛି । ତେବେ ଭାରତର ୨୮୮ ଜଣ ନିଖୋଜ ହୋଇଥିବା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଆଗକୁ ଆହୁରି ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ନେପାଳ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।



ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି ଯେ ତାମିଲନାଡୁର ୨୧ ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କୁ ଭାରତ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି । ଅଧିକାଂଶ ଭାରତୀୟ ଏବେ ଚୀନ୍ ନିକଟରେ ଥିବା ତିବତ୍ ସୀମାରେ ଫସି ରହିଛନ୍ତି । ୨୦୦ ଭାରତୀୟ ଉଦ୍ଧାର ପାଇଁ ନିବେଦନ କରିବା ସହ ସେମାନଙ୍କ ମଧ୍ୟରୁ ୯୫ ଜଣ (୯ ପୃଷ୍ଠାରେ)

## ଖୋର୍ଦ୍ଧାର ଦମ୍ପତି ନିଖୋଜ

ଖୋର୍ଦ୍ଧା, ୨୭।୮ : ନେପାଳରେ ଘଟିଥିବା ବିଭୀଷିକା ଭୂସ୍ଖଳନ ବନ୍ୟାରେ ରେ ଖୋର୍ଦ୍ଧାରୁ ଜଣେ ଦମ୍ପତି ନିଖୋଜ ହୋଇଯାଇଥିବା ଖବର ମିଳିଛି । ସେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଜେମାଦେଇ ଅଂଚଳର ପ୍ରତାପ ମହାପାତ୍ର ଙ୍କ ପୁଅ ସନ୍ଦୀପ ମହାପାତ୍ର ଏବଂ ତାଙ୍କ ପତ୍ନୀ ଶିଧାର୍ଥୀ ସାହୁ । ସନ୍ଦୀପ (୯ ପୃଷ୍ଠାରେ)



# ଗୋଳାବନ୍ଧର ୧୩୭୧ ବିସ୍ଥାପିତଙ୍କୁ ୭୫.୬୦ କୋଟିର ପ୍ୟାକେଜ୍

ବ୍ରହ୍ମପୁର, ୨୭।୮ (ସବ୍ୟୁ) : ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଳାବନ୍ଧ ୧୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ ଘୋଷଣା କରିବା ସହ ଛେଲିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି ।

ଗଞ୍ଜାମ ଜିଲ୍ଲା ଗୋଳାବନ୍ଧ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ଏହାର ଶୁଭାରମ୍ଭ



କାର୍ଯ୍ୟକ୍ରମ ଆରମ୍ଭରେ ଗୋଳାବନ୍ଧର ମହିଳା ମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ସ୍ୱାଗତ ଜଣାଇ ଥିଲେ । ମୁଖ୍ୟମନ୍ତ୍ରୀ ମଞ୍ଚ ଉପରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ । ଗୋଳାବନ୍ଧବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ । ୧୯୮୪ ମସିହାରେ ଆର୍ମୀ ଏୟାର ଡିଫେନ୍ସ

## ଛେଲିଗଡ଼ ପ୍ରକଳ୍ପ ବିସ୍ଥାପିତ ୧୧୨ ପରିବାରଙ୍କୁ ଜମି ପଟ୍ଟା

କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି । ବିଗତ ୨୪ ବର୍ଷର ଶାସନ କାଳରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ନେତୃତ୍ୱ ନୋଳିଆ ପରିବାରଙ୍କ ସ୍ୱତ୍ୱକୁ ଚାପି (୯ ପୃଷ୍ଠାରେ)

# ପାରାଦୀପରେ ପହଞ୍ଚିଲେ ଦୁଇ ଉଦ୍ଧାର ନାବିକ

ପାରାଦୀପ, ୨୭।୮ (ଜିପ୍ର) : ଓସେନ ୱିନର ବୁଡି ଯିବାକୁ ସପ୍ତାହେ ପୂରିବାକୁ ବସିଲାଣି । ଆଜି ପାରାଦୀପରେ ପହଂଚିଛନ୍ତି ଦୁଇ ଉଦ୍ଧାର ନାବିକ । ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ଭରଦ ଆରମ୍ଭରୁ ଏହି ଅପରେସନରେ ସାମିଲ ଥିବା ବେଳେ ସେ ଆଜି ପାରାଦୀପ ବନ୍ଦର ପୋତାଶ୍ରୟରେ ପହଞ୍ଚିଛି । ଭରଦ ସହିତ ପାରାଦୀପରେ ଆସି ପହଂଚିଛନ୍ତି ଦୁଇ ଚୀନ ନାବିକ । ସେମାନେ ହେଲେ ପାନ ଟଙ୍ଗଲାଇ ଓ ଚେନ ଜିଆ ନେହେ । ଏମାନେ ଓସେନ ୱିନର ମଧ୍ୟରେ ଥିଲେ ଓ ଓସେନ ୱିନର (୯ ପୃଷ୍ଠାରେ)



# ଭୁବନେଶ୍ୱର ଡିସିପିଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର, ୨୭।୮ (ସବ୍ୟୁ) : ଭୁବନେଶ୍ୱର ଡିସିପି ଜଗମୋହନ ମିନାଙ୍କ ଇସ୍ତଫା ଗୃହୀତ ହୋଇଛି । ରାଜ୍ୟ ସରକାର ଇସ୍ତଫାପତ୍ର ଗ୍ରହଣ କରିବା ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଇଛନ୍ତି ।

୨୦୧୩ ବ୍ୟାଚ୍‌ର ଆଇପିଏସ୍ ଜଗମୋହନ ମିନା ଗତ କିଛିଦିନ ତଳେ ଇସ୍ତଫା ଦେଇଥିବା ବେଳେ ରାଜ୍ୟ ସରକାର ତାହା ଗ୍ରହଣ କରିବା ପାଇଁ ବିଚାର ବିମର୍ଷ କରୁଥିଲେ । ଶ୍ରୀ ମିନା ଦୀର୍ଘ ୧୩ବର୍ଷ କାଳ ପୋଲିସ ଚାକିରି କରିବା ପରେ ଇସ୍ତଫା କ'ଣ ପାଇଁ ଦେଲେ ତାହା ସ୍ପଷ୍ଟ ଜଣାପଡିନଥିବା ବେଳେ ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ କହିଥିଲେ । ତେବେ କେଉଁ ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଛନ୍ତି ତାହା ଏବେବି ରହସ୍ୟାବୃତ୍ତ । କେନ୍ଦ୍ର ସରକାରଙ୍କ ଚୂଡାନ୍ତ ଅନୁମୋଦନ ପରେ ଇସ୍ତଫା ଗ୍ରହଣ ହେବ ।

# ୨୯ରେ ଲଘୁଚାପ, ଆଜିଠୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୨୭।୮ (ସବ୍ୟୁ) : ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗରୁ ଉତ୍ତର ଓଡିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ସମୁଦ୍ର ପତ୍ତନଠାରୁ ଦ.ପଶ୍ଚିମର ୩.୧ ଏବଂ ୫.୮ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି । ଏହା ଅଧିକ ଘନୀଭୂତ ହୋଇ ୨୯ ତାରିକ ବେଳକୁ ଲଘୁଚାପ ରୂପ ନେଇପାରେ । ଏହା ପ୍ରଭାବରେ ରାଜ୍ୟରେ ଆସନ୍ତାକାଲି(ଶୁକ୍ରବାର) ଠାରୁ ବର୍ଷା ବଢିବାର ସମ୍ଭାବନା ଅଛି ।

ରାଜ୍ୟରେ ଚଳିତ ବର୍ଷ ଜୁନ୍ ୧ ରୁ ଅଗଷ୍ଟ ୨୬ ତାରିଖ ସୁଦ୍ଧା ୧୧୦୦.୨ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ସ୍ୱାଭାବିକ ବର୍ଷା ୮୫୬.୭ ମିମି ତୁଳନାରେ ୨୮ ପ୍ରତିଶତ ଅଧିକ ହୋଇଛି । ଏହି ଅବଧି ମଧ୍ୟରେ ୪ ଜିଲ୍ଲାରେ ସ୍ୱାଭାବିକ (୯ ପୃଷ୍ଠାରେ)






ସବୁଠାରୁ ପବିତ୍ର ଓ ସ୍ନେହଭରା ସମ୍ପର୍କ ହେଉଛି ଭାଇ ଭଉଣୀର ସମ୍ପର୍କ, ଯାହା କେବେ ବି ଫିକା ପଡିନଥାଏ । ପ୍ରତିବର୍ଷ ଭଉଣୀଟିଏ ଖୁବ ଉତ୍କଣ୍ଠା ଓ ପ୍ରେମର ସହିତ ଅପେକ୍ଷା କରିଥାଏ ରାଖୀ ପୂର୍ଣ୍ଣିମାକୁ । ଯେଉଁଦିନ ସେ ଭାଇର ଶୁଭ ମନାସୀ ତାର ହାତରେ ବାନ୍ଧିଦେଇଥାଏ ଭଲପାଇବାର ସନ୍ତକ ରାଖୀ, ଯାହାର ପ୍ରତିଦାନରେ ଭାଇ ଦେଇଥାଏ ଭଉଣୀର ସାରା ଜୀବନର ସୁରକ୍ଷାର ବଚନ ।



# ସ୍ନେହ ବନ୍ଧନ



## ଗହ୍ମା ପୂର୍ଣ୍ଣିମା

ଭାଇଭଉଣୀଙ୍କ ପବିତ୍ର ସମ୍ପର୍କର ସାକ୍ଷୀ ହେଲା ରାଖୀ । ଗାଁ ଠାରୁ ସହର ଦେଶ ଠାରୁ ବିଦେଶ ସବୁଠାରେ ଭାରତୀୟମାନେ ପାଳନ କରିଥାଆନ୍ତି ଏହି ସ୍ନେହ ସମ୍ପର୍କର ପର୍ବକୁ । ତେବେ ଓଡିଶାରେ ରାଖୀ ପୂର୍ଣ୍ଣିମା ଦିନ ପଡିଥାଏ ଓଡିଶାର ଆରାଧ୍ୟ ଦେବତା ଶ୍ରୀବଳଭଦ୍ରଙ୍କର ଜନ୍ମ ଦିନ। ଓଡିଶା ବାସୀ ଏହାକୁ ରାକ୍ଷୀ ପୂର୍ଣ୍ଣିମା ସହିତ ଗହ୍ମା ପୂର୍ଣ୍ଣିମା ଭାବେ ମଧ୍ୟ ପାଳିଥାଆନ୍ତି । ଶ୍ରାବଣମାସ ପୂର୍ଣ୍ଣିମାରେ ପଡିଥାଏ ଗହ୍ମା ପୂର୍ଣ୍ଣିମା, ଯେଉଁଦିନ ଘରେଘରେ ବଳଭଦ୍ରଙ୍କର ପ୍ରତିକ ହଳ ଲଙ୍ଗଳ ସହ ଗୋମାତାଙ୍କୁ ପୂଜା କରାଯାଇଥାଏ । ସେମାନଙ୍କୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ସହ ସେମାନଙ୍କୁ ପୂଜା କରାଯାଇଥାଏ । ଏହାପରେ ସେମାନଙ୍କୁ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ଏହାସହ ଏହି ଦିନ ଭାଇର ଶୁଭ ମନାସି ଭଉଣୀ ଭାଇ ହାତରେ ରଖୀ ବାନ୍ଧିଥାଏ । ଭାଇ ମଧ୍ୟ ଜୀବନ ସାରା ଭଉଣୀର ସମସ୍ତ ପ୍ରକାରର ସୁରକ୍ଷା କରିବାନେଇ ବଚନ ଦେଇଥାଏ । ଶ୍ରୀମନ୍ଦିରଠାରୁ ଆରମ୍ଭ କରି ପୂରପଲ୍ଲୀ ପର୍ଯ୍ୟନ୍ତ ସବୁଠାରେ ଖୁବ୍ ଧୁମ୍‌ଧାମରେ ପାଳନ ହୋଇଥାଏ ରାଖୀ । ପୁରାଣରେ ମଧ୍ୟ ରାଖୀକୁ ନେଇ ରହିଛି ସ୍ୱତନ୍ତ୍ର ବର୍ଣ୍ଣନା । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ । ଯାହାକୁ ରାଖୀସହିତ ତୂଳନା କରାଯାଇଥାଏ ।



## ନଡ଼ିଆ ଲଢ଼େଇ

ପ୍ରତିବର୍ଷ ଗହ୍ମା ପୂର୍ଣ୍ଣିମା ଅବସରରେ ଓଡ଼ିଶାର ପୁରୀ ଜିଲ୍ଲାର ବିଭିନ୍ନ ଗ୍ରାମରେ ଦେଖିବାକୁ ମିଳେ ଏକ ନିଆରା ଖେଳ, ନଡିଆ ଲଢେଇ । ଏହି ଖେଳରେ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇମାନେ ରାକ୍ଷୀ ବାନ୍ଧି, ପିଠା ଖାଇ ହାତରେ ନଡିଆ ଧରି ଦାଣ୍ଡକୁ ବାହାରି ଯାଆନ୍ତି । ଗାଁରେ ଯୁବକମାନଙ୍କ ମଧ୍ୟରେ ଖେଳାଯାଇଥାଏ ଏହି ସ୍ୱତନ୍ତ୍ର ଖେଳଟି । ସମସ୍ତେ ନିଜନିଜର ହାତରେ ନଡିଆ ଧରି ନଡିଆର ମୁଣ୍ଡକୁ ମୁଣ୍ଡ ବାଡେଇ ଲଢେଇ ପକାନ୍ତି । ଯାହାର ନଡିଆ ସେହି ମାଡରେ ଫାଟିଯାଏ ସିଏ ହାରିଥାଏ ଏବଂ ଯାହାର ନଡିଆ ସୁରକ୍ଷିତ ରୁହେ ସେ ଜିତେ । ଏହିପରି ଖେଳ ଗାଁଗାଁରେ ଦେଖିବାକୁ ମିଳିଥାଏ । ଏହା ଖୁବ ପୁରାତନ ପାରମ୍ପରିକ ଖେଳ । ପ୍ରତିବର୍ଷ ଏହି ନିଆରା ଦୃଶ୍ୟ ବିଭିନ୍ନ ଗାଁରେ ଦେଖିବାକୁ ମିଳିଥାଏ ।

## ପରଦାରେ ରାଖୀ

ଓଡିଆ ସିନେମା ଜଗତରେ ରାଖୀକୁ ନେଇ ଅନେକ ଚଳଚ୍ଚିତ୍ର ରହିଛି, ଯାହା ଭାଇ ଭଉଣୀଙ୍କର ପବିତ୍ର ସମ୍ପର୍କକୁ ପରଦାରେ ଜୀବନ୍ତ କରିଛି । ଏହି ଫିଲ୍ମ ଗୁଡିକ ଆଜି ବି ଦର୍ଶକଙ୍କ ହୃଦୟରେ ରାଜ କରୁଛି ।

### ରାଖୀ ଭିଜିଗଲା ଆଖି ଲୁହରେ

ଭାଇ ଓ ଭଉଣୀଙ୍କ ନିଷ୍କାପଟ ଭଲପାଇବା ଏବଂ କର୍ତ୍ତବ୍ୟର କାହାଣୀକୁ ନେଇ ଗଢ଼ା ହୋଇଥିଲା ଏହି ସିନେମା । ବିଜୟ ମହାନ୍ତି ଓ ରଚନାଙ୍କ ଅଭିନୀତ ଏହି ଫିଲ୍ମର ଗୀତ 'ସୁନା ରାକ୍ଷୀ ସୁନା ଭଉଣୀ...' ଦର୍ଶକଙ୍କ ଆଖିରେ ଲୁହ ଆଣିଦେଇଥିଲା । କାହାଣୀଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିଥିଲା ।

### ଫେରିଆ ମୋ ସୁନା ଭଉଣୀ

ଭାଇ ଦେବୁ (ମିହିର ଦାସ) ଏବଂ ତାଙ୍କ ସ୍ନେହର ଭଉଣୀ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ନେଇ କାହାଣୀ ଗତିଶୀଳ । ଭଉଣୀକୁ ବିପଦରୁ ରକ୍ଷା କରିବା ପାଇଁ ଭାଇର ସଂଘର୍ଷ ଏବଂ 'ମୋ ଆଖି ତାରା ତୁ ମୋ ଝୁଲଣା ଚାନ୍ଦ ଲୋ' ଗୀତଟି ରାଖୀ ଆବେଗକୁ ସ୍ମରଣୀୟ କରିଥାଏ ।

### ରାଖୀ ବାନ୍ଧିଲି ମୋ ରଖିବ ମାନ

ସିଦ୍ଧାନ୍ତ ମହାପାତ୍ର, ମିହିର ଦାସ ଓ ଅନୁ ଚୌଧୁରୀଙ୍କ ଅଭିନୀତ ଏହି ଫିଲ୍ମଟି ଏକ ସଫଳ ସିନେମା । ଭଉଣୀର ସମ୍ମାନ ରକ୍ଷା ଏବଂ ସୁରକ୍ଷା ପାଇଁ ଭାଇର ସଂକଳ୍ପକୁ ନେଇ ତିଆରି ହୋଇଥିବା ଏହି ଫିଲ୍ମର 'ଭାଇ ତୋତେ ମୋର ରହିଲା ରାଣ' ଗୀତଟି ବେଶ୍ ଲୋକପ୍ରିୟ ।

### ଏଇ ରାଖୀ ତୋ ରକ୍ଷା କବଚ

ଜୀ ସାର୍ଥକ ବ୍ୟାନରରେ ନିର୍ମିତ ଏହି ସିନେମାଟି ସମ୍ପୂର୍ଣ୍ଣ ଭାବେ ଭାଇ-ଭଉଣୀର ନିଷ୍କାପଟ ସ୍ନେହ ଓ ସୁରକ୍ଷାର ସଂକଳ୍ପ ଉପରେ ଆଧାରିତ । ଭଉଣୀର ସୁଖ ଓ ସୁରକ୍ଷା ପାଇଁ ଭାଇର ସଂଘର୍ଷ ଏହାର ମୂଳ କାହାଣୀ । ଯାହାକୁ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି ।



## ସୁଜି ଖୁଆ ଲଡୁ

**ସାମଗ୍ରୀ-** ଛୋଟ ଦାନା ସୁଜି ଏକ କପ୍, ଘିଅ ଅଧାକପ୍, ଖୁଆ ସ୍ୱାଦ ଅନୁସାରେ, ଅଳ୍ପ ଗୁଜୁରାତି ଗୁଣ୍ଡ, ସଜାଇବା ପାଇଁ ଖିସମିସ, ଗୁଣ୍ଡ ଚିନି ଏକ କପ୍ ।

**ପ୍ରଣାଳୀ-** ପ୍ୟାନ୍‌ରେ ଅଧାକପ୍ ଘିଅ ଗରମ କରନ୍ତୁ । ଏଥିରେ ଏକ କପ୍ ସୁଜି ପକାନ୍ତୁ (ଛୋଟ ଦାନା ସୁଜି) । ସୁଜିକୁ କିଛି ସମୟ ପର୍ଯ୍ୟନ୍ତ କମ ଆଞ୍ଚରେ ଭାଜନ୍ତୁ । ସୁଜିକୁ ଅଳ୍ପ ଗୋଲ୍ଡେନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ସମସ୍ତ ଘିଅ ସୁଜିରେ ମିଶିଯିବା ପରେ ଏଥିରେ ଗ୍ରେଟେଡ୍ ଖୁଆ ମିଶାନ୍ତୁ । ଏହାପରେ ଏହାକୁ ଭଲକରି ଗୋଳାନ୍ତୁ । ଖୁଆ ମିଶିବା ପର୍ଯ୍ୟନ୍ତ ସୁଜିକୁ ଭାଜନ୍ତୁ । ଏଥିରେ ବର୍ତ୍ତମାନ ଅଧା ଚାମଚ ଗୁଜୁରାତି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରିନିଅନ୍ତୁ । ଏକ ପ୍ଲେଟ୍‌କୁ କାଢି ଥଣ୍ଡା କରନ୍ତୁ । ହାତରେ ଧରିହେଉଥିବା ଭଳି ଗରମ ଥିବା ଅବସ୍ଥାରେ ଏଥିରେ ଗୁଣ୍ଡ ଚିନି ଏକ କପ୍ ମିଶାନ୍ତୁ । ହାତରେ ଭଲକରି ମିଶାଇ ନିଅନ୍ତୁ । ଏହାପରେ ହାତରେ ଘିଅ ମାରି ଏହି ମିଶ୍ରଣକୁ ଲଡୁ ଆକାରରେ ଗଢନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ଖୁଆ ଲଡୁ ।

## ମନଜାଣି ଉପହାର




ପ୍ରତିବର୍ଷ ରାଖୀ ଆସିଲେ ଭଉଣୀମାନେ ଚାହିଁ ବସି‌ଥାଆନ୍ତି କିଭଳି ଭାଇଙ୍କ ହାତରେ ରକ୍ଷାବନ୍ଧନ ବାନ୍ଧି ଜୀବନସାରା ପାଇଁ ସୁରକ୍ଷାର ବଚନ ନେବେ । ତେବେ ଏହି ଦିନ ପ୍ରାୟ ସମସ୍ତ ଭାଇ ଶ୍ରଦ୍ଧାରେ ଭଉଣୀଙ୍କ ପାଇଁ କିଛି ଉପହାର ଆଣିଥାଆନ୍ତି । ଏହା ବାଧ୍ୟତାମୂଳକ ନହେଲେ ମଧ୍ୟ ସ୍ନେହର ପ୍ରତୀକ ହୋଇଥାଏ । ତେବେ ଏହି ଉପହାର ପାଇଁ ଆଗରୁ ପ୍ଲାନ କରିବାକୁ ପଡିଥାଏ । କିନ୍ତୁ ଏଭଳି କିଛି ଉପହାର ରହିଛି ଯାହାକୁ ଆପଣ ସେହି ଦିନ ମଧ୍ୟ କିଣି ଦେଇପାରିବେ ଏବଂ ଭଉଣୀଙ୍କୁ ଖୁସି କରାଇପାରିବେ । ଆସନ୍ତୁ ଜାଣିବା ସେହିଭଳି କିଛି ଉପହାର ସମ୍ପର୍କରେ...

**ମେକଅପ୍ କିଟ୍-** ସମସ୍ତ ଝିଅଙ୍କର ମେକଅପ ପସନ୍ଦ ହୋଇଥାଏ । ତେଣୁ ଆପଣଙ୍କର ଭଉଣୀଙ୍କ ପାଇଁ ମେକଅପ ସାମଗ୍ରୀ ଦେଇପାରିବେ । ଏହା ଏକ ସୁନ୍ଦର ଉପହାର ହୋଇଥାଏ । ଏଥିରେ ଭଉଣୀଙ୍କୁ ପସନ୍ଦ ଆସିବାଭଳି ସମସ୍ତ ମେକଅପ ସାମଗ୍ରୀ ରଖି ଏକ ଗିଫଟ ପ୍ୟାକ୍ କରିଦେଇପାରିବେ ।

**ଗହଣା-** ଝିଅମାନଙ୍କର ପସନ୍ଦ ମେକଅପ ସହିତ ଗହଣା ମଧ୍ୟ ହୋଇଥାଏ । ଆପଣ ଭଉଣୀଙ୍କୁ କିଛି ଛୋଟମୋଟ ଗହଣା ଯେପରି କାନ ଫୁଲ, ଫ୍ୟାନ୍ସି ନେକଲେସ (ଯାହା ସୁନା ନୁହେଁ ବରଂ ଷ୍ଟୋନ କିମ୍ବା ଇମିଟେସନ ହୋଇପାରେ) ଦେଇପାରିବେ । ଏହି ତାଲିକାରେ ବ୍ରେସଲେଟ, ମୁଦି ଓ ଆଙ୍କଲେଟ୍ ମଧ୍ୟ ସାମିଲ ଅଛି । ଏଗୁଡିକ ଖୁବ ସୁନ୍ଦର ହୋଇଥାଏ ଏବଂ ଭଉଣୀଙ୍କୁ ପସନ୍ଦ ମଧ୍ୟ ଆସିବ ।

**ଗ୍ୟାଜେଟ୍ -** ଯଦି ଆପଣଙ୍କ ଭଉଣୀ ଗୀତ ଶୁଣିବାକୁ କିମ୍ବା ଗେମ୍ ଖେଳିବାକୁ ଭଲ ପାଆନ୍ତି, ତେବେ ସେମାନଙ୍କ ପାଇଁ ଗ୍ୟାଜେଟ୍ ଏକ ଭଲ ବିକଳ୍ପ ପାରିବ । ଆପଣ ତାଙ୍କୁ ହେଡ୍ ଫୋନ୍, ସ୍ପିକର କିମ୍ବା ପ୍ଲେ ଷ୍ଟେସନ ମଧ୍ୟ ଦେଇପାରିବେ । ସେହିଭଳି ଆହୁରି ହାତଘଣ୍ଟା, ଫୋନ୍ ମଧ୍ୟ ଏହି ତାଲିକାରେ ରହିଛି ।

**ପୋଷାକ-** ଶାଢୀ ହେଉ କିମ୍ବା କୌଣସି ଡ୍ରେସ ସବୁବେଳେ ମହିଳାଙ୍କର ପସନ୍ଦ ଆସିଥାଏ । ତେଣୁ ରାକ୍ଷୀର ସବୁଠାରୁ ଭଲ ଗିଫଟ ପୋଷାକ ହୋଇଥାଏ । ଭଉଣୀଙ୍କୁ ପାଇଁ ଶାଢୀ ହେଉ କିମ୍ବା ଡ୍ରେସ ଟିଏ କିଣି ଦେଇ ପାରିବେ । ଏହି ଉପହାର ତାଙ୍କର ଖୁବ ପସନ୍ଦ ଆସିବା ସହିତ ଏହାକୁ ସଙ୍ଗେସଙ୍ଗେ କିଣି ମଧ୍ୟ ହେବ ।



**ମେଷ:** ସୁସମ୍ପର୍କ ରହିବ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦ୍ରବ୍ୟଲାଭ, ପାରିବାରିକ ସାହାଯ୍ୟ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ଶାନ୍ତି। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ସଂଖ୍ୟା-୭, ଆରାଧନା-ପ୍ରଭୁ ଗଣେଶ ।

**ବୃଷ:** ଖୁସିଖବର, ବିବାଦ ସମାଧାନ, ଗୃହେ ଶୁଭ ଆଲୋଚନା, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟଖୁସି, ଦୂରଯାତ୍ରା, ଅର୍ଥଲାଭ, କାର୍ଯ୍ୟରେ ପରିଶ୍ରମ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଦେବକାର୍ଯ୍ୟରେ ଖୁସି, ଅଳ୍ପଲାଭ, ପାରିବାରିକ ଶାନ୍ତି, ଶତ୍ରୁ ପରାଜିତ, ପୂର୍ବନିର୍ଦ୍ଧାରିତ କାର୍ଯ୍ୟରେ ସନ୍ତୁଷ୍ଟ, ଦାମ୍ପତ୍ୟଖୁସି। ଆର୍ଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଅଯଥା ଖର୍ଚ୍ଚ, ମାନସିକ ଅଶାନ୍ତି, ବ୍ୟବସାୟରେ ସଫଳ, ଦୂରଯାତ୍ରାରେ ଖୁସି, ବରିଷ୍ଠବ୍ୟକ୍ତିଙ୍କ ସହାୟତା ଶରୀର ସୁସ୍ଥ, ସନ୍ତାନଖୁସି । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ସିଂହ:** ସହଯୋଗ ମିଳିବ, ଅର୍ଥଲାଭ, ଲୋକସମ୍ପର୍କବୃଦ୍ଧି, ଦୂରଯାତ୍ରା ସଫଳ, ସ୍ୱଜନେ ବିବାଦ, ଦାମ୍ପତ୍ୟଖୁସି, ବନ୍ଧୁଲାଭ। ପୂର୍ବଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କନ୍ୟା:** ସମ୍ମାନ ମିଳିବ, ଶତ୍ରୁ ପରାଜିତ, କର୍ମକ୍ଷେତ୍ରେକଷ୍ଟ, ଲୋକସମ୍ପର୍କ ବୃଦ୍ଧି, ସୁମିଷ୍ଟ ଭୋଜନ, ଅର୍ଥଲାଭ, ବିଦ୍ୟାରେ ସଫଳତା । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୭, ଆରାଧନା- ପ୍ରଭୁ ଲୋକନାଥ ।

**ତୁଳା:** ଗବେଷଣାରେ ସଫଳ, ବନ୍ଧୁସହାୟତା, ପାରିବାରିକ ଅସହଯୋଗ, ସନ୍ତାନଖୁସି, କଳହ ସମାଧାନ, ନୂତନ ଖବର, ଶତ୍ରୁ ସମସ୍ୟା, ଅଳ୍ପଲାଭ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବିଛା:** ବନ୍ଧୁ ମନାନ୍ତର, କର୍ମକ୍ଷେତ୍ରେ ଅଶାନ୍ତି, ଶରୀର ସୁସ୍ଥ, ଦେବକାର୍ଯ୍ୟରେ ଶାନ୍ତି, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ପେଟ ସମସ୍ୟା । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଅର୍ଥଲାଭ, ଶୁଭଖବର, ମାନସିକ ଶାନ୍ତି, କର୍ମକ୍ଷେତ୍ରେ ପ୍ରଶଂସା, କଳହ ସମାଧାନ, ବନ୍ଧୁଲାଭ, ପରିବାରରେ ଉତ୍ସବ, ଶତ୍ରୁ ପରାଜିତ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ମାନସିକ ଉଦବେଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଦେବକାର୍ଯ୍ୟରେ ବିଳମ୍ବ, ଅଯଥା ଖର୍ଚ୍ଚ, ଦାମ୍ପତ୍ୟକଳହ, ସନ୍ତାନଚିନ୍ତା, ବହୁ ପରିଶ୍ରମ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ମାନସିକଶାନ୍ତି, ଶୁଭଖବର, ଅର୍ଥଲାଭ, ନୂତନ କାର୍ଯ୍ୟରେ ଖୁସି, ସମ୍ପର୍କରେ ଉନ୍ନତି, ବନ୍ଧୁ ସହଯୋଗ, ଶୁଭ ଆଲୋଚନା, ଦାମ୍ପତ୍ୟଖୁସି । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ ।

**ମୀନ:** ଶରୀର ସୁସ୍ଥ, ମାନସିକ କଷ୍ଟ, ବନ୍ଧୁଲାଭ, ପାରିବାରିକ ସହଯୋଗ, ଦୂରଯାତ୍ରାରେ କଷ୍ଟ, ସନ୍ତାନଖୁସି, ଅଯଥା ଖର୍ଚ୍ଚାନ୍ତ, ସୁମିଷ୍ଟ ଭୋଜନ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୪, ଆରାଧନା- ମା' ଉଗ୍ରତାରା ।

ଶ୍ରାବଣ ଶୁକ୍ଳପକ୍ଷ ପୂର୍ଣ୍ଣମୀ
୨୮.୮.୨୦୨୬, ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ମୁଖ୍ୟ ସଚିବଙ୍କ ଡେରାସ ସି-ଫୁଡ୍ ପାର୍କ ପରିଦର୍ଶନ

# ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ, ମୂଲ୍ୟଯୋଗ କେନ୍ଦ୍ର ଭାବେ ବିକଶିତ କର

ଭୁବନେଶ୍ୱର(ସବ୍ୟୁ): ଡେରାସ ସି-ଫୁଡ୍ ପାର୍କ ପରିଦର୍ଶନ କରି ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ମୂଲ୍ୟଯୋଗ, ରପ୍ତାନି ଏବଂ ଶିଳ୍ପର ବିକାଶ ସମ୍ପର୍କିତ ବିଭିନ୍ନ ସମସ୍ୟା, ସମାଧାନ ଓ ଆବଶ୍ୟକତା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟର ପ୍ରମୁଖ ରପ୍ତାନିକାରୀମାନଙ୍କ ସହ ଆଲୋଚନା କରିଥିଲେ । ସି-ଫୁଡ୍ କ୍ଷେତ୍ରରେ ନିବେଶ, ଉତ୍ପାଦନ ଓ ରପ୍ତାନିକୁ ଆହୁରି ସୁଦୃଢ଼ କରି ଡେରାସ ସି-ଫୁଡ୍ ପାର୍କକୁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଓ ରପ୍ତାନିମୁଖୀ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୋଗ କେନ୍ଦ୍ର ଭାବେ ବିକଶିତ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି ।

ଏହି ପରିଦର୍ଶନ ଅବସରରେ ମୁଖ୍ୟ ଶାସନ ସଚିବ ଡେରାସ ଠାରେ ଅନୁଷ୍ଠିତ ଏକ ବୈଠକରେ ସଂପୃକ୍ତ ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବର୍ତ୍ତମାନ ପାର୍କରେ ଆବଣ୍ଟିତ ହୋଇଥିବାବେଳେ ପ୍ଲଟ୍,ୟୁନିଟ୍ କାର୍ଯ୍ୟକ୍ଷମ, ନିର୍ମାଣାଧୀନ ଏବଂ ଯୋଜନା ପର୍ଯ୍ୟାୟରେ ଥିବା କାର୍ଯ୍ୟ



ସଂପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ପାର୍କର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମତା ପାଇଁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ଶୀଘ୍ର କାର୍ଯ୍ୟାରମ୍ଭ, ଅଚଳ ସାଧାରଣ ସୁବିଧାଗୁଡ଼ିକର ପୁନଃ କାର୍ଯ୍ୟକ୍ଷମ ଏବଂ ମୌଳିକ ସେବାଗୁଡ଼ିକର ସୁଦୃଢ଼ୀକରଣକୁ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତ । ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣରୁ "ବ୍ଲୁ । ଇକୋନୋମି' ପଦକ୍ଷେପର ଅଂଶ ଭାବେ ଡେରାସ ସିଫୁଡ୍ ପାର୍କର ୧୦୦ ପ୍ରତିଶତ ଉପଯୋଗ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଆଲୋଚନା କରି ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ରକୁ କେବଳ ପ୍ରଦର୍ଶନ ଓ ପ୍ରଶିକ୍ଷଣ କେନ୍ଦ୍ର ଭାବେ ସୀମିତ ନରଖି ଏହାର ସମ୍ଭାବନାକୁ ଅଧିକ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ । କ୍ଷେତ୍ର ପରିଦର୍ଶନ, ଅଭିଜ୍ଞତା ଓ ଆଧୁନିକ ଉଦ୍ୟାନକୃଷି ପ୍ରଣାଳୀ ସହ ପରିଚିତ କରାଇ ଏଠାରେ ଆଗ୍ରୋ-ଟୁରିଜିମ୍‌କୁ ପ୍ରୋତ୍ସାହନ ଦେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଛାତ୍ରଛାତ୍ରୀ, କୃଷକ, ଉଦ୍ୟୋଗୀ ଓ ପର୍ଯ୍ୟଟକମାନେ ଆଧୁନିକ କୃଷି ଓ ଉଦ୍ୟାନକୃଷି ପ୍ରଯୁକ୍ତିର ପ୍ରାୟୋଗିକ ଅନୁଭୂତି ହାସଲ କରିବାର ସୁଯୋଗ ପାଇପାରିବେ । ଏହାପରେ ମୁଖ୍ୟ ଶାସନ ସଚିବ ଡେରାସ ଇକୋ ପାର୍କ ଓ ଝୁମୁକା ଜଳସେଚନ ଡାକବଙ୍ଗଳା ପରିଦର୍ଶନ କରି ଉଭୟ ସ୍ଥାନରେ ପର୍ଯ୍ୟଟନର ବିକାଶ ସମ୍ଭାବନା ଅନୁଧ୍ୟାନ କରିଥିଲେ । ଏହି ସମୟରେ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭ୍ରା ଶର୍ମା, ଓପିଟିସିଏଲର ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧାରୀ, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଓ ଅଂଶୀଦାରମାନେ ଉପସ୍ଥିତ ଥିଲେ ।

### ଉପମୁଖ୍ୟମନ୍ତ୍ରୀ ପଦ ସମ୍ବିଧାନ ବିରୋଧି ମାମଲା

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,(ସବ୍ୟୁ): ସମ୍ବିଧାନରେ 'ଉପମୁଖ୍ୟମନ୍ତ୍ରୀ' ପଦ ରହିବାର କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଜଣେ ମନ୍ତ୍ରୀ ଯେଉଁଭଳି ଭାବେ ଶପଥଗ୍ରହଣ କରନ୍ତି ଜଣେ ଉପମୁଖ୍ୟମନ୍ତ୍ରୀଙ୍କ ସେହି ସମାନ ଢଙ୍ଗରେ ଶପଥ ପାଠ କରାଯାଇଥାଏ। ଏହାସତ୍ତ୍ୱେ ଓଡ଼ିଶାରେ ଦୁଇଟି 'ଉପମୁଖ୍ୟମନ୍ତ୍ରୀ' ପଦ ସୃଷ୍ଟି କରାଯାଇଛି। ଏଭଳି ଅସମ୍ବିଧାନିକ କାର୍ଯ୍ୟକୁ ଚ୍ୟାଲେଞ୍ଜ କରି ରୁଜୁ ମାମଲାରେ ଶୁଣାଣି ହାଇକୋର୍ଟ ଶେଷ କରିଛନ୍ତି ଓ ଏଲିନା ଦାଶଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ସଂରକ୍ଷିତ ରଖୁଛନ୍ତି।

ଆବେଦନକାରିଣୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, 'ଉପ ମୁଖ୍ୟମନ୍ତ୍ରୀ' ପଦ ଲାଗି ସମ୍ବିଧାନରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ । କିନ୍ତୁ ୨୦୨୪ରେ ନୂତନ ସରକାର ଗଠନ ସମୟରେ ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଥିଲା । ପ୍ରୋଟୋକୋଲ୍ ଦୃଷ୍ଟିରୁ ଦେଖିଲେ ଏମାନେ ଜଣେ ମନ୍ତ୍ରୀଙ୍କ ଠାରୁ କୌଣସି ଭାବେ ଅଧିକ ନୁହଁନ୍ତି। ଏମାନେ ଜଣେ ମନ୍ତ୍ରୀଙ୍କ ଭଳି ଶପଥ ମଧ୍ୟ ନେଇଥିଲେ । କିନ୍ତୁ ପରେ ସେମାନଙ୍କୁ ଅଧିକ ପ୍ଲୋଟୋକଲ ସୁବିଧା ପ୍ରଦାନ କରାଯାଉଛି। ବିଭିନ୍ନ ଉତ୍ସବରେ ସେମାନଙ୍କ ସ୍ୱତନ୍ତ୍ରତା ବଜାୟ ରହୁଛି। ସେମାନଙ୍କ ପାଇଁ ଅଧିକ କର୍ମଚାରୀର ବ୍ୟବସ୍ଥା କରାଯାଇଛି। ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ମଧ୍ୟ ଅଧିକ ରହିଛି। ସ୍ୱତନ୍ତ୍ର ସିକ୍ୟୁରିଟି ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ରାଜ୍ୟ ରାଜକୋଷରୁ ଅଧିକରୁ ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି।

ଏଭଳି ଅସମ୍ବିଧାନିକ କାର୍ଯ୍ୟକୁ ବନ୍ଦ କରିବା ଲାଗି ଆବେଦନକାରିଣୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ଦୁଇ ଉପମୁଖ୍ୟମନ୍ତ୍ରୀଙ୍କୁ ଜଣେ ମନ୍ତ୍ରୀଙ୍କ ଠାରୁ ଅଧିକ ସୁବିଧା ନଦେବା ଲାଗି ହାଇକୋର୍ଟ ଆଦେଶ ଦେବାକୁ ଆବେଦନକାରିଣୀ ପ୍ରାର୍ଥନା କରିଛନ୍ତି। ମନ୍ତ୍ରୀ ଏବଂ ତଥାକଥିତ ଏହି ଉପ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ଜନପ୍ରତିନିଧିଙ୍କ ମଧ୍ୟରେ ଦିଆଯାଉଥିବା ବିଭିନ୍ନ ସୁବିଧା ପ୍ରସଙ୍ଗରେ କୌଣସି ପ୍ରକାର ପାତରଅନ୍ତର କରାନଯାଉ। ସରକାରଙ୍କ ପକ୍ଷରୁ ଏହି ଦୁଇ ଉପମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧାକୁ ପ୍ରତ୍ୟାହାର ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରିଣୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନସଚିବ, ରାଜ୍ୟପାଳଙ୍କ ସଚିବ, ଆକାଉଟାଣ୍ଟ ଜେନେରାଲ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏବଂ ପ୍ରଭାତୀ ପରିଡ଼ା ପକ୍ଷଭୁକ୍ତ କରାଯାଇଛି। ଏହି ମାମଲାରେ ଏଜି ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖି ଅଧିକ ତଥ୍ୟ ନଥିବାରୁ ମାମଲାକୁ ଖାରଜ କରାଯିବା ଲାଗି ପ୍ରାର୍ଥନା କରିଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ମମାମଲାର ରାୟ ସଂରକ୍ଷିତ ରଖୁଛନ୍ତି । ଆବେଦନକାରିଣୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଏସ୍କାଭେଟର ପୋଡ଼ିବା ପରେ ମାଓବାଦୀଙ୍କ ନାଁରେ ୫୦ଲକ୍ଷ ପାଇଁ ଚିଠି

ଭୁବନେଶ୍ୱର, (ସବ୍ୟୁ) :ୟୁନିଟ୍-୨ ଅଞ୍ଚଳରେ ଜନାଶ୍ରୟ କେନ୍ଦ୍ର ନିର୍ମାଣରେ ନିୟୋଜିତ ଏସ୍କାଭେଟର ମେସିନ ପ୍ରଭୃତିରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡି ଦେଇଛନ୍ତି । ସେଠାରେ ନାଲି ଅକ୍ଷରରେ ଲେଖାଥିବା ଏକ ଚିଠି ଛାଡିଯାଇଛନ୍ତି । ଯେଉଁଥିରେ ମାଓବାଦୀଙ୍କ ନାଁ ଲେଖା ରହିବା ସହ ଠିକାଦାରଙ୍କୁ ୫୦ଲକ୍ଷ ଟଙ୍କା ବଟି ମଗାଯାଇଛି ।

ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏ ସମ୍ପର୍କରେ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ମାଓବାଦୀଙ୍କ ନାଁରେ ଲେଖାଥିବା ଚିଠିକୁ ଜବତ କରିବା ସହ ତଦନ୍ତକୁ ତ୍ୱରାନ୍ୱିତ କରିଛି । ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ପ୍ରଭୃତି ପୋଲିସ ଯାଞ୍ଚ କରି ଫୁଟେଜ୍ ପ୍ରଭୃତି ସଂଗ୍ରହ କରୁଛି । ଚିଠିରେ ମାଓବାଦୀଙ୍କ ନା ଲେଖାଥିବାରୁ ଘଟଣାକୁ ଗୁରୁତର ସହ ବିଚାର କରୁଛି କମିଶନରେଟ୍ ପୋଲିସ ।

କେବଳ ପୋଲିସ ନୁହେଁ ଗୁଇନ୍ଦା ମଧ୍ୟ ସଜାଗ ହୋଇ ତଥ୍ୟ ସଂଗ୍ରହ କରୁଛି । ନିଆଁ କିଏ କାହିଁକି ଲଗାଇଲା ତାହା ଜାଣିବା ପାଇଁ ପୋଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ଚଳାଇଛି । ଠିକାଦାରଙ୍କ କେହି ବିରୋଧୀ ନିଆଁ ଲଗାଇଛନ୍ତି ନାଁ ସେହି କାମ ନେବା ପାଇଁ ଅନ୍ୟ କେଉଁ ଠିକାଦାର ଚାହୁଁଥିଲା ସେ ଏପରି କାମ ଦୁର୍ବୃତ୍ତଙ୍କୁ ଲଗାଇ କରିଛି ତଦନ୍ତ ଆଗକୁ ବଢିଲେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ନାଲି ଅକ୍ଷରରେ ମାଓବାଦୀଙ୍କ ନାଁ ଲେଖା ରହିବା ସହ ୫୦ଲକ୍ଷ ଟଙ୍କା ବଟି ମଗାଯାଇଥିବାରୁ ପ୍ରଶାସନ ଘଟଣାକୁ ଗୁରୁତର ସହ ବିଚାର କରୁଛି ।

### ଓଡ଼ିଆ ବିଶ୍ୱବିଦ୍ୟାଳୟ ଭିସି ଚୟନ କମିଟିକୁ ବିରୋଧ ମାମଲା


# ପିଟିସନ୍‌କୁ ଖାରଜ କଲେ ହାଇକୋର୍ଟ

କଟକ,(ସବ୍ୟୁ): ସତ୍ୟବାଦୀଠାରେ ସ୍ଥାପିତ 'ଓଡ଼ିଆ ବିଶ୍ୱବିଦ୍ୟାଳୟ'ର ସ୍ଥାୟୀ କୁଳପତି (ଭିସି) ନିଯୁକ୍ତି ପାଇଁ ଗଠିତ ଚୟନ କମିଟି ବିରୋଧରେ ଆଗତ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆବେଦନକାରୀ ମଦନମୋହନ ମହାପାତ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ଶ୍ରୀ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଥିଲା ଯେ, ଉଚ୍ଚଶିକ୍ଷା ବିଭାଗ ଓ କୁଳାଧିପତିଙ୍କ ସଚିବାଳୟ ଦ୍ୱାରା ଜାରି ବିଜ୍ଞପ୍ତି କମିଟିର ସଦସ୍ୟ ଏବଂ ଚେୟାରମ୍ୟାନ୍ ମନୋନୟନ ଅସାମ୍ବିଧାନିକ ଓ ନିୟମ ବହିର୍ଭୂତ ଥିଲା। ଆବେଦନକାରୀଙ୍କ ଅଭିଯୋଗ ଥିଲା ଯେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଅଧିନିୟମ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରଥମ ଷ୍ଟାଚ୍ୟୁଟ୍, ୨୦୨୫ର ପ୍ରାବଧାନ ଅନୁଯାୟୀ ସିଲେକ୍ସନ୍ କମିଟିରେ ଓଡ଼ିଆ ଭାଷା ଓ ସାହିତ୍ୟର ବିଶେଷଜ୍ଞଙ୍କ ବଦଳରେ ସଂସ୍କୃତ ବିଷୟର ପ୍ରଫେସରମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏହା ସହିତ କୁଳାଧିପତି, ରାଜ୍ୟ ସରକାର, ୟୁଜିସି ଏବଂ ବିଶ୍ୱବିଦ୍ୟାଳୟ ବୋର୍ଡ ଦ୍ୱାରା ମୋଟ୍ ୭ ଜଣିଆ ସିଲେକ୍ସନ୍ କମିଟି ଗଠନ କରାଯାଇଥିଲା, ଯେଉଁଥିରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ତେବେ ହାଇକାର୍ଟ ସମସ୍ତ ପକ୍ଷ ଓ ଆଇନଗତ ପ୍ରାବଧାନକୁ ତର୍ଜମା କରିବା ପରେ ଏହି ସିଲେକ୍ସନ୍ କମିଟି ଗଠନ ନିୟମାନୁସାରେ ହୋଇଛି ବୋଲି ସ୍ପଷ୍ଟ କରିବା ସହ ଜନସ୍ୱାର୍ଥ ମାମଲାଟିକୁ ଖାରଜ କରି ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଏଜି ପୀତାମ୍ବର ଆଚାର୍ଯ୍ୟ, ଏଜିଏ ଶାଶ୍ୱତ ଦାଶ ମାମଲା ପରିଚାଳନା କରୁଥିଲେ।

### କମିସନରେଟ୍ ପୁଲିସର ଜୋରଦାର ଧରପଗଡ

# ୩ ଦିନରେ ୨୬୨ ଗାଡି ଜବତ

କଟକ,(ସବ୍ୟୁ): ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ମୁଖ୍ୟତଃ ମହିଳା ସୁରକ୍ଷା, ନିଶା ଓ ଅବୈଧ କାରବାର, ଟ୍ରାଫିକ ନିୟମ ଖିଲାପକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ବିନୟତୋଷ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ କମିସନରେଟ୍ ପୁଲିସ ପକ୍ଷରୁ କଟକ-ଭୁବନେଶ୍ୱରରେ ଜୋରଦାର ଧରପଗଡ ଜାରି ରହିଛି । ଗତ ୨ ଦିନ ଧରି କଟକ ସହରରେ ଥାନାୱାରୀ ବ୍ଲକିଂ/ଚେକିଂକୁ ଜୋରଦାର କରାଯାଇଥିଲା । ଗତ ୨୫ ତାରିଖ ରାତିରେ ଯାଞ୍ଚ ସମୟରେ ନିଶାସକ୍ତ ଅବସ୍ଥାରେ ଗାଡି ଚଲାଇବା ନେଇ ୫୦ଟି ଗାଡି ଜବତ ସହ ୫୦ଟି ମାମଲା ରୁଜୁ ହୋଇଛି । ସେଥିମଧ୍ୟରେ ୪ଟି ଚାରି ଚକିଆ ଓ ୪୬ଟି ଦୁଇ ଚକିଆ ଗାଡି ରହିଛି । ବିକଟାଳ ଶବ୍ଦ କରୁଥିବା ମୋଡିଫାଏଡ ସାଇଲେନ୍ସର ନେଇ ୨ଟି ମାମଲା ଦାୟର ହୋଇଛି । ସେହିପରି ନିଶାଦ୍ରବ୍ୟ ଚାଲାଣ ନେଇ ୩ଟି ରୁଜୁ ମାମଲାରେ ୧୮ ଲିଟର ଆସ୍କାଫର୍ଟି ମଦ ଜବତ ହୋଇଛି । ୨୬ ତାରିଖରେ ନିଶାପାନ କରି ଗାଡି ଚଲାଇବା ଅଭିଯୋଗରେ ୯୦ଟି ଗାଡି ଜବତ ହୋଇଛି । ସେଥିମଧ୍ୟରେ ୨୧ଟି କାର, ୬୯ଟି ଦୁଇ ଚକିଆ ଗାଡି ରହିଛି । ମୋଡିଫାଏଡ ସାଇଲେନ୍ସର ନେଇ ୨ଟି ଏବଂ ୨ଟି ବେଆଇନ ନିଶାଦ୍ରବ୍ୟ ଚାଲାଣ ମାମଲାରେ ୪୦ ଲିଟର ଦେଶୀ ମଦ, ୫ ଲିଟର ଆସ୍କାଫର୍ଟି ମଦ ଜବତ ହୋଇଛି ।ଏହାବାଦ ୨ଟା ବାଲି ବୋଝେଇ ହାଇୱାକୁ ମଧ୍ୟ ଜବତ କରାଯାଇଛି । ନିଶା କାରବାର ନେଇ ୨ଟି, ମୋଡିଫାଏଡ ସାଇଲେନ୍ସର ନେଇ ୨ଟି ଏବଂ ସର୍ବସାଧାରଣ ସ୍ଥାନରେ ବସି ନିଶା ସେବନ କରିବା ନେଇ ୩ଟି ମାମଲା ଦାୟର ହୋଇଥିବା ସୂଚନା ଦିଆଯାଇଛି ।






ରକ୍ଷାବନ୍ଧନ ଅବସରରେ ପୂର୍ତ୍ତ, ଆଇନ୍ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କୁ ରାଖୀ ବାନ୍ଧୁଛନ୍ତି ମହିଳା

# ଖୋର୍ଦ୍ଧା ଜିଲ୍ଲା ପୁଲିସରେ ବଡ଼ ଧରଣର ବଦଳି; ୧୦ ଇନ୍ସପେକ୍ଟରଙ୍କୁ ନୂଆ ଦାୟିତ୍ୱ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପୁଲିସରେ ଇନ୍ସପେକ୍ଟର ପାହ୍ୟାରେ ବଡ଼ ଧରଣର ବଦଳି ଓ ପୋଷ୍ଟିଂ କରାଯାଇଛି । ବର୍ତ୍ତମାନର ଖାଲି ପଦ, ପ୍ରଶାସନିକ ଆବଶ୍ୟକତା ଓ ଜନସେବାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ଏସ୍‌ପି ପରମାର ସ୍ମିଥ୍ ପର୍ଶୋତମ ଦାସଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଆଦେଶ ନଂ-୭୧୭, ତାରିଖ ୨୭.୦୮.୨୦୨୬ରେ ଏହି ବଦଳି ଆଦେଶ ଜାରି ହୋଇଛି । ଆଦେଶ ଅନୁଯାୟୀ, କାହ୍ନୁ ଚରଣ ସ୍ୱାଇଁଙ୍କୁ ବେଗୁନିଆ ଥାନା ଅଧିକାରୀ ପଦରୁ ବୋଲଗଡ଼ ଥାନାର ଅଧିକାରୀ ଭାବେ ଏବଂ ସୁକାନ୍ତ କୁମାର ଦଳାଇଙ୍କୁ ବୋଲଗଡ଼ ଥାନାରୁ ବେଗୁନିଆ ଥାନାକୁ ବଦଳି କରାଯାଇଛି । ସେହିପରି ରିଣାରାଣୀ ସାହୁଙ୍କୁ ଖୋର୍ଦ୍ଧା ଡିପିଓ ର ହେଡକ୍ୱାର୍ଟର୍ସରୁ ନିରାକାରପୁର ଥାନାର ଅଧିକାରୀ, ବିଶ୍ୱଜିତ ରାଉତରାୟଙ୍କୁ ନୀରାକାରପୁର ଥାନାରୁ ଶିଳ୍ପାଂଚଳ ଥାନା ଅଧିକାରୀ ଏବଂ ରମେଶ କୁମାର ଦେବତାଙ୍କୁ ଡିସିଆରବି, ଡିପିଓ ଖୋର୍ଦ୍ଧାରୁ ଖୋର୍ଦ୍ଧା ଆଦର୍ଶ ଥାନାର ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଏଥିସହିତ ଭାଗ୍ୟଶ୍ରୀ ବେହେରାଙ୍କୁ ସିସି ଆଣ୍ଡ ଇଓ ଖୋର୍ଦ୍ଧା ପୁଲିସ ଷ୍ଟେସନରୁ ବାଘମାରୀ ଥାନା ଅଧିକାରୀ ଏବଂ ଚନ୍ଦ୍ରଶେଖର ଜେନାଙ୍କୁ ସିସି ଆଣ୍ଡ ଇଓ, ଖୋର୍ଦ୍ଧା ପୁଲିସ ଷ୍ଟେସନରୁ ଜଙ୍କିଆ ଥାନାର ଅଧିକାରୀ ଭାବେ ପୋଷ୍ଟିଂ ଦିଆଯାଇଛି । ସଞ୍ଜୟ କୁମାର ନାୟକଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ପଦରୁ ଡିଆଇବି, ଡିପିଓ ଖୋର୍ଦ୍ଧାକୁ, ସୁଶାନ୍ତ କୁମାର ବେହେରାଙ୍କୁ ଡିଆଇବି, ଡିପିଓ ଖୋର୍ଦ୍ଧାରୁ ସିସି ଆଣ୍ଡ ଇଓ, ଖୋର୍ଦ୍ଧା ପୁଲିସ ଷ୍ଟେସନକୁ ଏବଂ ଉମେଶ ସାହୁଙ୍କୁ ଶିଳ୍ପାଂଚଳ ଥାନାରୁ ଡିସିଆରବି, ଡିପିଓ ଖୋର୍ଦ୍ଧାକୁ ବଦଳି କରାଯାଇଛି । ଏହି ବଦଳି ଓ ପୋଷ୍ଟିଂ ସମ୍ପର୍କରେ ନିଷ୍ପତି ଅନୁଷ୍ଠିତ ଖୋର୍ଦ୍ଧା ଜିଲ୍ଲା ଏଷ୍ଟାବ୍ଲିସମେଂଟ ବୋର୍ଡ ବୈଠକରେ ନିଆଯାଇଥିବା ଆଦେଶରେ ଉଲ୍ଲେଖ ରହିଛି ।

## ଝୁରୁଡ଼ି ଲୁହାପଥର ଖଣି ଲିଜ୍‌ଧାରୀ କମ୍ପାନୀକୁ ହାଇକୋର୍ଟଙ୍କ ଝଟ୍‌କା

# ସରକାରଙ୍କ ବକେୟା ରାଜସ୍ୱ ପୈଠ କରିବାକୁ ନିର୍ଦ୍ଦେଶ

କଟକ,(ସବ୍ୟୁ): କେନ୍ଦୁଝର ଜିଲ୍ଲାର ଝୁରୁଡ଼ି ଲୁହାପଥର ଖଣି ଲିଜଧାରୀ କମ୍ପାନୀ 'ମେସର୍ସ ଜଗତ ଜନନୀ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍'କ ହାଇକୋର୍ଟରୁ ଝଟ୍‌କା ଲାଗିଛି । ଖଣି ବିଭାଗ ପକ୍ଷରୁ ଜାରି କରାଯାଇଥିବା ବର୍ଦ୍ଧିତ ରୟାଲଟି ଓ ଅନ୍ୟାନ୍ୟ ସରକାରୀ ପ୍ରାପ୍ୟ (ଡିମାଣ୍ଡ ନାଟିସ୍)କୁ ବେଆଇନ ଦର୍ଶାଇ ଏହି କମ୍ପରାନୀ ହାଇକୋର୍ଟକୁ ଆସିଥିଲା । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି କମ୍ପାନୀର ଆବେଦନକୁ ଖାରଜ କରି ଦେଇଛନ୍ତି । ଫଳରେ କମ୍ପାନୀକୁ ସରକାରଙ୍କ ଦାବି ମୁତାବକ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ପଡ଼ିବ । କମ୍ପାନୀ ଖଣିଜ ପରିବହନ ପାଇଁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଷ୍ଟକ୍‌ରୁ ଲୁହାପଥରର ନମୁନା ସଂଗ୍ରହ କରାଇ ରାସାୟନିକ ପରୀକ୍ଷା କରାଇଥିଲା । ଏହାର ରିପୋର୍ଟ ଆଧାରରେ ଟ୍ରାଞ୍ଜିଟ୍ ପରମିଟ୍ ଜାରି ହୋଇଥିଲା । ପରେ ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଣ୍ଟ ଷ୍କ୍ୱାଡ୍ ଦ୍ୱାରା ଆକସ୍ମିକ ଯାଞ୍ଚ କରାଯିବା ବେଳେ ଲୁହାପଥରର ଗ୍ରେଡ୍‌ରେ ଅସଙ୍ଗତି ଠାବ ହୋଇଥିଲା । ଏନେଇ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ପରବର୍ତ୍ତୀ ସମୟରେ ପାଞ୍ଚଟି ଷ୍ଟକ୍‌ର ସାମ୍ପଲ୍ ପୁନଃ ରାସାୟନିକ ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷାରେ ଅନୁମୋଦିତ ଗ୍ରେଡ୍‌ଠାରୁ ଅଧିକ ମାନର ଲୁହାପଥର ଥିବା ଜଣାପଡ଼ିଥିଲା । ଫଳରେ ଅଧିକ ରୟାଲିଟି ଓ ଅନ୍ୟାନ୍ୟ ବୈଧାନିକ ଦେୟ ଦେବାକୁ କମ୍ପାନୀକୁ ଡିମାଣ୍ଡ ନୋଟିସ୍ ଜାରି ହୋଇଥିଲା । କମ୍ପାନୀ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ, ଓଡ଼ିଶା ମିନେରାଲ୍ସ ରୁଲ୍ସ, ୨୦୦୭ର ନିୟମ ୧୦(୫) ଅନୁଯାୟୀ ସାମ୍ପଲ୍‌କୁ ତିନି ମାସ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଏ । ତେଣୁ ଏହି ଅବଧି ପରେ ସାମ୍ପୁଲ୍ ପରୀକ୍ଷା କରାଯାଇଥିଲେ ତାହାକୁ ଆଧାର କରି ଦାବି ଉଠାଯାଇପାରିବ ନାହିଁ । ତେବେ ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି । ଏହାପରେ ହାଇକୋର୍ଟ ରିଟ୍ ଆବେଦନକୁ ଖାରଜ କରିବା ସହ ଡିମାଣ୍ଡ ନୋଟିସ୍‌ରେ ଦର୍ଶାଯାଇଥିବା ରାଶି, ଯଦି ପୂର୍ବରୁ ପୈଠ ହୋଇନଥାଏ, ତେବେ ରାୟ ପ୍ରକାଶ ତାରିଖଠାରୁ ଚାରି ସପ୍ତାହ ମଧ୍ୟରେ ପୈଠ କରିବାକୁ କମ୍ପାନୀକୁ ଅନୁମତି ଦେଇଛନ୍ତି ।

# ନବୀନ ନିବାସରେ ରକ୍ଷାବନ୍ଧନ ପର୍ବ



ଭୁବନେଶ୍ୱର, (ସବ୍ୟୁ): ରକ୍ଷା ବନ୍ଧନ ଅବସରରେ ନବୀନ ନିବାସ ରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବାକୁ ବିଶେଷ ଭିଡ଼ ହୋଇଥିଲା । କୁନି କୁନି ଝିଅ ମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ର ସଭ୍ୟ ମାନେ ବିରୋଧୀ ଦଳ ନେତାଙ୍କୁ ରାଖୀ ବାନ୍ଧି ବାକୁ ସମବେତ ହୋଇଥିଲେ । ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ବ୍ରହ୍ମକୁମାରୀ ମାନେ ଗାଇଡ଼୍‌ସ ର ଛାତ୍ରୀ ମାନେ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଓ ଗୁରୁଜୀ ମାନେ ଓ ବିରୋଧୀଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ପ୍ରମୁଖ ବିରୋଧୀଦଳ ନେତା ଙ୍କୁ ରାଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ପଟ୍ଟନାୟକ ଶୁଭେଚ୍ଛା ଗ୍ରହଣ କରି ସବୁ ଭେଦ ଭାବ ଭୁଲି ଆମର ସାମାଜିକ ଓ ସାଂସ୍କୃତିକ ବନ୍ଧନ କୁ ସୁଦୃଢ଼ କରିବାକୁ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

## ଝଗଡ଼ା ସମାଧାନ କରୁଥିବା ବୃଦ୍ଧଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

କଟକ,(ସବ୍ୟୁ): ଲାଲବାଗ ଥାନା ଅଞ୍ଚଳରେ ୨ ଜଣଙ୍କ ଝଗଡ଼ା ସମାଧାନ କରିବାକୁ ଯାଇ ଜଣେ ବୃଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି । ଜଣକର ପଥର ଛେଚାରେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି । ଆହତ ବୃଦ୍ଧଜଣକ ହେଲେ ଲାଲବାଗ ଥାନା ଅନ୍ତର୍ଗତ ଚାନ୍ଦିନଚୌକରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ରାଜନଗରର ଅନନ୍ତ ଚରଣ ଜେନା(୫୮) । ଅଭିଯୋଗକ୍ରମେ ପୁଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତକୁ ଗିରଫ କରିଛି । ସେ ହେଲା ସ୍ଥାନୀୟ ମହମ୍ମଦିଆ ବଜାର ଅଞ୍ଚଳର ଦେବାଶିଷ ସାହୁକୁ ଗିରଫ କରିଛି । ଦେବାଶିଷ ଦିନ ମଜୁରିଆ ଭାବେ କାର୍ଯ୍ୟ କରେ । ଗତକାଲି ସେ ବାଲୁବଜାର ଛକରେ କାର୍ଯ୍ୟ ସନ୍ଧାନରେ ଅନ୍ୟ ଶ୍ରମିକଙ୍କ ସହିତ ବସିଥିଲା,ହେଲେ ନିଶାସକ୍ତ ଅବସ୍ଥାରେ ଥିବାରୁ ସେ ଆଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲା । ଏହାକୁ ଦେଖି ଅନ୍ୟଜଣେ ଶ୍ରମିକ ବିରୋଧ କରିଥିଲା । ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ଘଟିଥିଲା । ଏତିକି ବେଳେ ଅନନ୍ତ ପାଖରେ ସାଇକଲ ରଖି ଜଣକ ସହିତ କଥା ହେଉଥିଲେ । ଏପଟେ ମାରପିଟ୍‌ରେ ଭାରସାମ୍ୟ ହରାଇ ଦେବାଶିଷ ଅନନ୍ତଙ୍କ ସାଇକଲ ଉପରେ କଚାଡ଼ି ହୋଇପଡିଥିଲା ।

# ଶତାଧିକ ପୋଲିସ କର୍ମଚାରୀଙ୍କୁ ରାଖୀ ବାନ୍ଧିଲେ ଡିଏଭି ଏସ୍‌ସିବି ଛାତ୍ରୀ

କଟକ, (ସ୍ୱପ୍ର) : ଭାଇ-ଭଉଣୀର ସ୍ନେହ, ବିଶ୍ୱାସ ଓ ସୁରକ୍ଷାର ପବିତ୍ର ବନ୍ଧନର ପର୍ବ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲର ଛାତ୍ରୀମାନେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରି ସହରର ସୁରକ୍ଷାରେ ନିୟୋଜିତ ପୋଲିସ କର୍ମଚାରୀମାନଙ୍କ ହାତରେ ସ୍ନେହର ରାଖୀ ବାନ୍ଧିଥିଲେ । ବିଦ୍ୟାଳୟର ଅଧକ୍ଷ ଡଃ ନିରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ



ଛାତ୍ରୀମାନେ ଶତାଧିକ ପୁଲିସ କର୍ମଚାରୀଙ୍କ ସମେତ କଟକର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରେୟ ବାସୁଦେବ ଶିନ୍ଦେ, କଟକ ଡିସିପି ଆର୍‌ଡି. ଖିଲାରୀ ଏବଂ ରାଜସ୍ୱ ବିଭାଗର ଏଡିଏମ୍ ଡଃ ଦିବ୍ୟଲୋଚନ ମହାନ୍ତଙ୍କୁ ରାକ୍ଷୀ ପିନ୍ଧାଇ ଭାଇ-ଭଉଣୀର ଅମଳିନ ସମ୍ପର୍କକୁ ସୁଦୃଢ଼ କରିଥିଲେ । ଛାତ୍ରଛାତ୍ରୀମାନେ ନିଜ ହାତ ତିଆରି ରାକ୍ଷୀ ମାଧ୍ୟମରେ ସହରର ନିରାପତ୍ତା ପାଇଁ ଦିନରାତି କର୍ତ୍ତବ୍ୟରତ ପୁଲିସ ବାହିନୀ ପ୍ରତି କୃତଜ୍ଞତା, ସମ୍ମାନ ଓ ଭାଇଚାରାର ଭାବ ପ୍ରକାଶ କରିଥିଲେ । ଏହି ସ୍ନେହର ସୂତା ମାଧ୍ୟମରେ ସେମାନେ ନିଜ ଜୀବନର ସୁରକ୍ଷା ପାଇଁ ପୁଲିସ କର୍ମଚାରୀମାନଙ୍କୁ ଏକ ଆତ୍ମୀୟ "ସୁରକ୍ଷା କବଚ' ଭାବେ ସମ୍ମାନ ଜଣାଇଥିଲେ । ପୋଲିସ କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କ ଏହି ସ୍ନେହଭରା ପ୍ରୟାସରେ ଅଭିଭୂତ ହୋଇ ସେମାନଙ୍କୁ ଆଶୀର୍ବାଦ ଓ ଶୁଭକାମନା ଜଣାଇଥିଲେ । ରାକ୍ଷୀର ଏହି ପବିତ୍ର ବନ୍ଧନ ସମାଜ ଓ ସୁରକ୍ଷା ବାହିନୀ ମଧ୍ୟରେ ବିଶ୍ୱାସ, ସମ୍ମାନ ଓ ସହଯୋଗର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି ।

## କଲେଜ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରସଙ୍ଗ

# ଶିକ୍ଷା ବ୍ୟବସ୍ଥାର ଅବନତି ପାଇଁ ରାଜ୍ୟ ସରକାରଙ୍କର ତୋଗଲକି ନୀତି ଦାୟୀ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ପରୀକ୍ଷାମୂଳକ ଭାବେ ଛାତ୍ରଛାତ୍ରୀ ମାନଙ୍କର ବାୟୋମେଟ୍ରିକ ଉପସ୍ଥାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ଘୋଷଣାକୁ ତୀବ୍ର ସମାଲୋଚନା କରିଛି ବିଜୁ ଜନତା ଦଳ । ବିଜେପି ସରକାରଙ୍କ ଗତ ଦୁଇ ବର୍ଷର ଶାସନରେ ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି ଓ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ଆବଶ୍ୟକତା ପୂରଣ ହୋଇପାରି ନଥିବା ବେଳେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବିଜେଡି ପ୍ରଶ୍ନ କରିଛି । ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି ରାଜ୍ୟ ସରକାରଙ୍କ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି । ରାଜ୍ୟରେ ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି । ବିଜେପିର ନେତାମାନେ କଲେଜ ପରିଚାଳନାରେ ଅନାବଶ୍ୟକ ହସ୍ତକ୍ଷେପ କରୁଛନ୍ତି । ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଆବଶ୍ୟକ ସଂଖ୍ୟକ ଅଧାପକ, ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରୁନାହିଁ ।

ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ଅଧାପକ ଓ କର୍ମଚାରୀମାନଙ୍କ ପାଇଁ ଏପର୍ଯ୍ୟନ୍ତ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ । ଏହି ପରିପ୍ରେକ୍ଷୀରେ, ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେବା ରାଜ୍ୟ ସରକାରଙ୍କର ତୋଗଲକି ନୀତିର ପରିଚୟ । ରାଜ୍ୟ ସରକାର ରାଜ୍ୟରେ କେଜିରୁ ପିଜି ମାଗଣା ଶିକ୍ଷା କଥା ଘୋଷଣା କଲେ । ଏନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଶିକ୍ଷାନୁଷ୍ଠାନ ଗୁଡିକୁ ଦିଆଯାଇନାହିଁ, ଯେଉଁ କାରଣରୁ ଅନେକ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଫି ଆଦାୟ କରାଯାଉଛି । ଏହାଛଡା ଅନେକ ଶିକ୍ଷା ଅନୁଷ୍ଠାନରେ ସେଲ୍ଫ ଫାଇନାନ୍ସ (ନିଜସ୍ୱ ପାଣ୍ଠି) ବ୍ୟବସ୍ଥାରେ ଶିକ୍ଷା ପ୍ରଦାନ କରାଯାଉଛି । ଏହି ବ୍ୟବସ୍ଥାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ । ରାଜ୍ୟ ସରକାର ନିଜର ଅପାରଗତା ଲୁଚାଇବାକୁ ଯାଇ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ ଉପସ୍ଥାନ କଥା କହୁଛନ୍ତି । ଶୃଙ୍ଖଳା ଆଳରେ ଛାତ୍ରଛାତ୍ରୀମାନଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି ରାଜ୍ୟ ସରକାର । 'ଜେନ୍-ଜି'ଙ୍କ ପ୍ରତି ସରକାରଙ୍କ ଏହି ଆଭିମୁଖ୍ୟ ଯଥାର୍ଥ ନୁହଁ । ରାଜ୍ୟ ବିଜେପି ସରକାରଙ୍କର ତୋଗଲକି ନୀତି ସକାଶେ ଶିକ୍ଷା ବ୍ୟବସ୍ଥାର ଦ୍ରୁତ ଅବନତି ଘଟିଛି ବୋଲି ଡ. ମହାନ୍ତି ଅଭିଯୋଗ କରିଥିଲେ ।




ପବିତ୍ର ରକ୍ଷାବନ୍ଧନ ଅବସରରେ ଉତ୍କଳମଣୀ ଗୋପବନ୍ଧୁ ବୃଦ୍ଧାଶ୍ରମରେ ରାଖୀ ବାନ୍ଧୁଛନ୍ତି ତିଖିରି ସରପଞ୍ଚ ଚାମେଲି ଓଝା ।

# ହାଇଟେକ୍ ପକ୍ଷରୁ ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ ଓ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ଗ୍ରୁପ୍ ପକ୍ଷରୁ କେନ୍ଦ୍ରାପଡାଜିଲ୍ଲା ପଟ୍ଟାମୁଣ୍ଡାଇରେ ବନ୍ୟା ପ୍ରପିଡୀତଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି ଓ ଅତ୍ୟାବଶକୀୟ ସାମଗ୍ରୀ ଥିଲା ରିଲିଫ୍ ପ୍ୟାକେଟ୍ ଏହି ଅଞ୍ଚଳରେ ଥିବା ଲୋକଙ୍କୁ ବଣ୍ଟନ କରାଯାଇଥିବା ବେଳେ, ସେମାନଙ୍କ ଏହି ଦୁର୍ଦିନରେ ସାମିଲ୍ ହୋଇଥିଲା ହାଇଟେକ୍ ପରିବାର । ଲଗାଣ ବର୍ଷା ଜନିତ ବନ୍ୟାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ହଜାର ହଜାର ଲୋକ ପ୍ରଭାବିତ ହେବାସହ ବ୍ୟାପକ ଫସଲ ହାନି ଘଟିଛି, ଲୋକମାନେ ଘରୁ ବାହାରକୁ ବାହାରି ପାରୁନାହାଁନ୍ତି, ଏଭଳି ସମୟରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଓ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ରିଲିଫ୍ ବାଣ୍ଟିବାକୁ ହାଇଟେକ୍ ମେଡିକାଲ୍‌ର ଏକ ଟିମ୍ କର୍ପୋରେଟ ଉପସଭାପତି ମନୋଜ ଦାସଙ୍କ ନେତୃତ୍ୟରେ ପହଞ୍ଚିଥିଲା ଓ ହଜାରେରୁ ଅଧିକ ବନ୍ୟା ପ୍ରପିଡୀତଙ୍କୁ



ରିଲିଫ୍ ପ୍ୟାକେଟ ହସ୍ତାନ୍ତର କରିବା ବେଳେ, ସେମାନଙ୍କ ମୁହଁରେ ହସ ଫୁଟିଥିଲା, ଏହି ପ୍ୟାକେଟରେ ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ସାମଗ୍ରୀ ସହ ମହମବତୀ ଏବଂ ଦିଆସିଲି ରହିଥିଲା ଓ ଆସନ୍ତାଦିନରେ ମଧ୍ୟ ହାଇଟେକ୍ ଗ୍ରୁପ୍ ପକ୍ଷରୁ ଏଭଳି କାର୍ଯ୍ୟ ହାତକୁ ନିଆଯାଇ ଲୋକଙ୍କ ସହ ସବୁ ସମୟରେ ରହି ସେବା କରିବ ବୋଲି ହାଇଟେକ୍ ଗ୍ରୁପ୍ ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି । ଏହି ରିଲିଫ ବଣ୍ଟନ ସମୟରେ ସ୍ଥାନୀୟ ବିଧାୟକ ଧ୍ରୁବଚରଣ ସାହୁ,ମ୍ୟୁନିସିପାଲଟିର କର୍ମକର୍ତ୍ତା, ସ୍ଥାନୀୟ କାଉନସିଲର ସହଯୋଗ କରିଥିଲେ । ହାଇଟେକ୍ ଗ୍ରୁପ୍‌ର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକ ପ୍ରଶଂସା କରିଥିବା ବେଳେ, ଏହି ରିଲିଫ ବଣ୍ଟନ ଦ୍ୱାରା ଅନେକ ଲୋକ ଉପକୃତ ହୋଇପାରିଥିବା ବିଧାୟକ ଧ୍ରୁବ ସାହୁ କହିଛନ୍ତି । ସେହିପରି ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସପିଟାଲ୍ ପକ୍ଷରୁ ଗତ ତିନିଦିନ ଧରି ଉଦ୍ରକଜିଲ୍ଲାର ବୋଡକ, ଧୁଷୁରୀ ଓ କରାଡ ବ୍ଲକ୍‌ରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯାଇ ବନ୍ୟା ପ୍ରପିଡୀତ ପ୍ରାୟ ୮ହଜାରରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକୀୟ ଚିକିତ୍ସା, ରକ୍ତ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା ଓ ଏହି ସ୍ୱାସ୍ଥ୍ୟ ଶିବିରରେ ହାଇଟେକ୍ ମେଡିକାଲ୍‌ର ବରିଷ୍ଠ ଚିକିତ୍ସକ, ଫାର୍ମାସି ଟିମ୍ ଓ ନର୍ସିଂ ଟିମ୍ ସାମିଲ୍ ଥିଲେ । ହାଇଟେକ୍ ସିଓଓ ଜ୍ୟୋର୍ତୀମୟ ପଣ୍ଡା ଏବଂ କର୍ପୋରେଟ ଉପସଭାପତି ମନୋଜ ଦାସ ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ ।

## ଘର କବାଟ ଭାଙ୍ଗି ସୁନା ଗହଣା ଲୁଟ୍
## ଲୁଟେରା ଗିରଫ, ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ଘର କବାଟ ତାଲା ପଡିଥିବା ବେଳେ ଲୁଟେରା ସୁଯୋଗ ଉଣ୍ଡି ତାଲା କାଟି କବାଟ ଭାଙ୍ଗିବା ପରେ ଘର ଭିତରକୁ ଯାଇ ଗଡ୍ରେଜରେ ଥିବା ସୁନାଗହଣା ଲୁଟି ନେଇଥିଲେ । ଘରକୁ ଫେରିବା ପରେ ଅଭିଯୋଗକାରୀ ଉର୍ମିଳା ନାୟକ ଦେଖିଥିଲେ, ଘର ତାଲା ଓ କବାଟ ପ୍ରଭୃତି ଭଙ୍ଗାଯାଇଛି । ଭିତରକୁ ଯାଇ ଗହଣା ଲୁଟ୍ ସମ୍ପର୍କରେ ଜାଣିବା ପରେ ଭରତପୁର ଥାନାରେ ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ଲୁଟେରା ପ୍ରତାପ ଦାସ (୨୧)କୁ ଗିରଫ କରିବା ସହ ତା'ନିକଟରୁ ହଳେ ସୁନା କାନ ରିଂ ଓ ଗୋଟିଏ ମଙ୍ଗଳସୂତ୍ର ଜବତ କରିଛି । ଗତ ୨୫ ତାରିଖ ଅପରାହ୍ନରେ ଅଭିଯୋଗକାରିଣୀ ଉର୍ମିଳା ତାଙ୍କ ଦୁଇ ଝିଅଙ୍କୁ ସ୍କୁଲରୁ ଆଣିବା ପାଇଁ ବରମୁଣ୍ଡା ରେଣ୍ଟାଲ କଲୋନୀସ୍ଥିତ ସରକାରୀ ସ୍କୁଲ ପାଖକୁ ଯାଇଥିଲେ ।

## ପାତ୍ରପଡା ଓଭରବ୍ରିଜ୍ ଉପରେ ଦୁର୍ଘଟଣା : ଗାଡି ଚଳାଚଳ ୧ଘଣ୍ଟା ବ୍ୟାହତ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ପାତ୍ରପଡା ନିକଟ ଜାତୀୟ ରାଜପଥ ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟିବାରୁ ଗାଡି ଚଳାଚଳ ପ୍ରାୟ ୧ଘଣ୍ଟା ବ୍ୟାହତ ହୋଇଥିଲା । ପୋଲିସ ପହଞ୍ଚି ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ଦୁଇଟି ଗାଡିକୁ ଜବତ କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଗାଡି ଚଳାଚଳ ସ୍ୱାଭାବିକ କରିବା ପାଇଁ ପୋଲିସ ଏକ୍ସରସାଇଜ୍ କରିବା ସହ ଆହତ ଡ୍ରାଇଭରକୁ ଚିକିତ୍ସା ପାଇଁ ପଠାଇଛି । ଆଗରେ ଯାଉଥିବା ଏକ କାର୍‌ର ପଛପଟକୁ ଅନ୍ୟ ଏକ କାର୍ ଖୁବ୍ ଜୋର୍‌ରେ ଧକ୍କା ଦେବାରୁ ଦୁଇଟି ଗାଡି ଭାଙ୍ଗିରୁଜି ଯାଇଥିବା ବେଳେ ପଛ ଗାଡି ଡ୍ରାଇଭର କାର୍‌ରେ ଚାପିହୋଇ ରହିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ କାର୍‌ରୁ ବାହାର କରିବା ପରେ ଖବର ପାଇ ପୋଲିସ ପହଞ୍ଚି ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଥିଲା । ଆଗ ଗାଡିରେ ଥିବା ଏକ ପରିବାରର କାହାରି କିଛି ସେପରି କ୍ଷତି ହୋଇନଥିବା ଜଣାପଡିଛି । ପଛ ଗାଡି ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି । କାହାରି ଜୀବନହାନି ହୋଇନଥିଲେ ମଧ୍ୟ ଦିନ ଅଢେଇଟାରୁ ସାଢେ ୩ଟା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା ।

# କିମ୍‌ସ ନେଫ୍ରୋଲୋଜିଷ୍ଟ ଡା. ଅଶ୍ୱିନୀ ପ୍ରସାଦ ପଟ୍ଟନାୟକଙ୍କୁ 'ଦ୍ରୋଣାଚାର୍ଯ୍ୟ ପୁରସ୍କାର'

ଭୁବନେଶ୍ୱର, (ସବ୍ୟୁ): ନେଫ୍ରୋଲୋଜି କ୍ଷେତ୍ରରେ ଆଜୀବନ ଅବଦାନ ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମସ), ଭୁବନେଶ୍ୱରର ବରିଷ୍ଠ ନେଫ୍ରୋଲୋଜିଷ୍ଟ ଡା. ଅଶ୍ୱିନୀ ପ୍ରସାଦ ପଟ୍ଟନାୟକଙ୍କୁ ପ୍ରତିଷ୍ଠିତ 'ଦ୍ରୋଣାଚାର୍ଯ୍ୟ ପୁରସ୍କାର' ପ୍ରଦାନ କରାଯାଇଛି । ଆସୋସିଏସନ୍ ଅଫ୍ ଭାସ୍କୁଲାର ଆକ୍ସେସ୍ ଆଣ୍ଡ ଇଣ୍ଟରଭେନସନ୍ ଇନ୍ ରିନାଲ୍ ଫିଜିକ୍ସ (ଅବତାର) ପକ୍ଷରୁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି । ଚେନ୍ନାଇଠାରେ ଅଗଷ୍ଟ ୨୩ରେ ଆୟୋଜିତ ଅବତାର ଫାଉଣ୍ଡେସନ୍ ଓ ଅବତାର ଇଣ୍ଡିଆ ସୋସାଇଟିର ତୃତୀୟ ବାର୍ଷିକ ସମ୍ମିଳନୀରେ ଡା. ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଜଣେ ଦକ୍ଷ ଶିକ୍ଷକ ଭାବେ ତାଙ୍କର ଅବଦାନ ସହ ନେଫ୍ରୋଲୋଜି ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକାକୁ ଏହି ସମ୍ମାନ ସ୍ୱୀକୃତି ଦେଇଛି । ସମ୍ମାନ ଗ୍ରହଣ କରି ଡା. ପଟ୍ଟନାୟକ ଏହାକୁ ତାଙ୍କ ଚିକିତ୍ସା ପେସାର ଯାତ୍ରାରେ ଏକ 'ଗଭୀର ମାଇଲଖୁଣ୍ଟ' ବୋଲି ବର୍ଣ୍ଣନା କରିଥିଲେ । ଏହି ପୁରସ୍କାର କେବଳ




ତାଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ସହକର୍ମୀ ଓ ସମଗ୍ର କିମସର ମିଳିତ ପ୍ରୟାସର ମଧ୍ୟ ସ୍ୱୀକୃତି ବୋଲି ସେ କହିଥିଲେ । ରୋଗୀସେବା କରିବା ଏବଂ ସ୍ୱାସ୍ଥ୍ୟସେବାର ଉନ୍ନତିରେ ଅବଦାନ ରଖିବା ପାଇଁ କିମସ ପକ୍ଷରୁ ମିଳିଥିବା ସୁଯୋଗ ଓ ପରିବେଶ ପାଇଁ ସେ କୃତଜ୍ଞତା ଜଣାଇଥିଲେ । ଏଥିସହ କିଟ, କିମସ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନରେ ଏହା ସମ୍ଭବ ହୋଇଥିବା ସେ ପ୍ରକାଶ କରିଛନ୍ତି । ମାନବସେବା ପ୍ରତି ତାଙ୍କର ଦୂରଦୃଷ୍ଟି, ନେତୃତ୍ୱ ଓ ପ୍ରତିବଦ୍ଧତା ଚିକିତ୍ସା କ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କୁ ଉତ୍କର୍ଷ ପାଇଁ ପ୍ରେରଣା ଯୋଗାଇ ଆସୁଛି ବୋଲି ଡା. ପଟ୍ଟନାୟକ ପ୍ରକାଶ କରିଛନ୍ତି । କିମସରେ ଯୋଗଦେବା ପୂର୍ବରୁ ଡା. ପଟ୍ଟନାୟକ ଭାରତୀୟ ରେଳବାଇରେ ୩୦ ବର୍ଷ କାର୍ଯ୍ୟ କରିଥିଲେ । ରେଳବାଇ ସହ ତାଙ୍କର ଦୀର୍ଘ ବୃତ୍ତିଗତ ସମ୍ପର୍କ ସମୟରେ ମିଳିଥିବା ଅଭିଜ୍ଞତା ଓ ସୁଯୋଗ ତାଙ୍କ ଚିକିତ୍ସା ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ସେ କହିଥିଲେ ।




ଗୋଲାବନ୍ଧଠାରେ ବିସ୍ଥାପିତଙ୍କୁ ପୁର୍ନବାସ ଓ ଥଇଥାନ ପ୍ୟାକେଜରେ ସହାୟତା ଓ ପଟ୍ଟା ପ୍ରଦାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ଗାନ୍ଧୀନଗର-ନୂଆ ବାରେକ୍ସ ସାହି ମୁଖ୍ୟ ରାସ୍ତା ମରଣଯନ୍ତା

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ମହାନଗର ନିଗମର ଜନନା ହସପିଟାଲ ରୋଡ, ଗାନ୍ଧୀନଗରର ତଳ ଓ ଉପର ମୁଖ୍ୟ ରାସ୍ତା, ଗୋଇଲୁଣ୍ଡି ଗେଟ ବଜାର ମୁଖ୍ୟ ରାସ୍ତା, ଗେଟ ବଜାର ଲୋଚାପଡା ରାସ୍ତା ସମେତ ଗାନ୍ଧୀ ନଗରର ୫ମ ଲାଇନ ଠାରୁ ୧୦ମ ଲାଇନ ରାସ୍ତା, ବଡ ବଜାର ଚନ୍ଦ୍ରମା ସାହି, ତିନି ମୂର୍ତ୍ତି ଦେଉଳ ସାହି ସମେତ ସହର ସମସ୍ତ ଗଳି କନ୍ଦିର ରାସ୍ତା ଅତି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଗାନ୍ଧୀନଗର-ନୂଆ ବାରେକ୍ସ ସାହି ମୁଖ୍ୟ ରାସ୍ତାର ଅବସ୍ଥା ଏତି ଅତ୍ୟନ୍ତ ଦୟନୀୟ ହୋଇ ଯାଇଛି । ସହର ସମସ୍ତ ରାସ୍ତାରେ ଖାଲଖମାମ ସହ ଗୋଡ଼ି, ପଥର ଇତ୍ୟାଦି ବାହାରି ପଡ଼ି ରହିଥିବାରୁ ରାସ୍ତାଟି ବିପଦଜନକ ହୋଇ ପଡ଼ିଛି । ଯାହା ଯାତାୟାତ ବେଳେ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଏହି କାରଣରୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ବିଶେଷକରି ଦୁଇଚକିଆ ଯାନ ଚଳାଇ ରାସ୍ତା ଦେଇ ଯିବାକୁ ବିପଦଜନକ ହୋଇପଡ଼ିଛି । ତେଣୁ ମହାନଗର ନିଗମର କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ମରାମତି କରିବା ଜରୁରୀ ହୋଇ ପଡ଼ିଛି । ସେହିପରି ଗାନ୍ଧୀ ପ୍ରତିମୂର୍ତ୍ତି ଠାରୁ ପୁରୁଣା ବସଷ୍ଟାଣ୍ଡ (ନୂଆ ବାରେକ୍ସ ସାହି) ଛୋଟ ସିଙ୍ଗଲ ରାସ୍ତାରେ ଦୁଇ ଚକିଆ ଯାନ ଗୁଡ଼ିକ ଦ୍ରୁତ ଗତିରେ ଯାତାୟାତ କରୁଥିବାରୁ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଥିବା ଲକ୍ଷ୍ୟ କରାଯାଉଛି । ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ମଧ୍ୟ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାକୁ ମରାମତି କାର୍ଯ୍ୟ ଆବଶ୍ୟକ ରହିଛି । ସମୟ ପୂର୍ବରୁ ଉଚିତ ପଦକ୍ଷପ ନିଆନଗଲେ ଆଗାମୀ ଦିନରେ ଦୁର୍ଘଟଣା ବଢ଼ିବାର ଆଶଙ୍କା ରହିଛି । ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ନେପାଳ ବନ୍ୟା ବିଭୀଷିକା ମଧ୍ୟରେ ଆଶ୍ୱସ୍ତି

# ବାରିପଦାର ଯୁବତୀ କୁଲସୁମ ନିଗାର ସୁରକ୍ଷିତ, ପରିବାରରେ ଖୁସିର ଲହରି

ବାରିପଦା, (ସବ୍ୟୁ) : ନେପାଳ ଓ ତିବ୍ବତ ସୀମାନ୍ତ ଅଞ୍ଚଳରେ ପ୍ରଳୟଙ୍କାରୀ ବନ୍ୟା ଓ ଭୂସ୍ଖଳନ ମଧ୍ୟରେ ନିଖୋଜ ଥିବା ବାରିପଦାର ଯୁବତୀ କୁଲସୁମ ନିଗାରଙ୍କୁ ନେଇ ଆସିଛି ଆଶ୍ୱସ୍ତିକର ଖବର । ୨୦ ବର୍ଷୀୟା କୁଲସୁମ ନିଗାର ଓ ତାଙ୍କ ସହ ଟ୍ରେକିଂରେ ଯାଇଥିବା ପୁରା ଟିମ୍ ସୁରକ୍ଷିତ ଥିବା ଜଣାପଡ଼ିଛି । ଗୁରୁବାର କୁଲସୁମ ନିଜେ ହ୍ୱାଟ୍ସଆପ୍ କଲ୍ ଯୋଗେ ବଡ଼ ଭଉଣୀଙ୍କ ସହ ଯୋଗାଯୋଗ କରି ସୁରକ୍ଷିତ ଥିବା ସୂଚନା ଦେବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି । ମେହେନ୍ଦୀ ଆର୍ଟିଷ୍ଟ ଭାବେ ପରିଚିତ କୁଲସୁମ ଗତ ୨୧ ତାରିଖ ସକାଳେ ବାରିପଦାରୁ ବସ୍ ଯୋଗେ କୋଲକାତା ଯାଇଥିଲେ । ସେଠାରୁ ମିଥିଳା ଏକ୍ସପ୍ରେସରେ ବିହାରର ରକ୍ସୌଲରେ ପହଞ୍ଚିବା ପରେ ୨୨ ତାରିଖ ସକାଳେ ସାଙ୍ଗମାନଙ୍କ



ସହ ନେପାଳ ସୀମା ଅତିକ୍ରମ କରି ପୋଖରା ଅଭିମୁଖେ ଯାଇଥିଲେ । ପୋଖରାରେ ପହଞ୍ଚିବା ପରେ ୧୦ ଜଣିଆ ଏକ ଟିମ୍ ପାହାଡ଼ିଆ ଅଞ୍ଚଳକୁ ଟ୍ରେକିଂ ପାଇଁ ବାହାରିଥିଲେ । ଏହି ଟିମରେ ଓଡ଼ିଶାର ଦୁଇଜଣ ଯୁବତୀ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଭୁବନେଶ୍ୱରର ହୋଇଥିବା ବେଳେ ଅନ୍ୟଜଣେ ଥିଲେ ବାରିପଦାର କୁଲସୁମ । ଗତ ୨୫ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ କୁଲସୁମ ଟ୍ରେକିଂ ପାଇଁ ବାହାରିବା ପୂର୍ବରୁ ତାଙ୍କ ବଡ଼ ଭଉଣୀ ତରନ୍ନୁମ ନିଗାରଙ୍କୁ ଶେଷ ଥର ପାଇଁ ମେସେଜ୍ କରିଥିଲେ । ପାହାଡ଼ିଆ ଅଞ୍ଚଳରେ ମୋବାଇଲ୍ ନେଟଓ୍ୱର୍କ ସମସ୍ୟା ଥିବାରୁ ତୁରନ୍ତ ଯୋଗାଯୋଗ ସମ୍ଭବ ହେବ ନାହିଁ ବୋଲି ସେ ଜଣାଇଥିଲେ । ଏହାପରେ ନେପାଳରେ ବନ୍ୟା ଓ ଭୂସ୍ଖଳନର ଭୟାବହ ଖବର ସାମ୍ନାକୁ ଆସିବା ସହ କୁଲସୁମଙ୍କ ସହ ଯୋଗାଯୋଗ ହୋଇ ନପାରିବାରୁ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ । କୁଲସୁମଙ୍କ ସନ୍ଧାନ ଓ ସୁରକ୍ଷିତ ଉଦ୍ଧାର ପାଇଁ ପରିବାର ପକ୍ଷରୁ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ, ପୋଖରା ପୋଲିସ, ଟୁରିଷ୍ଟ ପୋଲିସ ସମେତ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ା ଯାଇଥିଲା । ତେବେ ଗୁରୁବାର ମିଳିଛି ଏହାର ଅବସାନ ହୋଇଛି । ନେପାଳର ଧୋରପଠାନ ନିକଟରୁ କୁଲସୁମ ହ୍ୱାଟ୍ସଆପ୍ ମାଧ୍ୟମରେ ତାଙ୍କ ବଡ଼ ଭଉଣୀଙ୍କ ସହ ଯୋଗାଯୋଗ କରି ନିଜେ ଓ ତାଙ୍କ ସହ ଥିବା ସମସ୍ତ ସଦସ୍ୟ ସୁରକ୍ଷିତ ଥିବା ଜଣାଇଥିଲେ । ଏହି ଖବର ପାଇବା ପରେ ଦୀର୍ଘ ଦୁଇଦିନ ଧରି ଚିନ୍ତାରେ ଥିବା ପରିବାର ଆଶ୍ୱସ୍ତ ହୋଇଛି । କୁଲସୁମ ସୁରକ୍ଷିତ ଥିବା ଖବର ପରେ ପରିବାର ସହ ବାରିପଦାବାସୀଙ୍କ ମଧ୍ୟରେ ମଧ୍ୟ ଆଶ୍ୱସ୍ତି ପ୍ରକାଶ ପାଉଛି ।

# ବୃକ୍ଷରେ ରାକ୍ଷୀ ବାନ୍ଧି ସଚେତନତାର ବାର୍ତ୍ତା ଦେଲେ ଟ୍ରିମ୍ସ ଛାତ୍ରଛାତ୍ରୀ

କଟକ, (ସ୍ୱପ୍ର) : ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ପବିତ୍ର ରକ୍ଷା ବନ୍ଧନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ବିଶ୍ୱବିଦ୍ୟାଳୟ ପରିସରରେ ଥିବା ହନୁମାନ ବାଟିକାରେ ବିଭିନ୍ନ ଓୟଧୀୟ ବୃକ୍ଷରେ ସେମାନେ ରାକ୍ଷୀ ବାନ୍ଧି ମିଷ୍ଟାନ ବଣ୍ଟନ ସହ ପ୍ରକୃତି ଓ ପରିବେଶର ସୁରକ୍ଷା, ସବୁଜିମା ସୃଷ୍ଟି ସହ ବୃକ୍ଷ-ବନ୍ଧନଗତର ପ୍ରେମ ମିତ୍ର ସଚେତନତା ବାର୍ତ୍ତା ଦେଇଛନ୍ତି । ଏହି ଅବସରରେ ଟ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ



ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀଙ୍କୁ ରକ୍ଷା ବନ୍ଧନର ଅଭିନନ୍ଦନ ଜଣାଇଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ସଚିବ ଙ୍କ ସୁଧାଂଶୁ ଭୂଷଣ କର, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଏବଂ ଉଦ୍ୟାନ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବୁଗୁଡ଼ାରେ ଶ୍ରୀବଳଦେବ ସ୍ୱାମୀଙ୍କ ଜନ୍ମୋତ୍ସବ ପାଳିତ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ବଳଦେବ ମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ଅବସରରେ ବଡ ଠାକୁର ଶ୍ରୀବଳଦେବଙ୍କ ଜନ୍ମୋତ୍ସବ ସ୍ୱତନ୍ତ୍ର ବିଧିରେ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ କାଳରେ ଠାକୁରଙ୍କ ଅବକାଶ, ମଙ୍ଗଳ ଆଳତୀ, ବାଳଭୋଗ ଆଦି କାର୍ଯ୍ୟ କରାଯାଇଥିବା ବେଳେ ପୂର୍ବାହ୍ନରେ ଶ୍ରୀବଳଦେବଙ୍କ ଜନ୍ମବିଧି ପାଳନ, ପଞ୍ଚାମୃତ, ପୂଜାର୍ଚ୍ଚନା ପ୍ରଭୃତି କାର୍ଯ୍ୟ ଯଥା ରୀତିନୀତିରେ ସମ୍ପନ୍ନ ହୋଇଥିଲା । ଏହା ପରେ ମନ୍ଦିର ପ୍ରାଙ୍ଗଣରେ ଦୁରାଚାରୀ ପ୍ରଳମ୍ବା ଅସୁରର ବାଲୁକା ପ୍ରତିମୂର୍ତ୍ତି ପ୍ରସ୍ତୁତ କରାଯାଇ ପର୍ବ ପାଳନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୂଜକ ଗଦାଧର ପାଣି, ପୁରୋହିତ ରାମାନୁଜ ମହାପାତ୍ର ଓ ପଦ୍ମ ଚରଣ ଦାଶ ଶର୍ମା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶରତ ଚନ୍ଦ୍ର ମହାରଣା, ଦିନବନ୍ଧୁ ପାଣି, ହରିହର ପଣ୍ଡା ଓ ସୁରେଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲା ବେଳେ ବହୁ ସଂଖ୍ୟକ ଭକ୍ତ ଠାକୁର ଦର୍ଶନ ନିମନ୍ତେ ମନ୍ଦିରରେ ସମ୍ମିଳିତ ହୋଇଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠ ନଗରରେ ରକ୍ଷାବନ୍ଧନ ଉତ୍ସବ

ବ୍ରହ୍ମପୁର, (ସବ୍ୟୁ) : ଗୁରୁବାର ଦିନ ସ୍ଥାନୀୟ ସରସତୀ ଶିଶୁବିଦ୍ୟାମନ୍ଦିର, ନୀଳକଣ୍ଠନଗରର ପରିସର ମଧ୍ୟରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟ ଧର୍ମାଚାର୍ଯ୍ୟ ପୂର୍ବାହ୍ନରେ ପୂର୍ବ ବର୍ଷମାନଙ୍କ ଭଳି ରୀତିମତ ରକ୍ଷାବନ୍ଧନ ଉତ୍ସବ ତିନୋଟି ପର୍ଯ୍ୟାୟରେ ପାଳନ କରାଯାଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ବିଷ୍ଣୁ ପ୍ରସାଦ ପାଢ଼ୀ, ଦ୍ୱିତୀୟ ପର୍ଯ୍ୟାୟରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଗମାନନ୍ଦ ପଣ୍ଡା ଏବଂ ତୃତୀୟ ପର୍ଯ୍ୟାୟରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଡକଟର ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଯୋଗଦେଇ ରକ୍ଷାବନ୍ଧନର ବିଶେଷତ୍ୱ ତଥା ଏହାର ପୌରାଣିକ ଗାଥାର ମହତ୍ତ୍ୱକୁ ସୁନ୍ଦରଭାବେ ଅଭିବ୍ୟକ୍ତ କରିଥିଲେ । ଆଚାର୍ଯ୍ୟା ସୁଶ୍ରୀ ଲିପ୍ସା ସାହୁ, ଆଚାର୍ଯ୍ୟ ସୁଦୀପ୍ତ ପଣ୍ଡା, ବରିଷ୍ଠ ଆଚାର୍ଯ୍ୟ ସଚ୍ଚିଦାନନ୍ଦ ପୁରୋହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମର ତିନୋଟି ପର୍ଯ୍ୟାୟରେ ଯଥାକ୍ରମେ ଅତିଥି ପରିଚୟ ପ୍ରଦାନ କରିଥିବା ଛାତ୍ରୀମାନେ ହେଲେ ସୁଶ୍ରୀ ତ୍ରିଦ୍ୟା ମଣିକର୍ଣ୍ଣିକା, ସୁଶ୍ରୀ ଉପାସନା ପ୍ରଧାନ, ସୁଶ୍ରୀ ଦେବୀ ରୁଦ୍ରାଣୀ ପାଢ଼ୀ । ଏହି ଅବସରରେ ପର୍ଯ୍ୟାୟକ୍ରମେ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଅସ୍ମିତା ପଟ୍ଟନାୟକ, ଛାତ୍ର ଆଶୁତୋଷ ମିଶ୍ର ପ୍ରମୁଖ ଭାଷଣ ପ୍ରଦାନ କରିଥିଲେ । ରାକ୍ଷୀର ସନ୍ଦେଶ ପଠନ ଓ ବାର୍ତ୍ତା ପ୍ରଦାନ କରିଥିଲେ । ଶିଶୁମନ୍ଦିର ବିଭାଗ ପର୍ଯ୍ୟାୟ ପ୍ରମୁଖ ବିଷ୍ଣୁ କୁମାରୀ ପଣ୍ଡା,



ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ । ବ୍ୟକ୍ତିଗତ ଗୀତଗାନ କରଥିବା ଛାତ୍ରୀମାନେ ହେଲେ ସୁଶ୍ରୀ ସରୋଜିନୀ ନାହାକ, ସୁଶ୍ରୀ ଆଙ୍କାକ୍ଷା ପଟ୍ଟନାୟକ, ସୁଶ୍ରୀ ଶ୍ରେୟାଶ୍ରୀ ସାହୁ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଛାତ୍ରୀ ସୁଶ୍ରୀ ପୁନମ୍ପ୍ରୀତ ରଥ । ପର୍ଯ୍ୟାୟକ୍ରମେ ଛାତ୍ର ଜଗଦାନନ୍ଦ ରାଉତ, ଛାତ୍ରୀ ସୁଶ୍ରୀ ଅନନ୍ୟା ମହାରଣା, ଛାତ୍ରୀ ସୁଶ୍ରୀ ଶ୍ରୀୟାଶ୍ରିତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ରିଦ୍ଧିସିଦ୍ଧି ମଣ୍ଡପରେ ନିଶୁଳ୍କ ଚକ୍ଷୁ ଶିବିର



କଟକ, (ସ୍ୱପ୍ର): ମହାନଦୀବିହାର ଶାଖା ଇଣ୍ଡିଆନ ବ୍ୟାଙ୍କ ଏବଂ ଜେପିଏମ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ମିଳିତ ଉଦ୍ୟମରେ ଗୁରୁବାର ମହାନଦୀବିହାରସ୍ଥିତ ରିଦ୍ଧିସିଦ୍ଧି ମଣ୍ଡପରେ ଏକ ନିଶୁଳ୍କ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ।ଏମଡିଏ ସଭାପତି ସଞ୍ଜୟ କୁମାର ସଭାପତିତ୍ୱରେ ସଭାରେ ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ବ୍ୟାଙ୍କ କଟକର ଜୋନାଲ ମ୍ୟାନେଜର ଦୀପକ କୁମାର, ଚିଫ ମ୍ୟାନେଜର ସତ୍ୟ ପ୍ରଧାନ, ସିନିୟର ମ୍ୟାନେଜର ସୋନମ ସରୀତା, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ମୁରବୀ ପ୍ରଭାକର ରଣା, ରବିନ୍ଦ୍ର ପ୍ରସାଦ ତ୍ରିପାଠୀ, ଇଂ ଗୋପାଳକୃଷ୍ଣବେହେରା, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ଶତାଧିକ ଲୋକ ସେମାନଙ୍କର ଚକ୍ଷୁପରୀକ୍ଷା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ରୋଟାରୀଆନ ସୁଜିତାବ ଶତପଥୀ, ଅଭିମନ୍ୟୁ ନାୟକ ନିଲୁ ପଟନାୟକ, ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଇନ୍‌ଫିନିଟି କ୍ଲବର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସାଇ ସୌରଭ ଜେନା, ସାଲିନି ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ସାଲିନି ସ୍ୱାଇଁ, ଶ୍ରେୟାଂଶ ଦାସ, ତନିଷ୍କ ବେହେରା ପ୍ରମୁଖଙ୍କ ଉଦ୍ୟମରେ ପରିଚାଳିତ ହୋଇଥିଲା ।

# ରୋଟାରୀ ହେରିଟେଜ ପକ୍ଷରୁ ଦନ୍ତ ଚିକିତ୍ସା ଓ ସଚେତନତା

ବାରିପଦା, (ସବ୍ୟୁ) : ରୋଟାରୀ ଇଣ୍ଟରନ୍ୟାସନାଲର ୭ଟି ଫୋକସ୍ ଏରିଆ ମଧ୍ୟରେ ସ୍ୱାସ୍ଥ୍ୟସେବା ଏକ ପ୍ରମୁଖ କ୍ଷେତ୍ର । ଏହି ଉଦ୍ଦେଶ୍ୟରେ ରୋଟାରୀ କ୍ଲବ ଅଫ୍ ବାରିପଦା ହେରିଟେଜ ପକ୍ଷରୁ ଶୁଳିଆପଦା ବ୍ଲକ ଅନ୍ତର୍ଗତ ବଣକାଟିସ୍ଥିତ ସୀମାନ୍ତ ହାଇସ୍କୁଲ ପରିସରରେ ଦନ୍ତ ସ୍ୱାସ୍ଥ୍ୟ ସଚେତନତା ଓ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ରୋଟାରୀୟାନ ତରଣୀସେନ ଧଳଙ୍କ ମାର୍ଗଦର୍ଶନ ଏବଂ ସମ୍ପାଦକ ସଂଜୀବ କୁମାର ଦଣ୍ଡପାଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ସଭାରେ ଦନ୍ତ ରୋଗର କାରଣ, ପ୍ରତିରୋଧ ଓ ନିରାକରଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦନ୍ତ ଚିକିତ୍ସକ ଡାକ୍ତର ଚନ୍ଦ୍ରମୋହନ ସିଂ ଦନ୍ତର ଯନି, ନିୟମିତ ଦାନ୍ତ ସଫା କରିବା, ଦନ୍ତ ରୋଗର ପ୍ରମୁଖ କାରଣ ଓ ଏହାର ପ୍ରତିକାର ସମ୍ପର୍କରେ ପିଲାମାନଙ୍କୁ ଅବଗତ କରିଥିଲେ । ପରେ ବିଦ୍ୟାଳୟର ୭୭ଜଣ ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନାଦି ଚରଣ ବେହେରାଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଦଶମ ଶ୍ରେଣୀ ପାଇଁ ଓଷ୍ଟା ଟେଷ୍ଟ ପେପରର ଏକ ସେଟ୍ ମଧ୍ୟ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଟାରୀୟାନ ଅନିରୁଦ୍ଧ ପୃଷ୍ଟି, ଅମିତାଭ ପଟ୍ଟନାୟକ, ସନ୍ତୋଷ କୁମାର କାସ୍ତ, ଶୈବାଳ କାନ୍ତ ନାୟକ, ନଳିନ କୁମାର ଚୌଧୁରୀ, ଚନ୍ଦ୍ରମୋହନ ସିଂ ଓ ଚିତ୍ତରଞ୍ଜନ ପଳତା ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ପରିଡ଼ା, ବେଣୁଧର ମହାନ୍ତି, ଶିକ୍ଷୟିତ୍ରୀ ରେବତୀ ପ୍ରଧାନ, କନକଲତା ମହାନ୍ତ, ଗୌରମୋହନ ମହାନ୍ତ ଏବଂ କର୍ମଚାରୀ ଦଶରଥ ମହାନ୍ତ, ବଳରାମ ମହାନ୍ତ ଓ କ୍ଷିତିଶ ଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଖେଲୋ ଇଣ୍ଡିଆ ବାର୍ତ୍ତା

# ଯୁବପିଢ଼ି ଦେଶ ଗଠନରେ ସକ୍ରିୟ ଭାଗିଦାରୀ ଅଟନ୍ତି : ଏମପି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଏନ ଏସଏସ ଏବଂ ମାଇଁ ଭାରତ ଆନୁକୂଲ୍ୟରେ ଏକ ଯୁବ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ (ଏମପି) ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇ ଯୁବପିଢ଼ିଙ୍କୁ ଦେଶ ଗଠନରେ ସକ୍ରିୟ ଭାଗିଦାରୀ ହେବା ପାଇଁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅର୍ଜୁନ ଆବାଡ଼ି କେ. ରବି କୁମାର ଯୋଗ ଦେଇ ଯୁବ ସମ୍ବାଦ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଜାତୀୟ ବ୍ୟାଡ଼ମିଣ୍ଟନ ଖେଳାଳି ଅବିନାଶ ମୁନି ଏବଂ ଅନ୍ତର୍ଜାତୀୟ କୋଚ୍ ତଥା ରେଫ୍ରି ଏନ୍. ବାଳକୃଷ୍ଣ ରେଡ୍ଡୀ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଯୁବବର୍ଗଙ୍କ ବ୍ୟକ୍ତିତ୍ୱ ବିକାଶ ଉପରେ ଆଲୋକପାତ କରିଥିଲେ । କୁଳସଚିବ ଚିନ୍ମୟୀ କହଁର, ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ଧ୍ରୁବ ଚରଣ ପଣ୍ଡା, ଏନଏସଏସ ଗଞ୍ଜାମ ଜିଲ୍ଲା ଅଧିକାରୀ ଗଣେଶ ସାହୁ ଏବଂ ଏନଏସଏସ ସଂଯୋଜକ ଡ. ସଙ୍କର୍ଷଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏବଂ ମାଇଁ ଭାରତ ଗଞ୍ଜାମ ଜିଲ୍ଲା ଯୁବ ଅଧିକାରୀ ସଙ୍କେତ ମିନା ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ଉପସ୍ଥିତ ଥିବା ସମସ୍ତେ ଏନଏସଏସ ଡ଼ିଇଓ ଚିରଞ୍ଜିବ ବାଡ଼ତ୍ୟା ବିକଶିତ ଭାରତ, ନିଶା ମୁକ୍ତ ସଂକଳ୍ପ ପାଠ କରାଇଥିଲେ । ଏନଏସଏସର ପ୍ରୋଗ୍ରାମ ଅଫିସର ଡ. ଉଷା ରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଯୁଗ୍ମ କୁଳସଚିବ ଡ଼.ବାବୁଜୀ ସାମଲଙ୍କ ସମେତ ବହୁ ଏନଏସଏସ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ ।

## ସିଲଭରସିଟି ବୋଟ୍ କ୍ଲବ୍ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

# ସମୀକ୍ଷା କଲେ ବିଧାୟିକା ସୋଫିଆ ଫିର୍ଦ୍ଦୋସ

କଟକ, (ସ୍ୱପ୍ର): ସିଲଭର ସିଟି ବୋଟ୍ କ୍ଲବ୍ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ । ସେ ସିଲଭର ସିଟି ବୋଟ୍ କ୍ଲବ୍ ଗସ୍ତ କରି ପ୍ରକଳ୍ପର ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିବା ସହ ପ୍ରସ୍ତୁତ ନକ୍ସା (ମ୍ୟାପ୍) ର ସମୀକ୍ଷା କରିଥିଲେ । ଏହି ପ୍ରକଳ୍ପ ପାଇଁ ମୋଟ ୭ କୋଟି ଟଙ୍କା ମଞ୍ଜୁର ହୋଇଛି । ସବୁ ବର୍ଗର ଲୋକଙ୍କୁ




ନଜରରେ ରଖି କିପରି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରାଯାଇ ପାରିବ ଏବଂ ଏହାକୁ ଏକ ଉତ୍କୃଷ୍ଟ ମନୋରଞ୍ଜନ ସ୍ଥଳୀ ଭାବେ ଗଢା ଯାଇପାରିବ, ସେନେଇ ବିଧାୟିକା ଜିଲ୍ଲା ପର୍ଯ୍ୟଟନ ବିଭାଗର ଡେପୁଟି ନିର୍ଦ୍ଦେଶିକା ସୁଜାତା ପଟ୍ଟନାୟକ ଓ ସଂପୃକ୍ତ ଆର୍କିଟେକଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ।

# ଶକ୍ତିଶ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ

ଭଞ୍ଜନଗର, (ସବ୍ୟୁ) : ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଆନୁକୂଲ୍ୟରେ ଆତ୍ମରକ୍ଷା ତାଲିମ ଶିବିରର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼ ଦିଲ୍ଲୀପ କୁମାର ପ୍ରଧାନ ଛାତ୍ରୀମାନଙ୍କୁ ତାଙ୍କ ଉଦବୋଧନରେ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ । ମୁଖ୍ୟ ଅତିଥି ବିଦେଶୀ ବେହେରା, ଏ.ଏସ.ଆଇ. ଭଞ୍ଜନଗର ପୋଲିସ ଷ୍ଟେସନ, ଆତ୍ମରକ୍ଷା ଶିବିରର ଗୁଣାତ୍ମକ ଉଦ୍ଦେଶ୍ୟ ଗୁଡ଼ିକ ସହିତ, ଅନେକ ଆଇନ୍ କାନୁନ୍ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଉର୍ମିଳା ପାଟଯୋଷୀ ଚାରିତ୍ରିକ ବିକାଶର ଦିଗଗୁଡ଼ିକ ଅବଲୋକନ କରିଥିଲେ ।

## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଖେଲୋ ଇଣ୍ଡିଆ ସମ୍ବାଦ

# ଖେଲ୍ କି ବାତ୍ ପ୍ରଧାନମନ୍ତ୍ରୀ କେ ସାଥ୍ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବପିଢ଼ିଙ୍କ ଭୂମିକାକୁ ଗୁରୁତ୍ୱ

ବାରିପଦା, (ସବ୍ୟୁ) : ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ମାଇଁ ଭାରତ ସହଯୋଗରେ ଖେଲୋ ଇଣ୍ଡିଆ ସମ୍ବାଦଖେଲ୍ କି ବାତ୍ ପ୍ରଧାନମନ୍ତ୍ରୀ କେ ସାଥ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କ୍ରୀଡ଼ା କ୍ଷେତ୍ରର ବିକାଶ, ଯୁବପିଢ଼ିଙ୍କ ଭୂମିକା ଓ ଭାରତର ଆଗାମୀ କ୍ରୀଡ଼ା ଲକ୍ଷ୍ୟକୁ ନେଇ କାର୍ଯ୍ୟକ୍ରମରେ ମତବିନିମୟ ହୋଇଥିଲା । ଏହି ଅବସରରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ମାଇଁ ଭାରତ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ରୂପରେଖ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ । ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହେବା ପରେ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ପରେ କେନ୍ଦ୍ର ଯୁବ କାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରୀ ଡଃ ମନସୁଖ ମାଣ୍ଡଭିୟଙ୍କ ସ୍ୱାଗତ ଅଭିଭାଷଣ ସହ ଜାତୀୟ କ୍ରୀଡ଼ା ଦିବସ ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ପ୍ରଧାନମନ୍ତ୍ରୀଙ୍କ ୨୦୨୬ ସ୍ୱାଧୀନତା ଦିବସ ଅଭିଭାଷଣରେ




କ୍ରୀଡ଼ା କ୍ଷେତ୍ର ସମ୍ପର୍କିତ ପ୍ରମୁଖ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୀଡ଼ା ଓ ଯୁବପିଢ଼ି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରେ ଆୟୋଜିତ ଯୁବ ସମ୍ବାଦରେ ସ୍ଥାନୀୟ କ୍ରୀଡ଼ାବିତ୍ ଓ ଯୁବ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ଗତ ୧୨ ବର୍ଷରେ ଦେଶର କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଦେଶରେ କ୍ରୀଡ଼ାର ଅଭିବୃଦ୍ଧି, ଆଗାମୀ ଅଲିମ୍ପିକ୍ ଓ କମନେଓ୍ୱଲଥ କ୍ରୀଡ଼ା ପାଇଁ ଭାରତର ପ୍ରସ୍ତୁତି ଆଦି ବିଷୟରେ ଆଲୋଚନା ହୋଇଥିଲା । ଏଥିସହ ଯୁବପିଢ଼ିଙ୍କ ଚିନ୍ତାଧାରା, ମତାମତ ଓ ଆକାଂକ୍ଷାକୁ ନେଇ ମଧ୍ୟ ଖୋଲା ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ କ୍ରୀଡ଼ା କ୍ଷେତ୍ରରେ ଅବଦାନ ପାଇଁ ସାଇ କଟକର ରଶ୍ମିତା ସାହୁ, ସୁରେଶ ସାହୁ, ଦିବ୍ୟରଞ୍ଜନ ଦାସ ଏବଂ ମୟୂରଭଞ୍ଜର ସୋସିଆଲ୍ ମିଡିଆ ପ୍ରଭାବକାରୀ ତ୍ରିଲୋଚନ ବିନ୍ଧାଣୀଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହ ବିକଶିତ ଭାରତ ନଶାମୁକ୍ତ ଶପଥ ଗ୍ରହଣ କରାଯାଇଥିଲା । ଶେଷରେ ମାଇଁ ଭାରତ ପୋର୍ଟାଲରେ ପଞ୍ଜୀକରଣ କରି ଦେଶ ଗଠନରେ ଯୁବପିଢ଼ିଙ୍କୁ ସକ୍ରିୟ ଭାବେ ଯୋଡ଼ିହେବାକୁ ଆହ୍ୱାନ ଦିଆଯାଇଥିଲା । ଧନ୍ୟବାଦ ଅର୍ପଣ ଓ ଜାତୀୟ ସଙ୍ଗୀତ ପରିବେଷଣ ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା । ମାଇଁ ଭାରତର ସ୍ୱେଚ୍ଛାସେବୀ ସାଇ ରଞ୍ଜନ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମାଇଁ ଭାରତ ମୟୂରଭଞ୍ଜର ଉପନିର୍ଦ୍ଦେଶକ ସାଥୀ ରାୟ, ଏନ୍‌ଆଇସି ମୟୂରଭଞ୍ଜର ବୈଜ୍ଞାନିକ ଅଜୟ କୁମାର ମହାପାତ୍ର, ଏନ୍‌ଏସ୍‌ଏସ୍ ବ୍ୟୁରୋର ସଂଯୋଜକ ଡ. ପ୍ରିୟରଞ୍ଜନ ଦେବତା, ପିଜି ପୁରୁଷୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡଃ ଯତୀନ୍ଦ୍ରନାଥ ବେଶ୍ରା, ଜିଲ୍ଲା ନୋଡାଲ୍ ଅଧିକାରୀ ଡଃ ଅନାମ ଚରଣ ରାଉଲ, ଏନ୍‌ଏସ୍‌ଏସ୍ ବ୍ୟୁରୋର କର୍ମଚାରୀ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ଓ ସୁନେଲିକା ପ୍ରହରାଜ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ ।

# ଗଛ ସୁରକ୍ଷା ପାଇଁ ଅଭିନବ ରକ୍ଷାବନ୍ଧନ

ଭଂଜନଗର, (ସବ୍ୟୁ) : ରାକ୍ଷୀ ପୂର୍ଣ୍ଣିମାରେ ଗାଁ କୁ ସହର ସବୁଠି ଭାଇ ହାତରେ ରାକ୍ଷୀ ବାନ୍ଧିଲେ ଭଉଣୀ । ଭାଇ - ଭଉଣୀଙ୍କ ସ୍ନେହ ଯେମିତି ଅତୁଟ ରହିବ ଏବଂ ଭଉଣୀର ବିପଦ ସମୟରେ, ଭାଇଟି ତାର ସୁରକ୍ଷା କବଚ ହୋଇ ଠିଆହେବ, ଏହାର ଉଦାହରଣ ସବୁଠି ଦେଖିବାକୁ ମିଳିଲା । ତେବେ କ୍ଷତ୍ରିୟବରପୁର ନିକଟସ୍ଥ ପଳାସପଲ୍ଲୀ ଗାଁରେ କିଛି ନିଆରା ଢଙ୍ଗରେ ରକ୍ଷା ବନ୍ଧନ ପର୍ବ ଆୟୋଜିତ ହୋଇଯାଇଛି । ଯାହାକି ଭାଇ-ଭଉଣୀଙ୍କ ଅତୁଟ ସ୍ନେହ ଏବଂ ସମାଜକୁ ଏକ ମହତି ବାର୍ତ୍ତା ଦେଲାଭଳି ରକ୍ଷାବନ୍ଧନ ଉତ୍ସବ ଆୟୋଜିତ ହୋଇଥିଲା । ଗାଁର ଭଉଣୀ ମାନେ, ନିଜକୁ ପ୍ରତୀକାତ୍ମକ ଗଛ ଭାବେ ସଜେଇ ହୋଇ, ଭାଇ ହାତରେ ରାକ୍ଷୀ ବାନ୍ଧିଥିଲେ ।ସେମାନଙ୍କ ମତରେ, ଗଛ ସବୁବେଳେ ଜୀବଜଗତକୁ ସବୁକିଛି ଦେଇଥାଏ । ତା' ବଦଳରେ ନିଜପାଇଁ କିଛି ମାଗେ ନାହିଁ । ଏଣୁ ରକ୍ଷା ବନ୍ଧନ ଅବସରରେ ଗଛ ଭଉଣୀ ହୋଇ, ଭାଇ ହାତରେ ରାକ୍ଷୀ ବାନ୍ଧି ସୁରକ୍ଷା ମାଗିଥିଲା । ଗଛର ସୁରକ୍ଷା ପାଇଁ, ଗାଁର ଝିଅ ମାନଙ୍କର ଏହାଥିଲା ଅଭିନବ ପ୍ରୟାସ । ଯାହାକି ରକ୍ଷାବନ୍ଧନ ମାଧ୍ୟମରେ, ସମାଜକୁ ଏକ ମହତ୍ତ ବାର୍ତ୍ତା ଦେଇଥିଲେ ।

# ତିନି ଝିଅଙ୍କ ଯୌନ ଶୋଷଣ, ବାପା ଗିରଫ

ବ୍ରହ୍ମପୁର, (ସବ୍ୟୁ): ତିନି ଜଣ ଝିଅଙ୍କୁ ତାଙ୍କ ବାପା ଯୌନ ଶୋଷଣ କରିଥିବା ଅଭିଯୋଗରେ ଗୋଶାଣିନୁଆଗାଁ ପୋଲିସ ବାପା ଲିଙ୍ଗରାଜ ମହାରଣା (୫୨)ଙ୍କୁ ଗିରଫ କରିଛି । ପିଡ଼ିତାମାନଙ୍କ ସହ ତାଙ୍କ ବାପାଙ୍କ ଏମକେସିଜି ମେଡିକାଲରେ ଡାକ୍ତରୀ ମଇନା କରାଯାଇଛି । ପୋଲିସ ଜୈବ ନମୁନା ସଂଗ୍ରହ କରିଛି । ମାମଲା ନଂ ୩୨୧/୨୬ରେ ଅଭିଯୁକ୍ତକୁ ଆଜି ପୋକସେ କୋର୍ଟରେ ହାଜର କରାଯାଇଥିଲା । ପରେ କୋର୍ଟ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ, ଲିଙ୍ଗରାଜ ମହାରଣା ଗୋଶାଣିନୁଆଗାଁ ଅଞ୍ଚଳରେ ରହୁଥିବା ବେଳେ ତିନି ଝିଅ, ସ୍ତ୍ରୀ ଓ ପୁଅ ସହ ରୁହନ୍ତି । ସେ ଗୋଳନ୍ଥରା ଥାନା ଅଞ୍ଚଳରେ ଏକ ଗାଡି ମରାମତି ଗ୍ୟାରେଜ କରିଛନ୍ତି । ୪ମାସ ତଳେ ବଡ଼ ଝିଅ ବାପାଙ୍କ ଯୌନ ଶୋଷଣ ବିରୋଧରେ ପ୍ରତିବାଦ କରିବାରୁ ଘରେ ଝଗଡା ହୋଇଥିଲା । ଘରୋଇ କଥା ହୋଇଥିବା ବେଳେ ତାହାକୁ ଚାପି ଦିଆଯାଇଥିଲା । ଦୁଇଦିନ ତଳେ ବାପାଙ୍କ ଆକ୍ରମଣ ପରେ ଦୁଇ ଭଉଣୀ ଘରୁ ବାହାରି ଆସି ଏନେଇ ଉକ୍ତ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଉକ୍ତ ଦୁଇ ପିଡ଼ିତାଙ୍କୁ ସିଡବ୍ଲୁସି ହାଜର କରିଥିଲା । ପରେ ପୀଡିତା ମାନଙ୍କୁ ଉତ୍କଳ ବାଳାଶ୍ରମରେ ରଖିଥିବା ଜଣାପଡିଛି ।

## ହୃଦଘାତରେ ଯୁବକଙ୍କ ମୃତ୍ୟୁ

ଭୁବନ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ (ବି) ପଞ୍ଚାୟତର ମଠଖୋକସା ଗ୍ରାମର ଜନୈକ ଯୁବକ ଡ୍ୟୁଟିକୁ ଯିବା ସମୟରେ ଅଧା ରାସ୍ତାରେ ତାଙ୍କର ଅକାଳ ମୃତ୍ୟୁ ଘଟିବା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରାପ୍ତ ସୂଚନାନୁଯାୟୀ ମଠ ଖୋକସା ଗ୍ରାମର ଗୋକୁଳ ଧୀରଙ୍କ ପୁଅ ମନୋଜ କୁମାର ଧୀର (୪୬) ଘରୁବାହାରିସୁକିନ୍ଦା ମାଇନିଙ୍ଗ ଅନ୍ତର୍ଗତ ଓଡ଼ିଶା ଖଣି ନିଗମ (ଓ ଏମ ସି) କୁ ଡ୍ୟୁଟି କରିବାକୁ ଯାଉଥିବା ସମୟରେ ଅଧା ବାଟରେ ଅସୁସ୍ଥତା ଅନୁଭବ କରି ରାସ୍ତା କଡ଼ରେ ବସି ରହିଥିଲେ । ଏ ସମ୍ପର୍କରେ ଖବର ପାଇ ତାଙ୍କ ପରିବାର ବର୍ଗ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ମନୋଜଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ବନ୍ଧୁ, ପରିବାର ବର୍ଗଙ୍କ ସମେତ ଓଡ଼ିଶ, ବାରୁଆଁ, କାଙ୍କଡ଼ପାଳ ଓ ସୁକିନ୍ଦା ଖଣି ଅଞ୍ଚଳରୁ ଶତାଧିକ ଶୁଭେଚ୍ଛୁ ତାଙ୍କ ଘରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ମନୋଜଙ୍କ ବିୟୋଗରେ ତାଙ୍କର ବିଧବା ପତ୍ନୀଙ୍କ ସମେତ ଦୁଇ ନାବାଳିକା ଝିଅ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି ।ସ୍ୱର୍ଗତମନୋଜ ଜଣେ ଶାନ୍ତ, ସରଳ, ଦୟାଳୁ, ପରୋପକାରୀ ଓ ମେଳାପୀ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

## ପ୍ରଶାସନ ରୋକିଲା ବାଲ୍ୟ ବିବାହ

ତାଳଚେର, (ସବ୍ୟୁ) :ତାଳଚେର ବ୍ଲକ କୋଲିୟରୀ ଥାନା ଅନ୍ତର୍ଗତ ଘଂଟପଡ଼ା ଗ୍ରାମ ବରସାହିର ବିଟି ସାହୁଙ୍କ ଝିଅ ସନ୍ତୋଷୀ ସାହୁଙ୍କର ବାଲ୍ୟ ବିବାହ ହେଉଥିବା ବେଳେ ଭାରପ୍ରାପ୍ତ ସିଡ଼ିପିଓ ଜୟନ୍ତୀ ସାମଲ ଏହି ଖବର ପାଇ ଘଟଣା ସ୍ଥଳରେ ପହଂଚିଥିଲେ । ସେଠାରେ ପହଂଚି ଝିଅ ବୟସ ୧୮ ବର୍ଷରୁ କମ ହୋଇଥିବାରୁ ବାହାଘରକୁ ସ୍ଥଗିତ ରଖିବାକୁ ଉଭୟ ପରିବାରଙ୍କୁ ବୁଝାସୁଝା କରିଥିଲେ ।



ମଣ୍ଡଳ ପରିଦର୍ଶିତା ସବିତା ପ୍ରଧାନ, କୋଲିୟରୀ ଥାନା ଏସଆଇ ସଞ୍ଜିବ ଜାଲ, ସରପଂଚ ସୁସ୍ମିତା ବିଶ୍ୱାଳ, ଅଙ୍ଗନବାଡ଼ି କର୍ମୀ ସୁସ୍ମିତା ସାହୁ, ଜ୍ୟୋସ୍ନାମୟୀ ବିଶ୍ୱାଳ, କଳ୍ପନା ଭଞ୍ଜ, ଓ୍ୱାର୍ଡମେମ୍ବର ଶୈଳେନ୍ଦ୍ରୀ ସାହୁଙ୍କ ଉପସ୍ଥିତିରେ ଏହି ବାଲ୍ୟ ବାହାଘରକୁ ବୁଝାସୁଝା କରି ବନ୍ଦ କରିବା ସହ ଉଭୟ ପରିବାର ପକ୍ଷରୁ ସମସ୍ତଙ୍କ ଉପସ୍ଥିତିରେ ଝିଅକୁ ୧୮ ବର୍ଷ ନହେବା ପର୍ଯ୍ୟନ୍ତ ବିଭାଘର ହେବ ନାହିଁ ବୋଲି ସହମତି ପ୍ରକାଶ ପାଇବାପରେ ବାହାଘର ବନ୍ଦ କରାଯାଇଥିଲା ବୋଲି ସରପଂଚ ସସ୍ମିତା ବିଶ୍ୱାଳ ଏହା ପ୍ରକାଶ କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ

ଆଠମଲ୍ଲିକ,(ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଠମଲ୍ଲିକରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ କୁମାର ତାଡ଼ିଆ ଉପସ୍ଥିତ ରହି ଶିଶୁମାନଙ୍କୁ ନିଜର ଓ ସମାଜର ସୁରକ୍ଷା ବିଷୟରେ ମାର୍ଗଦର୍ଶନ କରାଇଥିଲେ । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଆଦିତ୍ୟ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ଷାବନ୍ଧନର ଉଦେଶ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ ବରିଷ୍ଠ ଆଚାର୍ଯ୍ୟ ଦିଲ୍ଲୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ପରିଚାଳନା ସମିତି ଉପସଭାପତି କଶ୍ୟପ କ୍ଷେତ୍ରୀ ମଞ୍ଚାସିନ ଥିଲେ । ସମସ୍ତ ଶିଶୁ ଭାଇଭଉଣୀ ପରସ୍ପରକୁ ରାକ୍ଷୀ ବାନ୍ଧି ଥିଲେ ଏବଂ ବିଦ୍ୟାଳୟରେ ଗୋପୂଜନ କରାଯାଇଥିଲା । ଏହି ଅବସରରେ ଶିଶୁ ଭାଇ ଭଉଣୀ ମାନେ କାରାଗାର, ଥାନା, ଡାକ୍ତର ଖାନା, ବାଳାଶ୍ରମ ଇତ୍ୟାଦି ସ୍ଥାନକୁ ଯାଇ ରାକ୍ଷୀ ବାନ୍ଧିଥିଲେ ।

## ପବିତ୍ର ରାକ୍ଷୀ ପୂର୍ଣ୍ଣିମାରେ ସ୍ନେହ ସମ୍ପର୍କର ଡ଼ୋରୀରେ ବାନ୍ଧି ହେଲା ତାଳଚେର

ତାଳଚେର,(ସବ୍ୟୁ) : ଶ୍ରାବଣମାସ ଶୁକ୍ଳପକ୍ଷ ଚର୍ତୁଦଶୀ ତିଥିରେ ପବିତ୍ର ରାକ୍ଷୀପୂର୍ଣ୍ଣିମା ପାଳିତ ହେବ । ଏବେ ଛକ ଠାରୁ ବଜାର ବିଭିନ୍ନ ଜାଗାରେ ରାକ୍ଷୀ ଦୋକାନ ଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି । ହୀନ୍ଦୁଧର୍ମ ଅନୁଯାୟୀ ରାକ୍ଷୀପୂର୍ଣ୍ଣିମା ଏକ ପ୍ରମୁଖ ପର୍ବ ଓ ଆଜିର ଦିନରେ ଗୋମାତାଙ୍କୁ ସ୍ନାନ କରାଇ ପୂଜାର୍ଚ୍ଚନା କରାଯିବା ସହ ପିଠାପଣା ଖାଇବାକୁ ଦିଆ ଯାଇଥାଏ, ସେହିଭଳି ଭଉଣୀ ଭାଇ ହାତରେ ରାକ୍ଷୀବନ୍ଧି ଦେଇ ତାର ମଙ୍ଗଳ ମନାସୀ ଥାଏ, ଆଉ ସେହି ସମ୍ପର୍କର ଡ଼ୋରି ରାକ୍ଷୀକୁ ରକ୍ଷା କବଚ ବୋଲି ମନାଯାଏ । ଶ୍ରାବଣମାସ ଶୁକ୍ଳପକ୍ଷ ଚର୍ତୁଦଶୀ ତିଥିରେ ୧୯ ତାରିଖ ଦିନ ରାକ୍ଷୀପୂର୍ଣ୍ଣିମା ପଡୁଥିବାରୁ ବଜାର ତଥା ଦୋକାନମାନଙ୍କରେ ଭିଡ଼ ପରିଲକ୍ଷିତ କରାଯାଇଥିଲା । ଏହାକୁ ନେଇ ମିଠା ଓ ରାକ୍ଷୀ ବ୍ୟବସାୟୀମାନେ ଭଲ ଦିପଇସା ରୋଜଗାର କରିଥିବା ଜଣାପଡ଼ିଛି । କଲିକତା ସମେତ ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରୁ ରାକ୍ଷୀ ବଜାରକୁ ଆଣିଥାନ୍ତି । ୨ଟଙ୍କାରୁ ଆରମ୍ଭ କରି ୫ଶହ ଟଙ୍କା ପର୍ଯ୍ୟନ୍ତ ରାକ୍ଷୀର ମୂଲ୍ୟ ରହିଛି ବୋଲି ବ୍ୟବସାୟୀମାନେ କହିଛନ୍ତି । ଏଥିସହ ଅଭିନନ୍ଦନ ଓ ଭାଇ ଭଉଣୀଙ୍କ ଉଦ୍ଦେଶ୍ୟ ବାର୍ତା ଲେଖା ଥିବା ବିଭିନ୍ନ ଡ଼ାଜାଇନ୍ର କାର୍ଡ଼, ଫିଙ୍କ ଡ଼ାଇମଣ୍ଡ, ପାସ୍ୱୋଟ ରାକ୍ଷୀ, ସେଟ୍, ଆଲଫାବେଟିକାଲ୍, ଚେନ୍, ବ୍ରେସ୍ଲେଟ୍, ଫେମିଲ୍ ପେକ୍ ରାକ୍ଷୀ ଭଳି ଅନେକ ଡ଼ିଜାଇନ୍ର ରାକ୍ଷୀ ମିଳୁଥିବାର କହିଛନ୍ତି । ସେହିପରି ଛୋଟପିଲା ମାନଙ୍କ ମଧ୍ୟ ଭିମ, ନଟିଆ, ବାଲକ୍ରିଷ୍ଣ, ଗଣେଶ, ସ୍ପାଇଡ଼ରମ୍ୟାନ ଭଳି ଅନେକ ପ୍ରକାର ରାକ୍ଷୀ ତାଳଚେର ବାଜରରେ ଉପଲବ୍ଧ ଥିଲା । ଅନ୍ୟପଟେ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଭଳିକି ଭଳି ରାକ୍ଷୀ ଦୋକାନ ସମ୍ମୁଖୀନ ସଜା ହୋଇ ରଖା ଯାଇଥିବାର ଦେଖିବାକୁ ମିଳିଛି । ଭଉଣୀମାନ ଭାଇଙ୍କ ହାତରେ ରାକ୍ଷୀବାନ୍ଧିବା ସହିତ ଅତି ସ୍ନେହଭରାରେ ମିଠା ଖୁଆଇ ଦେଇଥିଲେ । ଏସମ୍ପର୍କରେ ଗଣମାଧମ ପ୍ରତିନିଧିଙ୍କୁ ସାକ୍ଷାତ କରି ରାକ୍ଷୀ ଏକ ଧାଗା ନୁହଁ ଭାଇ ଭଉଣୀଙ୍କର ଅତୁଟ ସ୍ନେହଶ୍ରଦ୍ଧାର ଡ଼ୋରୀ ବୋଲି ଭଉଣୀମାନେ ମତପ୍ରକାଶ କରିଥିଲେ ।

## ରାଜା ପରେଶ ଦେଓଙ୍କ ଉଆସରେ ବସ୍ତର ମହାରାଜା କମଲ ଚନ୍ଦ୍ର ଭଞ୍ଜଦେଓ

ଆଠମଲ୍ଲିକ ,(ସବ୍ୟୁ) : ଗତ ପଚିଶି ତାରିଖ ରେ ରାଜା ପ୍ରଦୀପ ଚନ୍ଦ୍ର ଦେଓ ଙ୍କ ଦେହାନ୍ତ ପରେ ବହୁ ରାଜ ପରିବାର ଆସି ସମବେଦନା ଜଣାଇ ଥିଲେ । ଛତିଶଗଡ଼ ର ବସ୍ତର ମହାରାଜା କମଲ ଚନ୍ଦ୍ର ଭଞ୍ଜ ଦେଓ ମଙ୍ଗଳବାର ଆଠମଲ୍ଲିକ



ଗସ୍ତରେ ଆସି ରାଜା ପରେଶ ଚନ୍ଦ୍ର ଦେଓଙ୍କ ଉଆସକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟିଥିଲେ । ରାଜା ପରେଶ ଚନ୍ଦ୍ର ଦେଓଙ୍କ ଅନୁପସ୍ଥିତିରେ ରାଣୀ ମା ଶିବାଙ୍ଗୀ ଦେବୀ, ପୁତ୍ର ପୃଥିବୀରାଜ ଦେଓଙ୍କୁ ସମବେଦନା ଜଣାଇଥିଲେ ।

## ରକ୍ଷାବନ୍ଧନ କବିତା ଆସର

ଓଡାପଡା, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସାଗର ସାହିତ୍ୟ ସଂସଦର ରକ୍ଷା ବନ୍ଧନ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଜ୍ୟୋତିର୍ବିଦ ଶ୍ରୀବସ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଢେଙ୍କାନାଳ ଜିଲ୍ଲା ମେଡ଼ିକାଲର ପରିବାର କଲ୍ୟାଣ ବିଭାଗ ଡ଼ାକ୍ତର ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା ଏବଂ ତାଙ୍କ ଧର୍ମପନୀ ବିଜୟଲକ୍ଷ୍ମୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ଷା ବନ୍ଧନ କେବଳ ଭାଇ



ଭଉଣୀଙ୍କ ମଧ୍ୟରେ ନୁହେଁ ବରଂ ସମାଜର ପ୍ରତ୍ୟେକ ବ୍ୟକ୍ତି ଆପଣାଜନଙ୍କ ମଧ୍ୟରେ ସଂପର୍କର ଡୋରି ବାନ୍ଧି ଥିବା କହିଥିଲେ । ସଂପାଦକ ତ୍ରିଲୋଚନ ମହାରଣା ପ୍ରାରମ୍ଭରେ ରକ୍ଷା ବନ୍ଧନର ମହତ ସହିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟ କୃତିର ପ୍ରତିପାଦନ କରିଥିଲେ । ଏଥିରେ କବି କ୍ଷୀରୋଦ କୁମାର ସାହୁ, ଗଙ୍ଗାଧର ପୃଷ୍ଟି, ସୁବସ ଚନ୍ଦ୍ର ନାୟକ, ଦୁଃଶାସନ ସାହୁ, ଭାସ୍କର ଚନ୍ଦ୍ର ବେହେରା, ରବିନାରାୟଣ ନାୟକ, ପ୍ରଶାନ୍ତ କୁମାର ସାହୁ ସୁଶୀଲ କୁମାର ନାୟକ ସ୍ୱରଚିତ କବିତା ପାଠ କରିଥିଲେ । ସହ ସଂପାଦକ କାମାକ୍ଷା ପ୍ରସାଦ ବେହେରା ସଭା ପରିଚାଳନା କରିଥିବା ବେଳେ ଉପ ସଭାପତି ହେମନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦବଦୀପ ଫାଉଣ୍ଡେସନର ରକ୍ଷାବନ୍ଧନ ଉତ୍ସବ ପାଳିତ

ବାଲେଶ୍ୱର, (ସବ୍ୟୁ) : ଦେବଦୀପ ଫାଉଣ୍ଡେସନ ତରଫରୁ ବାଲେଶ୍ୱର ଉକିଳ ବାଳାଶ୍ରମର ଅନ୍ତେବାସୀ ଅନାଥ ପିଲାମାନଙ୍କ ସହିତ ଏକ ଭବ୍ୟ ଓ ପ୍ରେରଣାଦାୟୀ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଭାଇ-ଭଉଣୀଙ୍କ ଅନାବିଳ ସ୍ନେହ, ପବିତ୍ର ବନ୍ଧନ ଏବଂ ସମାଜରେ ମାନବିକତାର ବାର୍ତ୍ତା ବାଣ୍ଟିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଦେବଦୀପ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ରଶ୍ମିରେଖା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଳାଶ୍ରମର ପିଲାମାନଙ୍କ ହାତରେ ସଂଗଠନର କର୍ମକର୍ତ୍ତାମାନେ ରାଖି ବାନ୍ଧିବା ସହ ମିଠା ଖୁଆଇ ମନଭରା ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଅଧକ୍ଷା ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି ଯେ ଜଣେ ଭଉଣୀ ଯେପରି ନିଜ ଭାଇ ହାତରେ ରାଖି ବାନ୍ଧି, ଫୁଲ-ଚନ୍ଦନ-ସିନ୍ଦୂର-ଚାଉଳ ଲଗାଇ ବନ୍ଦାପନା କରି ମିଠା ଖୁଆଇଥାଏ, ସେହି ପବିତ୍ର ଭାବନାକୁ ଆମେ ଏହି ଅନାଥ ପିଲାମାନଙ୍କ ସହିତ ଅନୁଭବ କରିଛୁ । ଏହି ସୁନ୍ଦର ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମଟିକୁ ଶ୍ରୀମତୀ ଦୀପିକା ପ୍ରିୟଦର୍ଶିନୀ ଜେନା ପରିଚାଳନା କରିଥିଲେ ।

## ପାଣି ଘେରରେ ରହିଥିବା ଲୋକଙ୍କୁ ଖାଦ୍ୟ ବାଣ୍ଟିଲେ ରେମୁଣା ବିଧାୟକ

ବାଲେଶ୍ୱର, (ସବ୍ୟୁ) : ଲଗାତାର ବର୍ଷା କାରଣରୁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ଅନେକ ଗ୍ରାମ ଏବେ ମଧ୍ୟ ପାଣି ଘେରରେ ରହିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁରୁବାର ରେମୁଣା ନିର୍ବାଚନ ମଣ୍ଡଳୀର ଶେରଗଡ, ବରୁଣସିଂ, ଶାସଙ୍ଗ ଆଦି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସକାଳ ପ୍ରାୟ ୧୧ଟାରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପହଞ୍ଚି ପାଣି ଘେରରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।ବନ୍ୟା ପାଣି ହ୍ରାସ ପାଇଥିଲେ ମଧ୍ୟ ଅନେକ ପରିବାର ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ସେମାନଙ୍କ ଦୈନିକ ଜୀବନ ଦୁର୍ବିଷହ ହୋଇପଡ଼ିଛି । ଏହି ପରିସ୍ଥିତିରେ ପ୍ରଭାବିତ ପରିବାରମାନଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ବିଧାୟକ ଶ୍ରୀ ଦାସଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା ।

## ହିନ୍ଦୋଳ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବା କନେକ୍ଟ ସ୍ପୋର୍ଟସ - ଏଡିସନ

ହିନ୍ଦୋଳ ,(ସବ୍ୟୁ) : ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ସ୍ମାର୍ଟ କ୍ଲାସରେ ୨୭ ତାରିଖ ଦିନ ବିକଶିତ ଭାରତ ଯୁବା କନେକଫ ସ୍ପୋର୍ଟସ - ଏଡିସନ ଅନୁଷ୍ଠିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଜୟନ୍ତ ନାରାୟଣ ପତି ପୌରହିତ୍ୟ କରି ଆନ୍ତର୍ଜାତୀୟ କ୍ଷେତ୍ରରେ କ୍ରିଡ଼ା ପ୍ରତିଯୋଗିତାମାନ ଅନୁଷ୍ଠିତ ହେଲେ ଦେଶ ଦେଶ ମଧ୍ୟରେ କିଭଳି ସୁସମ୍ପର୍କ ସ୍ଥାପନ ହେବା ସହିତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ଜାତୀୟ କ୍ରୀଡା ଦିବସରେ ଢ଼େଙ୍କାନାଳ କାଣ୍ଡବିନ୍ଧାର ଖେଳ ଇଣ୍ଡିଆ କୋଚ ସନ୍ଦୀପ ଶ୍ରୀଚନ୍ଦନ ସାହୁ ଓ ମୋ ଭାରତ ପୋର୍ଟାଲ , ହିନ୍ଦୋଳୟୁଉନିଟ ର ଜ୍ଞାନରଞ୍ଜନ ନାଥି ବିଷୟ ଭିତ୍ତିକ ବିଶେଷଜ୍ଞ ଭାବେ ଯୋଗଦେଇ ମହାନ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ




(ଅଗଷ୍ଟ ୨୯) ତାରିଖରେ କିଭଳି ପାଳନ କରାଯିବ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ସହିତ କ୍ରୀଡାବି ମାନେ କ୍ରୀଡ଼ାରେ ଅଂଶ ଗ୍ରହଣ କରି ସୁନାମ ଅର୍ଜନ କରିବା ସହ ଦେଶର ଗୌରବ ବୃଦ୍ଧି କରିବା ଉତ୍ତମ ଖେଳାଳିଙ୍କ ପ୍ରଧାନ ଲକ୍ଷ୍ୟ ହେବା ଉଚି ବୋଲି ମାର୍ଗ ଦର୍ଶନ ଦେଇଥିଲେ । ସକାଳ ୧୦ ଘଟିକା ସମୟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିର୍ଚୁଆଲ ଜରିଆରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବୋଧିତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବତାରଣା କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଯୁବ ସମ୍ବାଦ ଆୟୋଜନ କରାଯିବା ସହିତ ବିଗତ ୧୨ ବର୍ଷ ମଧ୍ୟରେ ଦେଶରେ କିଭଳି କ୍ରୀଡା କ୍ଷେତ୍ରରେ ଅଗ୍ରଗତି ହୋଇଛି ସେ ସମ୍ବଧରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ସୁଶାନ୍ତ କୁମାର ଆଚାର୍ଯ୍ୟ , ଶିକ୍ଷା ବିଭାଗର ଅଧ୍ୟାପିକା ସୁଚିତ୍ରା ସାମଲ, କ୍ରିଡ଼ା ଶିକ୍ଷକ ସତ୍ୟବ୍ରତ ଜେନାମଣି , କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଂଯୋଜକ ତଥା ଏନ ସି ସି ଅଫିସର ବ୍ରଜକିଶୋର ବେହେରା ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନେଷ୍ଟ୍ରେଟର ବିଶ୍ୱରଂଜନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାହାର ଠିକାଦାରଙ୍କୁ ବିରୋଧ କରାଯିବ, ଟେଣ୍ଡର ପ୍ରକ୍ରିୟାକୁ ବର୍ଜନ କରିବ ସଂଘ

ଅନୁଗୋଳ,(ସବ୍ୟୁ) :ଜିଲାରେ କୌଣସି ଠିକାଦାର ସରକାରଙ୍କ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ନାହିଁ ବୋଲି ଜିଲା ଠିକାଦାର ସଂଘ ପକ୍ଷରୁ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ଜିଲା ଠିକାଦାର ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁନୀଲ କୁମାର ପ୍ରଧାନ ଓ ସମ୍ପାଦକ ସୁବୋଧ ମହାପାତ୍ର କହିଥିଲେ ଯେ ଠିକାଦାର ମାନେ ରାଜ୍ୟରେ ୮ଦଫା ଦାବି ନେଇ ଆନ୍ଦୋଳନ କରିଥିଲେ । ଠିକାଦାରଙ୍କ ସମସ୍ୟା ସମାଧାନ ସରକାର ଖୁବ ଶୀଘ୍ର ପୂରଣ କରିବେ ବୋଲି ପୂର୍ବ



ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏ ପର୍ଯ୍ୟନ୍ତ ତାହା ପୂରଣ ହେଲାନି । ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ସିଡ୍ୟୁଲ ମୂଲ୍ୟ ସଂଶୋଧନନହେବାରୁ ଠିକାଦାର ମାନେ ଲାଭାନ୍ୱିତ ହେଉନାହାନ୍ତି । ସରକାର ନୂତନ ଦର ଧାର୍ଯ୍ୟ ନକରିବା କିମ୍ବା ଟେଣ୍ଡର ବାତିଲ -ଆଦେଶ ନାମା ନହଟାଇବା ପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟାରେ କୌଣସି ଠିକାଦାର ଅଂଶ ଗ୍ରହଣ ନକରିବାକୁ ସଂଘନିଷ୍ପତ୍ତି ନେଇଥିବା ସେମାନେ କହିଥିଲେ । ଜିଲ୍ଲାରେ କାମ କରୁଥିବା ଠିକାଦାରମାନେ ବହୁ ଘାତ ପ୍ରତିଘାତ ମଧ୍ୟରେ କାମ କରୁଛନ୍ତି । ଜିଲା ବାହାର ଠିକାଦାର ମାନେ ୧୦ କୋଟି ଟଙ୍କା ତଳକୁ କାମରେ ଟେଣ୍ଡର ନପକାଇ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି । କେବଳ ଜିଲାର ଠିକାଦାରମାନେ ଏହି ଛୋଟ ଛୋଟ କାମ ପାଇ ପାରିବେ । ସରକାର ସେମାନଙ୍କ ଦାବି ପୂରଣ ନ କଲେ ପରବର୍ତ୍ତୀ ସମୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାଇଛନ୍ତି ।

## ଆମ୍ବଗଛରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଢ଼େଙ୍କିକୋଟ, (ସବ୍ୟୁ): ପାଟଣା ଥାନା ଡାଳପକା ପଞ୍ଚାୟତର ବନବୀର ଗ୍ରାମର ଆମ୍ବଗଛରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଉଦ୍ଧାର ହୋଇଛି । ମୃତ ଯୁବତୀ ଜଣକ ବନବୀର ଗ୍ରାମର ସୁଶିଲ ଚନ୍ଦ୍ର ନାଏକଙ୍କ ଝିଅ ପୁଷ୍ପାଞ୍ଜଳୀ ନାଏକ (୨୦) ବୋଲି ଜଣାପଡ଼ିଛି । ପୁଷ୍ପାଞ୍ଜଳୀ ବୁଧବାର ଦିନ ପ୍ରାୟ ୨ଟା ସମୟରେ ଘରୁ ବାହାରି ଯାଇଥିଲେ । ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ଆମ୍ବଗଛରେ ତାଙ୍କର ଝୁଲନ୍ତା ମୃତ ଦେହ ଦେଖି ପରିବାରଲୋକ ଓ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପାଟଣା ଥାନା ଏ ଏ ସଆଇ ଧନେଶ୍ୱର ପାତ୍ର ଓ ୧୧୨ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି ।ଯୁବତୀଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ଯୁବତୀଙ୍କ ଗୋଡ଼ ହାତ ରେ ଅନେକ କ୍ଷତ ଥିବା ଦେଖିବାକୁ ମିଳିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ଥାନା ଏଏସଆଇ କହିଛନ୍ତି ।

## ପଥର ଗାଡି ଧରି ଛାଡିଲା ପୋଲିସ

ସୋର, (ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରେ ଏକ ପଥର ବୋଝେଇ ଡମ୍ପରକୁ ଧରି ସୋର ପୁଲିସ ଛାଡି ଦେଇଥିବା ଜଣାପଡିଛି । ସୂଚନା ଅନୁସାରେ ଗତକାଲି ମଧ୍ୟାହ୍ନରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରେ ୫ରୁ ଅଧିକ ପଥର ଗାଡି ଏକା ସାଙ୍ଗରେ ଯାଉଥିବା ନେଇ କୌଣସି ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା । ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋଟିଏ ଗାଡିକୁ କାବୁ କରିଥିବା ବେଳେ ଅନ୍ୟ ଗାଡି ଗୁଡିକ ଫେରାର ହୋଇଯାଇଥିଲେ । ମାତ୍ର କିଛି ସମୟପରେ ପୁଲିସ ଉକ୍ତ ପଥର ଗାଡିକୁ ଛାଡିଦେଇଥିଲେ । ତେବେ କେଉଁ କାରଣରୁ ପଥର ଗାଡିକୁ ଛଡାଗଲା ସେ ନେଇ ସୋର ଥାନା ଭାରପ୍ରାପ୍ତ ଅଧିକାରୀ ଦେବରାଜ ଜେନାଙ୍କୁ ବାରମ୍ବାର ଯୋଗଯୋଗ କରାଯାଇଥିଲେ ମଧ୍ୟ ଯୋଗଯୋଗ ହୋଇପାରିନଥିଲା ।

## ଜୟନ୍ତ -ଉପସଭାପତି ଓ ରବି, କରୁଣାକର, ମୁକ୍ତିକାନ୍ତ -ସମ୍ପାଦକ

ଖଇରା,(ସବ୍ୟୁ): -ବାଲେଶ୍ୱର ଜିଲ୍ଲା ବିଜେଡିରେ ପୁନର୍ଗଠନ ପ୍ରକ୍ରିୟାରେ ଖଇରାରୁ ଜୟନ୍ତ କୁମାର ରାଉତଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ରାଉତଙ୍କ ସହ ବହୁ ପୂର୍ବତନ ଲୋକପ୍ରତିନିଧି ନିଜର ଶତାଧିକ ସମର୍ଥକଙ୍କ ସହ ଗତ ୧୭ ତାରିଖରେ ଭାଜପାରୁ ଇସ୍ତଫା ଦେବା ପରେ ବିଜେଡି ରେ ଯୋଗଦାନ କରିଥିଲେ। ଉପସଭାପତି ପଦ ମିଳିଥିବାରୁ ସେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲା ସଭାପତି ଜେଯାତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାୟକ, ସାଙ୍ଗଠନିକ ପଦାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିଭଳି ବର୍ତ୍ତନାର ମୁକ୍ତିକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ କରୁଣାକର ଜେନା, ଗୋବିନ୍ଦପୁର ସମିତି ପରିଚାଳନା ବୋର୍ଡ ସଭାପତି ରବିନ୍ଦ୍ର ବେହେରାଙ୍କୁ ଜିଲ୍ଲା ଟିମ୍ରେ ସମ୍ପାଦକ ପଦବୀରେ ଅଭିଷିକ୍ତ କରାଯାଇଛି।

## କେନ୍ଦ୍ରୀୟ ଚଷା ସମାଜ ପକ୍ଷରୁ ଗୋପୂଜନ କାର୍ଯ୍ୟକ୍ରମ

କଣିହାଁ(ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ହନୁମାନପୁର ଗ୍ରାମରେ କେନ୍ଦ୍ରୀୟ ଚଷା ସମାଜ ପକ୍ଷରୁ ଗୋପୂଜନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଯ୍ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଗୋମାତାକୁ ପୂଜାର୍ଚ୍ଚନା କରି ରକ୍ଷା ସୂତ୍ର ବନ୍ଧନ କରିଥିଲେ । ଗ୍ରାମର ନରେନ୍ଦ୍ର ବିଶ୍ୱାଳଙ୍କ ଘରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା । ପରେ ହନୁମାନର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଧାୟକ ଶ୍ରୀ ମହାନ୍ତି ଓ ଚଷା ସମାଜର ପ୍ରତିନିଧି ଗଣ ଚାରାରୋପଣ କରିଥିଲେ । ବିଦ୍ୟାଳୟ ପରିସରରେ କେନ୍ଦ୍ରୀୟ ଚଷା ସମାଜ ସଭାପତି ମୁକୁନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ଶ୍ରୀ ମହାନ୍ତି ଯୋଗଦେଇ କୃଷିକୁ ପ୍ରାଧାନ୍ୟ ଦେଇ ବହୁ କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଥିଲେ । ବାଜ୍ରକୋଟ ଅଞ୍ଚଳର ଓଳନ୍ଦା ଠାରେ ଚଷା ଭବନ ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ବିଧାୟକ ଘୋଷଣା କରିବା ସହ ପବିତ୍ରନଗର କେନ୍ଦ୍ରୀୟ ଚଷା ସମାଜ ଭବନ ପୂର୍ଣ୍ଣାଙ୍ଗ କରି ଖୁବ ଶୀଘ୍ର ପ୍ରତିଷ୍ଠା କାରାଯିବ ବୋଲି କହିଥିଲେ । ଉକ୍ତ ଦିନ ବିଦ୍ୟାଳୟ ପକ୍ଷରୁ ବିଧାୟକ ଙ୍କୁ ସମ୍ମାନୀତ କରାଯାଇଥିଲା । ଚଷା ସମାଜର ବରିଷ୍ଠ ସଦସ୍ୟ ତଥା ପୁର୍ବତନ ସରପଂଚ ବିନୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ନଦୀକୂଳ ଚଷା ସମାଜ ସଭାପତି ବୃନ୍ଦାବନ ପ୍ରଧାନ, କଣିହାଁ ଅଞ୍ଚଳ ଚଷା ସମାଜ ସଭାପତି ଦେବଦତ୍ତ ପ୍ରସାଦ ପ୍ରଧାନ, ବଜ୍ରକୋଟ ଅଞ୍ଚଳ ଚଷା ସମାଜ ସଭାପତି ଲିଙ୍ଗରାଜ ପ୍ରଧାନ, ହନୁମାନପୁର ପଞ୍ଚାୟତ ସରପଞ୍ଚ ଲିପିକା ପ୍ରଧାନ, ହନୁମାନପୁର ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଙ୍କଜ ଲୋଚନ ସାହୁ, ତ୍ରିପୁରାରୀ ପ୍ରଧାନ, ବିନୋଦ ଜେନା, କାଳନ୍ଦି ସାହୁ, ଶତ୍ରୁଘ୍ନ ପ୍ରଧାନ, ବିନୟ ପ୍ରଧାନ ପ୍ରମୁଖ ଅନେକ ଚଷା ଭାଇ ଉପସ୍ଥିତ ଥିଲେ ।

## ଏବିଭିପି ଓ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରକ୍ଷାବନ୍ଧନ

ଭୁବନ,(ସବ୍ୟୁ) :ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନ ନଗର ଶାଖା ପକ୍ଷରୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ଷ୍ଟେସନ, ଅଗ୍ନିଶମ କେନ୍ଦ୍ର ଓ ବନ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରି ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥିଲା । ସମାଜ ଓ ଦେଶର ସୁରକ୍ଷା ପାଇଁ ନିରନ୍ତର ସେବା ଓ ତ୍ୟାଗ କରୁଥିବା ଆମର ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କୁ ରକ୍ଷା ବନ୍ଧନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରଯାଇଥିଲା ।ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଚିନ୍ମୟୀ ପ୍ରଧାନଙ୍କ ନେତୃତ୍ୱରେ ସାଥୀ କାର୍ଯ୍ୟକର୍ତ୍ତା କ୍ଷୀରୋଦିନି



ବାରିକ, ସଓ୍ୱାତୀ, ନିକି, ବର୍ଷାଙ୍କ ସହ ଛାତ୍ର ନେତା ପ୍ରୀତିରଞ୍ଜନ ସାହୁ, ବିଶ୍ୱଜି ବେହେରା, ପ୍ରଶାନ୍ତ ଦାସ, ସୋୟମ ଓ ସତ୍ୟ ଯୋଗଦେଇଥିଲେ । ରାକ୍ଷୀର ଏହି ପବିତ୍ର ବନ୍ଧନ ସମାଜରେ ଭାଇଚାରା, ସୁରକ୍ଷା ଓ ସେବାର ଭାବନାକୁ ଆହୁରି ମଜବୁତ କରିବାର ପ୍ରୟାସକୁ ସମସ୍ତେ ପ୍ରଶଂସା କରିବା ସହିଦ୍ୟାର୍ଥୀ ପରିଷଦକୁ ଧନ୍ୟବାଦ ଜଣାଇଥିଲେ । ସେହିପରି ହିନ୍ଦୁ ଜାଗରଣ ମଞ୍ଚ, ଭୁବନ ଆନୁକୂଲ୍ୟରେ ଓ ଶ୍ରୀ କାଶୀ ବିଶ୍ୱନାଥ ଚାରିଟେବୁଲ ଟ୍ରଷ୍ଟ, ଛତା ମଠ ସହଯୋଗରେ ପ୍ରତିବର୍ଷ ପରି ଚଳିତବର୍ଷ ପ୍ରଭୂ ବଳଭଦ୍ରଙ୍କ ଜନ୍ମଦିନରେ ଗୋ ପୂଜନ ଓ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି । ହିନ୍ଦୁ ଜାଗରଣ ମଞ୍ଚ ସଂଯୋଜକ ସଦାନନ୍ଦ ନାୟକଙ୍କ ସଭାପତିତ୍ୱ ଓ ଶିକ୍ଷକ ବସନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଶୀ ବିଶ୍ୱନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ହରିହର ସାହୁ ମୂଖ୍ୟ ଅତିଥି, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭୁବନର ମୂଖ୍ୟ ବ୍ରହ୍ମା କୁମାରୀ ବିଜୟା, ବାବା ରାମାନନ୍ଦ ଭାରତୀ, କାଳୀ ବଜାର ବଣିକ ସଂଘ ସଭାପତି ସମାଜସେବୀ ସୁବ୍ରତ କୁମାର ସାହୁ, ନିରଂଜନ ଗୁରୁ, ମଳୟ କୁମାର ତ୍ରିପାଠୀ ଓ ଚାଷୀ ଗଦାଧର ନାୟକ ପ୍ରମୁଖ ଉପସ୍ଥିତ ରହି ଗୋ ମାତାର ରକ୍ଷା, ସୁରକ୍ଷା ଓ ମାନବ କଲ୍ୟାଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମହିଳା ମାନଙ୍କ ଦ୍ୱାରା ୨୦୦ ରୁ ଉର୍ଦ୍ଧ୍ୱର୍ ଗୋମାତାଙ୍କୁ ପୂଜନ କରାଯାଇ ପିଠା, କଦଳୀ ଓ ଘାସ ଖୁଆଯିବା ସହ ରକ୍ଷା ସୂତ୍ର ବନ୍ଧନ କରାଯାଇଥିଲା ।

## ଖାଉଟି ଏବେ ସିନ୍ଥେଟିକ୍ ପନିରକୁ ନେଇ ଚିନ୍ତାରେ

ତାଳଚେର,(ସବ୍ୟୁ) :ବଜାରରେ ଏବେ ସିନ୍ଥେଟିକ୍ ପନିର ଓ ମିଠା ଚାହିଦା ବିକ୍ରି ନେଇ ଚିନ୍ତା ବଢ଼ିଛି । ଅସଲି ପନିର ଭଳି ଦେଖାଯାଉଥିଲେ ମଧ୍ୟ ଏହା ସ୍ୱାସ୍ଥ୍ୟପାଇଁ କେତେ କ୍ଷତିକାରକ ତାହା କିଏବା କହିବ । କିଛି ଅସାଧୁ ବ୍ୟବସାୟୀ ପନିରରେ ମଇଦା, ଆରାରୁଟ୍, ଛେନା ଓ ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶାଇ ବଜାରକୁ ଛାଡୁଥିବା ଅଭିଯୋଗ ହେଉଛି । ଗତ ବୁଧବାର କଟକ ଲିଙ୍କ ରୋଡ଼ରୁ ୭୦କ୍ୱିଣ୍ଟାଲ ଅପମିଶ୍ରିତ ପନିର ଜବତ ହେବାପରେ ଆହୁରି ମଧ୍ୟ କେତେ ଜାଗାରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅପମିଶ୍ରିତ ପନିର ଜବତ ହେବାପରେ ଏବେ ଏହାକୁ ନେଇ ସବୁଆଡ଼େ ଚର୍ଚ୍ଚ ଚାଲିଛି । ଏହି ଅପମିଶ୍ରିତ ପନିରକୁ ଖାଇ ରୋଗଗ୍ରସ୍ତ ହେବା ନିଶ୍ଚିତ । ତେଣୁ କଟକ ଭଳି ତାଳଚେରରେ ମଧ୍ୟ ଏଭଳି ପନିର ବିକ୍ରି ଚାଲିଛି କି ନାହିଁ ତାହା ଯାଂଚ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି । ସୂଚନା ଅନୁଯାୟୀ କ୍ଷୀର ବଦଳରେ ସିନ୍ଥେଟିକ୍ ପନିରରେ ପ୍ରସ୍ତୁତିରେ ପାମ ଅଏଲ, ମଇଦା ଓ ବିଭିନ୍ନ ରାସାୟନିକ ପଦାର୍ଥ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ଏହା ଅସଲି ପନିର ଭଳି ନରମ ଓ ଦେଖିବାକୁ ଆକର୍ଷଣୀୟ ହୋଇଥିବାରୁ ସାଧାରଣ ଗ୍ରାହକ ଅସଲି କିମ୍ବା ନକଲି ଫରକ ଜାଣିବାରେ କଷ୍ଟକର । ଏଭଳି ପନିର ବ୍ୟବହାର କରି ବଜାରରେ ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତ ହେଉଥିବାରୁ ଗ୍ରାହକଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । କଟକରୁ ପନିର ଆସି ତାଳଚେର ଅଂଚଳର ଫାଷ୍ଟଗେଟ୍, ସାଉଥବଲଣ୍ଡା, ବସଷ୍ଟାଣ୍ଡ, ହାଟତୋଟା, ଶର୍ମାଛକ, ହାଣ୍ଡିଧୂଆଁ ଇତ୍ୟାଦି ସ୍ଥାନ ଗୁଡ଼ିକରେ ବିକ୍ରି ହେଉଛି । ଏହା ଅସଲି କି ନକଲି ଖାଦ୍ୟନିରାପତା ବିଭାଗ ପକ୍ଷରୁ କାହିଁକି ଏଥିପ୍ରତି ଯାଂଚ କରାଯାଉ ନାହିଁ ତାକୁ ନେଇ ଖାଉଟିଙ୍କ ମନରେ ଚିନ୍ତା ବଢ଼ାଇବାରେ ଲାଗିଛି ।

# ବେତନଟୀ କଲେଜରେ ସଚେତନତା କାର୍ଯ୍ୟକ୍ରମ



ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ କଲେଜରେ ଶକ୍ତିଶ୍ରୀ ସଶକ୍ତିକରଣ ୟୁନିଟ ଆନୁକୂଲ୍ୟରେ କଲେଜ ଅଡିଟୋରିଅମ ହଲଠାରେ ନାରୀ ଅଧିକାର ଏବଂ ନାରୀ ସାଂସ୍କୃତିକରଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀଣୀ ମିନତୀ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଚିତ୍ରଡା କଲେଜର ଅବସରପ୍ରାପ୍ତ ଅର୍ଥନୀତି ବିଭାଗର ପ୍ରାଧ୍ୟାପିକା ଉଷା ଶତପଥୀ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ନାରୀ ମାନଙ୍କର ଆଇନଗତ ବିଭିନ୍ନ ଅଧିକାର, ଶିକ୍ଷାର ଆବଶ୍ୟକତା, ଆର୍ଥିକ ସ୍ୱାବଲମ୍ବନ ଏବଂ ସାମାଜିକ ସୁରକ୍ଷା ବିଷୟରେ ଛାତ୍ରୀମାନଙ୍କୁ ସବିସ୍ତୃତ ଭାବେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଏସଡିପିଓ ମିନତୀ ବିଶ୍ୱାଳ ସାଇବର ଅପରାଧ, ମହିଳା ହେଲ୍ପଲାଇନ ନମ୍ବର ୧୦୯୮ ଏବଂ ୧୧୨ ନମ୍ବରର ବ୍ୟବହାର ଏବଂ ସୋସିଆଲ ମିଡିଆରେ ସତର୍କ ରହିବା ବିଷୟରେ ସଚେତନ କରାଇଥିଲେ । ଶକ୍ତିଶ୍ରୀ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଆଦ୍ୟାଶକ୍ତି ସିଂ ପରିଚାଳନା କରିଥିବା ବେଳେ ଶକ୍ତିଶ୍ରୀ ସାଥୀ ତଥା ଛାତ୍ରୀ ପ୍ରତିନିଧି ଶୁଭସ୍ମିତା ଜେନା ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟାପକ/ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ କଲେଜର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।କାର୍ଯ୍ୟକ୍ରମର ସଫଳ ସମାପନ ହୋଇଥିଲା ।

# ବିସିଇଟିରେ ପ୍ରଧାନମନ୍ତ୍ରୀଙ୍କ ଯୁବା କନେକ୍ଟ ଆଭାସି କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ଶେରଗଡ଼ ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବି.ସି.ଇ.ଟି.) ପରିସରରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ଯୁବା କନେକ୍ଟ ଆଭାସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିସିଇଟି ଏନ୍‌ଏସ୍‌ଏସ୍ କୋ-ୟୁନିଟ ଏବଂ ମାଇ ଭାରତ ବାଲେଶ୍ୱର ମିଳିତ ଉଦ୍ୟମରେ ଉକ୍ତ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଯୁବବର୍ଗମାନଙ୍କୁ କ୍ରୀଡ଼ା ସମ୍ବନ୍ଧିତ କିଛି ତଥ୍ୟ ଦେବା ସହ ଏଥିରେ ସେହି କ୍ରୀଡ଼ାବିତଙ୍କ ସହ ସିଧା ସଳଖ ବାର୍ତ୍ତାଳାପ କରିଥିଲେ। ବାଲେଶ୍ୱର ଜିଲ୍ଲାରେ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ଏକମାତ୍ର ଅନୁଷ୍ଠାନ ଯେଉଁଠାରେକି ଦ୍ୱିପାକ୍ଷିକ ଆଲୋଚନାମୂଳକ ଭର୍ଚୁଆଲ ମିଟ୍ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମାପ୍ତି ପରେ ଅନୁଷ୍ଠାନ ତରଫରୁ ବାଲେଶ୍ୱର ଜିଲ୍ଲାର ଯୁବ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ସରକାରଙ୍କ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଓଡ଼ିଶାର ସୁନାମଧନ୍ୟ କ୍ରୀଡ଼ା ଆଇକନ୍ ରାଜେଶ କୁମାର ସେଠୀ, ମାଇଭାରତର ବାଲେଶ୍ୱର କୋର୍ଡିନେଟର ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ପ୍ରଧାପକ ଜ୍ୟୋତିରଞ୍ଜନ ରାଉତ, ଡିନ୍ ଏକାଡ଼େମିକ୍ ଇଂ ସରୋଜ କୁମାର ପାତ୍ର, ଆକ୍ୟୁଏସି କୋର୍ଡିନେଟର ଡ. ଧ୍ରୁବେନ୍ଦୁ କୁମାର ଜେନା, ଆଇ.ସି.ସି. କୋର୍ଡିନେଟର ମୃତ୍ୟୁଞ୍ଜୟ ଦାସ, ଏମ୍‌ସିଏ ବିଭାଗୀୟ ମୁଖ୍ୟ ଦାସିନୀ ରଥ, ଏମ୍‌ବିଏ ବିଭାଗ ମୁଖ୍ୟ ଡ. ସୁବର୍ଣ୍ଣକେଶରୀ ସାମଲ, ତାଲିମ ନିର୍ଦ୍ଦେଶିକା ଡ. ସୁବାସିନୀ ଚୌଧୁରୀ, ମେକାନିକାଲ ବିଭାଗୀୟ ମୁଖ୍ୟ ଇଂ. ପ୍ରଦୀପ କୁମାର ମହାନ୍ତି ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଏନ୍‌ଏସ୍‌ଏସ୍ ଓ ମାଇ ଭାରତ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ମାଇ ଭାରତ ବାଲେଶ୍ୱରର କୋଡ଼ିନେଟର ବିକ୍ରମ ବାରିକ ଏବଂ ଏନ୍‌ଏସଏସ୍ କୋଡ଼ିନେଟର ବାଲେଶ୍ୱର ରାଜେନ୍ଦ୍ର ହେମରମ୍ ଯୋଗ ଦେଇଥିଲେ। ଡ. ଜ୍ୟୋତିର୍ମୟୀ ଓଝା ମଂଚ ପରିଚାଳନା କରିଥିବା ବେଳେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅମ୍ବରଲୋଚନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ମୁଖ୍ୟ ଡ. ମନ୍ମଥ କୁମାର ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ, ସମ୍ପାଦିକା ଶ୍ରୀମତୀ ସୁବ୍ରତା ବିଶ୍ୱାଳ, ସହ ଉପସଭାପତି ରାଜଶ୍ରୀ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥି, କ୍ରୀଡ଼ାବିତ୍, ସ୍ୱେଚ୍ଛାସେବୀ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

ସୋର,(ସବ୍ୟୁ): ବରିଷ୍ଠ ବିଜେଡି ନେତା ତଥା ସୋର ବ୍ଲକ ସାଜନପୁର ପଞ୍ଚାୟତର ସମିତିସଭ୍ୟ ଅଶୋକ ନାୟକ(୬୫)ଙ୍କର ବିୟୋଗ ହୋଇଛି। ସ୍ୱର୍ଗତ ନାୟକ ଗତ ଏକ ବର୍ଷରୁ ଅଧିକ ଦିନ ଧରି ହୃଦରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ। ମାତ୍ର ଦୁଇଦିନ ତଳେ ପୁନଶ୍ଚ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅପରାହ୍ଣରେ ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୋଳ ପରିବେଶରେ ତାଙ୍କ ଶବକୁ ଶୋଭାଯାତ୍ରାରେ ନିଆଯାଇ ସୋର ସହର ଓ ସାଜନପୁର ପଞ୍ଚାୟତ ପରିକ୍ରମା କରା ଯାଇଥିଲା। ଖବର ପାଇ ସୋର ବିଧାୟକ ମାଧବ ଧଡା, ପୂର୍ବତନ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ,ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପରିଷଦ ସଦସ୍ୟ ଜୟରାମ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଘର ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ସାଓ୍ୱନ କୁମାର ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

# ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ନୀଳଗିର,(ସବ୍ୟୁ): ନୂତନ ଶିକ୍ଷାନୀତିରେ ଯୋଡ଼ି ହୋଇଥିବା ଶକ୍ତିଶ୍ରୀ, ଆତ୍ମସୁରକ୍ଷା ଓ ଷ୍ଟାର୍ଟ ଅଫ କାଯ୍ୟକ୍ରମ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଫକୀରମୋହନ ମେଡିକାଲ କଲେଜର କୁଳସଚିବ ଦକ୍ଷ ପ୍ରଶାସିକା ଶ୍ରୀମତୀ ମନୋରମା ଭୂୟାଁ ଯୋଗଦେଇ ଆଜିର ଛାତ୍ରୀଙ୍କ ମାନସିକତାର ଲକ୍ଷଣକୁ ବର୍ଣ୍ଣନା କରିବାସହ ଉକ୍ତ ଯୋଜନାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ମହିଳା କଲେଜର ଅଧ୍ୟକ୍ଷ ସତ୍ୟରଞ୍ଜନ ମିଶ୍ର, ଶକ୍ତିଶ୍ରୀ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ଡ. ଶିବାନୀ ଡଗର, ଷ୍ଟାର୍ଟ ଅଫ ବିଭାଗର ଦାୟିତ୍ୱରେ ଥିବା ଅଧ୍ୟାପିକା ମଣିମାଳା ବିଶ୍ୱାଳ ଓ ମୌସୁମୀ ଭୋଳ ଉପସ୍ଥିତ ରହି ନିଜନିଜ ମତ ଉପସ୍ଥାପନ କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧିକାଂଶ ଛାତ୍ରୀ ଯୋଗଦାନ କରିଥିଲେ।

# ମହମ୍ମଦଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳ ବଣ୍ଟନ

ଭଦ୍ରକ,(ସବ୍ୟୁ): ଭଦ୍ରକ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀମାନଙ୍କୁ ଭେଟି ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଫଳ ବଣ୍ଟନ କରାଯାଇଛି। ପ୍ରଥମ ଦିବସର କାର୍ଯ୍ୟକ୍ରମ ପୁରୁଣାବଜାର ମଲିକ ମଇଦାନ ସ୍ଥିତ ଅହମଦୀୟା ମୁସଲିମ ମସଜିଦ ଠାରେ ଭୋର ସାଢ଼େ୩ଟାରୁ ରୁ ସାମୂହିକ ବିଶେଷ ନମାଜ ତହଜୁଦ ପାଠ ସହ ଆରମ୍ଭ ହୋଇଥିଲା। ୪ଟା୪୦ରେ ନମାଜ ଫଜର ଓ ପ୍ରବଚନ ହୋଇଥିଲା। ୪ଟା୫୦ରେ ସାମୂହିକ ପବିତ୍ର କୋରାନ ପାଠ ଆବୃତ୍ତି କରାଯାଇଥିଲା। ସକାଳ ୧୦ଟାର ଜିଲ୍ଲା ଚିକିତ୍ସାଳୟରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ସେକ ଅବ୍ଦୁଲ କାଦର ଯୋଗଦେଇଥିବା ବେଳେ ଅତିଥି ଭାବେ ଉପଜିଲ୍ଲା ସଭାପତି ସେକ ଗୁଲାମ ଅହମଦ,ଜିଲ୍ଲା ମୌଲାନା ଇନଚାର୍ଜ ମିର ଅବ୍ଦୁଲ ହଫିଜ,ଆଂଚଳିକ ସଭାପତି ସେକ ଜହୁର ଅହମଦ,ଉପସଭାପତି ସେକ ଏଜାଜ ଅହମଦ,ଯୁବ ସଂଗଠନର ସଭାପତି ସେକ ସୁଲତାନ ଅହମଦ ଏବଂ ଜଇମ ଅନସାର ସେକ ଜମାଲୁଦ୍ଦିନ ଯୋଗ ଦେଇଥିଲେ। ଆସନ୍ତା କାଲି ଶୁକ୍ରବାର ଆଦର୍ଶବାଦୀ ମହାମାନବ ମହମ୍ମଦଙ୍କ ଜୀବନୀ ବିଷୟରେ ଏକ ଧର୍ମସଭା ହେବାର ସଂପ୍ରଦାୟର କମିଟି ତରଫରୁ ସୂଚନା ଦିଆଯାଇଛି।

# ପାରିବାରିକ କଳହର କରୁଣ ପରିଣତି
## ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

ଭଦ୍ରକ,(ସବ୍ୟୁ): ପାରିବାରିକ କଳହରୁ ଘଟିଛି ଅଭାବନୀୟ ଘଟଣା। ସ୍ତ୍ରୀଙ୍କୁ ଧାରୁଆ ଅସ୍ତ୍ରରେହ ତ୍ୟା କରିବା ପରେ ସ୍ୱାମୀ ଘର ଭିତରେ ଫାସି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଇଛି । ଭଦ୍ରକ ପୁରୁଣାବଜାର ଥାନା ଅଧୀନ ନଙ୍ଗମହଲା ଗାଁରେ ଆଜି ଏହି ଘଟଣା ଘଟିଛି।,ନଙ୍ଗମହଲା ଗାଁର ଶେଖ ମୁସ୍ତଫା ରଜା ଓ ତାଙ୍କ ସ୍ତ୍ରୀ ସୋନୁ ବିବିଙ୍କ ମଧ୍ୟରେ ଦୀର୍ଘଦିନ ଧରି ପାରିବାରିକ ବିବାଦ ଲାଗି ରହିଥିଲା। ପରିବାର ଲୋକେ ଉଭୟଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ଏକାଧିକ ଥର ଉଦ୍ୟମ କରିଥିବା ଜଣାପଡ଼ିଛି। ତେବେ ଗୁରୁବାର ଦିନ ହଠାତ୍ ଶେଖ ମୁସ୍ତଫା ରଜା ତାଙ୍କ ସ୍ତ୍ରୀ ସୋନୁ ବିବିଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପରେ ସେ ଘର ଭିତରେ ନିଜ ବେକରେ ଫାସି ଲଗାଇ ଝୁଲି ପଡ଼ିଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଖବରପାଇ ପୁରୁଣାବଜାର ପୋଲିସ ଘଟଣାସ୍ଥଳରେ ପହଂଚିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ଉଭୟଙ୍କ ମୃତଦେହକୁ ଉଦ୍ଧାର କରିଥିବା ସୂଚନା ମିଳିଛି। ସୂଚନା ମୁତାବକ,ଉଭୟଙ୍କର ପ୍ରେମ ବିବାହ ହୋଇଥିଲା। ସେମାନଙ୍କର ଯଥାକ୍ରମେ ୬ ଓ ୧ବର୍ଷର ଦୁଇଟି ଝିଅ ଅଛନ୍ତି । ଶେଖ ମୁସ୍ତଫା ରଜାଙ୍କ ଘର ଭଦ୍ରକରେ ହୋଇଥିବାବେଳେ ସୋନୁ ବିବିଙ୍କ ବାପ ଘର ଲକ୍ଷ୍ନୌରେ ବୋଲି ଜଣାପଡ଼ିଛି। ତେବେ ପାରିବାରିକ ବିବାଦର ପ୍ରକୃତ କାରଣ କଣ ଏବଂ ଘଟଣା କିପରି ଘଟିଲା,ସେ ନେଇ ପୋଲିସର ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ।

# ବଣୁଆଁ ହାତୀ ଉତ୍ପାତ, କ୍ଷୟକ୍ଷତି ଦାବିରେ ରାଜପଥ ଅବରୋଧ

ଢେଙ୍କିକୋଟ (ସବ୍ୟୁ): ଢେଙ୍କିକୋଟ ନିକଟବର୍ତ୍ତୀ ଆଖପାଖ ଅଞ୍ଚଳରେ ୨୨ ଟିକିଆ ହାତୀପଲ ବର୍ତ୍ତମାନ ଉତ୍ପାତ ଆରମ୍ଭ କରିଦେଇଛନ୍ତି । ଅନେକ ଲୋକଙ୍କ ଜୀବନ ଚାଲିଯାଉଛି ଆଉ ଘରଦାର, ଜିନିଷପତ୍ର ନଷ୍ଟଭ୍ରଷ୍ଟ ହୋଇଯାଇଛି । ବିଲ ବାଡ଼ିରେ ଚାଷ ବି ନଷ୍ଟ ହୋଇଯାଇଛି । ଲୋକମାନେ ଭୟରେ ଘରୁ ପଦାକୁ ବାହାରି ପାରୁନାହାନ୍ତି । ତେଣୁ ଗୁରୁବାରଦିନ କ୍ଷୟକ୍ଷତି ଦାବିରେ ଆଖପାଖ ଗ୍ରାମ.କପାସପଡ଼ା , କେତଝଙ୍କ, ନୂଆପଡା,ମୁଦ୍ରାବେଡା, ବଡବରବେଡା ଲୋକମାନେ ଆସି ୨୨୦ ନମ୍ବର ଜାତୀୟ ରାଜପଥ କୁ ଦୀର୍ଘ ୪ ଘଣ୍ଟା ଅବରୋଧ କରିଥିଲେ । ଜାତୀୟ ରାଜପଥ ଉଭୟପାର୍ଶ୍ୱରେ ଶହଶହ ଛୋଟ ବଡ ଗାଡି ଅଟକି ରହିଥିଲା। ସମସ୍ତେ ହାତୀ ଘଉଡେଇବାକୁ ଲାଇଟ ସମେତ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବାକୁ ଦାବି କରିଥିଲେ । ଖବରପାଇ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା, ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ, ବନବିଭାଗର ଏସ ସି ଏଫ ସୁଦୀପ୍ତ କୁମାର ପଣ୍ଡା ଓ ଅନ୍ୟାନ୍ୟ ବନକର୍ମଚାରୀ ଆସି ଲୋକମାନଙ୍କୁ ବୁଝାସୁଝା କରସେମାନଙ୍କର ଦାବି ଖୁବଶୀଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ପରେ ପରେ ରାସ୍ତା ଅବରୋଧରୁ ଲୋକମାନେ ହଟିବାପରେ ଲୋକମାନଙ୍କର କ୍ଷୟକ୍ଷତି ଦେଖିବାକୁ ଥାନା ଅଧିକାରୀ ଓ ବନବିଭାଗ କର୍ମଚାରୀମାନେ ଯାଇଥିଲେ । ବନ ବିଭାଗପକ୍ଷରୁ ହାତୀପଲ କୁ ଜନବସତି ଠାରୁ ସୁରକ୍ଷିତ ସ୍ଥାନକୁ ପଠାଇକୁ ଚେଷ୍ଟା ଚାଲିଛ।

# ଆନନ୍ଦପୁର ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ



ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମହାବିଦ୍ୟାଳୟ ର ନୂତନ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ଦେବେନ୍ଦ୍ର ନାରାୟଣ ପତ୍ରିଙ୍କ ସଭାପତିତ୍ୱରେ ଶକ୍ତି ଶ୍ରୀ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଅଛି।ଏହି କାର୍ଯକ୍ରମରେ ଆନନ୍ଦପୁର ଏସ ଡି ପି ଓ କମଳ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇପିସ,ପୋସ,ପୋକ୍ସୋ ଓ ଆଣ୍ଟିର୍ୟାଙ୍ଗି ବିଷୟ ରେ ଆଇନି ସମ୍ବନ୍ଧରେ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ।ପ୍ରାରମ୍ଭରେ ପୁଷ୍ପଲତା ରାମ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଶକ୍ତିଶ୍ରି ସଂଯୋଜିକା ଡକ୍ଟର ମିତାଶ୍ରୀ ବେହେରା କାର୍ଯକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ।ସମ୍ମାନିତ ଅତିଥି ଭାବେ,ପ୍ରାଧ୍ୟାପକ ଦୁର୍ଗା ଶଙ୍କର ପରିଡା,ମଧୁସ୍ମିତା ସାହୁ,ଭାରତି ସାହୁ,ଅନିତା ଦାସ,ସବିନା ଅର୍ ବେଗମ, ତନୁଶ୍ରୀ ପଣ୍ଡା ,ସୁବ୍ରତ ସାହାଣୀ,ଶଶିକାନ୍ତ ଜେନା,ସତ୍ୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଏହି କାର୍ଯକ୍ରମରେ ଯୋଗ ଦେଇ ସଚେତନତା ସଭାକୁ ସଫଳ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ସରକାରୀ ଜମିରେ ବେଆଇନ ନିର୍ମାଣ
## ପ୍ରଶାସନର ବନ୍ଦ ନିର୍ଦ୍ଦେଶକୁ ବେଖାତିର

ଧାମନଗର,(ସବ୍ୟୁ): ଧାମନଗର ସହରର ମୁଖ୍ୟ ସ୍ଥାନରେ ଜନୈକ ବ୍ୟକ୍ତି ସରକାରୀ ଜମିକୁ ଜବରଦଖଲ କରି ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ସବୁ ଦେଖି,ଶୁଣି ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଘଟଣା ଲୋକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଧାମନଗର ୟୁକୋ ବ୍ୟାଙ୍କ ସମ୍ମୁଖ ପୂର୍ତ୍ତ ବିଭାଗ ନାମରେ ରହିଥିବା ‘ନୟନଯୋଡ଼ି’ କିସମ ଜମିରେ ଗତ ପ୍ରାୟ ୧୫ଦିନରୁ ଊର୍ଦ୍ଧ୍ୱ ହେବ ଇଟା,ବାଲି ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ଗଦା ହୋଇ ଥିବାବେଳେ ଏବେ ନିର୍ମାଣ କାର୍ଯ୍ୟ ଚାଲିଛି। ଫଳରେ ଧାମନଗର ମୁଖ୍ୟରାସ୍ତା ସଙ୍କୁଚିତ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ରାଜସ୍ୱ ରେକର୍ଡ ଅନୁଯାୟୀ ଧାମନଗର ମୌଜାର ଖାତା ନଂ.୧୯୦୬,ପ୍ଲଟ୍ ନଂ. ୨୪୦/୪୨୩୫ରେ ଥିବା ଜମି ପୂର୍ତ୍ତ ବିଭାଗ ନାମରେ ରହିଥିବା ଏବଂ ଏହାର କିସମ ‘ନୟନଯୋଡ଼ି’ ଭାବେ ରେକର୍ଡଭୁକ୍ତ ଥିବା ଜଣାଯାଇଛି। ଏପରି ଜମିରେ ବ୍ୟକ୍ତିଗତ ନିର୍ମାଣ କେଉଁ ଆଧାରରେ ଚାଲିଛି ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଉକ୍ତ ଜମିର କିଛି ଅଂଶକୁ ନିଜ ଆୟତ୍ତକୁ ନେଇ ସିଡ଼ି ଓ ଦୋକାନ ଘର ନିର୍ମାଣ ପାଇଁ ସମ୍ପୃକ୍ତ ବ୍ୟକ୍ତି ଉଦ୍ୟମ କରୁଛନ୍ତି। କିଛି ବର୍ଷ ତଳେ ଧାମନଗରର ତତ୍କାଳୀନ ତହସିଲଦାର ଧାମନଗର ମୁଖ୍ୟ ରାସ୍ତାର ସୀମା ନିର୍ଦ୍ଧାରଣ କରି ଶତାଧିକ ବ୍ୟକ୍ତିଙ୍କ ବେଆଇନ ଜବରଦଖଲ ଉଚ୍ଛେଦ କରିଥିବାବେଳେ ପୂର୍ତ୍ତବିଭାଗ ଜମିର ସୀମା ଚିହ୍ନଟ ପରେ ପକ୍କା ପିଲାର ପକାଇଥିଲେ। ଯାହା ଆଜିବି ସରକାରୀ ସୀମାକୁ ଦର୍ଶାଉଛି। ପୂର୍ବରୁ ପିଲାର ଥିବା ସତ୍ତ୍ୱେ ନିର୍ମାଣ ଜାରି ରହିଥିବା ଘଟଣା ସରକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ ବୋଲି ଲୋକେ ଅନୁଭବ କରୁଛନ୍ତି। ଅନ୍ୟପକ୍ଷରେ ‘ନୟନଯୋଡ଼ି’ ଜମିରେ ସ୍ଥାୟୀ ନିର୍ମାଣ ହେଲେ ଭବିଷ୍ୟତରେ ଜଳନିଷ୍କାସନ ବ୍ୟବସ୍ଥା ପ୍ରଭାବିତ ହେବାର ମଧ୍ୟ ଆଶଙ୍କା ରହିଛି। ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଥିବାବେଳେ ଧାମନଗର ତହସିଲଦାର ଏହାକୁ ଅତି ହାଲୁକା ଭାବେ ନେଇ ବସିଛନ୍ତି। ଲୋକଙ୍କ ଅଭିଯୋଗ ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ କାମ ବନ୍ଦ କରିବା ପାଇଁ କହିଥିଲେ ବି ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଦେଶକୁ ବେଖାତିର କରି କାର୍ଯ୍ୟ ଚାଲୁ ରଖିଥିବା ଜଣାଯାଇଛି। ରାଜସ୍ୱ ଓ ପୂର୍ତ୍ତ ବିଭାଗ ମିଳିତ ଭାବେ ତୁରନ୍ତ ଏହାର ତଦନ୍ତ କରିବା ସହ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି। ସରକାରୀ ଜମି ରକ୍ଷଣାବେକ୍ଷଣରେ ସ୍ଥାନୀୟ ପ୍ରଶାସନର ଆଗାମୀ ପଦକ୍ଷେପ କ’ଣ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଦୁଇ ବାଲି, ପଥର ବୋଝେଇ ଗାଡି ଜବତ

ସୋର,(ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ବାଲି ଏବଂ ପଥର ବୋଝେଇ ଗାଡି ଜବତ କରାଯାଇଛି। ସୋର ତହସିଲଦାର କୃଷ୍ଣ ମୋହନ ସିଂହଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ପୂର୍ବାହ୍ଣରେ ଅଚାନକ ଦହିସଡା ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ଓଡି ୧୩ ଏଫ ୮୩୩୮ ନମ୍ବର ବିଶିଷ୍ଟ ପଥର ବୋଝେଇ ଡମ୍ଫର ଏବଂ ଓଡି ୨୨ ଏଏଫ ୫୪୫୭ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇଓ୍ୱାକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ବାଲି ଏବଂ ପଥର ଚାଲାଣ କରାଯାଉଥିବା ଜାଣିପାରି ଗାଡି ଦୁଇଟିକୁ ଜବତ କରି ତହସିଲ ପରିସରରେ ରଖିଥିବା ଜଣାପଡିଛି।

# ଲହାପଥର ଚୋରା ଚାଲାଣ
## ଟ୍ରକ୍, ଜେସିବି, ସ୍କ୍ରପିଓ, ମୋବାଇଲ, ଟଙ୍କା ଜବତ : ୩ ଗିରଫ

ଯୋଡ଼ା ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ବାମେରୀ ଥାନା ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଂ ଅଞ୍ଚଳରେ ଅବୈଧ ଲୁହାପଥର ଚାଲାଣ କରୁଥିବା ବେଳେ ବାମେବାରୀ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ଚଢ଼ାଉ କରି ୩ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।ତେବେ ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶରଚନ୍ଦ୍ର ସୁରେଶ (୩୮),ସୁନ୍ଦରଗଡ଼ ଅଞ୍ଚଳର ବିଭୁଦେନ୍ଦ୍ର ମହାପାତ୍ର(୩୭) ଏବଂ କେନ୍ଦୁଝର ବାରିଆ ଅଞ୍ଚଳର ରାହୁଲ କୁମାର ସେଠୀ (୨୪)। ମଙ୍ଗଳବାର ବିଳମ୍ବିତ ରାତିରେ ନୟାଗଡ ସ୍ଥିତ ରେଳ ସାଇଡ଼ିଂ ଅଞ୍ଚଳରେ ବେଆଇନ ଲୁହାପଥର ଚାଲାଣ କରୁଥିବା ଖବର ପାଇ ପୋଲିସ ହଠାତ ଚଢ଼ାଉ କରିଥିଲା। ଏହି ଚଢ଼ାଉ ରେ ୩ ଜଣ ଅଭିଯୁକ୍ତ ଙ୍କ ଧରିବା ସହ( ଏପି-୩୯ଡବ୍ଲୁ ଆର-୩୧୨୮) ନମ୍ବର ବିଶିଷ୍ଟ ଏକ ଟ୍ରକ ରେ ୪୨ ଟନ ବୋଝେଇ ଲୁହାପଥର ଏବଂ ନମ୍ବର ପ୍ଲେଟ ନ ଥିବା ଜେସିବି ମେସିନ, ଓ ନମ୍ବର ର ସ୍କୋର୍ପିଅ, ୩ ଟି ମୋବାଇଲ ଫୋନ, ଗୋଟିଏ ଓ୍ୱାକି ଟୋକି ଏବଂ ନଗଦ ୩ ଲକ୍ଷ ଜବତ କରିଛନ୍ତି।ତେବେ ଜବତ ହୋଇଥିବା ଲୁହାପଥର ର ବଜାର ରେ ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। କେସ ନମ୍ବର ୨୦୦/୨୬ ରୁଜୁ କରି ବିଏନ ଏବଂ ଏମ.ଏମ.ଡି.ଆର ଆଇନ ର ବିଭିନ୍ନ ଧାରା ଅନୁଯାୟୀ ଗିରଫ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି।ତେବେ ଏହି ଆଇରନ ଚୋରା କାରବାର ଆଗକୁ କେତେ ପର୍ଯ୍ୟନ୍ତ ଅଛି ତାହା ପୋଲିସ ଅନୁସନ୍ଧାନ ଜାରୀ ରଖିଛି।

# ଗ୍ରାମ ଜଙ୍ଗଲରେ ରକ୍ଷା ବନ୍ଧନ ଉତ୍ସବ




ଠାକୁରମୁଣ୍ଡା,(ସବ୍ୟୁ): ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରହିଥିବା ଶାଳରୁଆ ଗ୍ରାମ ପଞ୍ଚାୟତର ମଶାଘାଟି ଜଙ୍ଗଲ ଗ୍ରାମରେ ଜଙ୍ଗଲ ମଧ୍ୟରେ ଭାଇ ଭଉଣୀଙ୍କ ପବିତ୍ର ବନ୍ଧନକୁ ଗଛରେ ପ୍ରତି ଫଳିତ ହୋଇଛି ।ବୃକ୍ଷରୁ ଆଦିବାସୀ ମହିଳାମାନେ ସବୁ ପ୍ରକାର ସହାୟତା ପାଉଥିବାରୁ ବୃକ୍ଷ ଦେବତାକୁ ପୂଜା ଅର୍ଚ୍ଚନା କରି ଭାଇ ପରି ସାହାଯ୍ୟ କରୁଥିବାରୁ ଗଛରେ ମହିଳାମାନେ ରାଖୀ ବାନ୍ଧିଥିଲେ । ସୂଚନା ଯୋଗ୍ୟ ଏହି ଅଞ୍ଚଳର ବିଭିନ୍ନ ଗ୍ରାମ ଗୁଡିକରେ ସେଓ୍ୱଚ୍ଛାସେବୀ ସଂଗଠନ ଆର୍ ସି ଡ଼ି ସି ସଂଯୋଜନା ଦାରା ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମ ରେ ପଦ୍ମିନୀ ସେନାପତି ,ମଞ୍ଜୁ ସେନାପତି ,କୁନି ସେନାପତି,ଅର୍ଚ୍ଚିତା କପୁଣ୍ଡିଆ,ବାସନ୍ତୀ ଶୁଳିଆ,ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ରକ୍ଷା ବନ୍ଧନ ଉତ୍ସବ


ଠାକୁରମୁଣ୍ଡା (ସବ୍ୟୁ): ରାଖୀ ପୂର୍ଣ୍ଣିମା ଅବସରରେ ଠାକୁରମୁଣ୍ଡା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ରକ୍ଷା ବନ୍ଧନ ଉତ୍ସବରେ ପ୍ରଥମେ ପରିସରରେ ଥିବା ବିଶାଳ ଗଛକୁ ପୂଜାକରି ରାକ୍ଷୀ ବନ୍ଧା ଯାଇଥିଲା । ୫୦ ଜଣ ମହିଳା ୫୦ ଜଣ ସଦସ୍ୟଙ୍କ ହାତରେ ରାକ୍ଷୀ ବାନ୍ଧି ନିଶା ନିବାରଣ ଶପଥ କରାଇଥିଲେ ।ଏହି କାର୍ଯ୍ୟକ୍ରମ ରେ ଓଡିଶା ବିଗ୍ରେଡ ସୈନିକ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ। ରକ୍ଷା ବନ୍ଧନ ପୂର୍ବରୁ ଏକ ସଂକ୍ଷିପ୍ତ ସଭା ଆୟୋଜିତ ହୋଇଥିଲା । ସଭା ପ୍ରାରମ୍ଭ ରେ କବିୟତ୍ରୀ ପଦ୍ମାବତୀ ସିହ୍ନଝ ରାକ୍ଷୀ ସମ୍ପର୍କିତ କବିତା ପାଠ କରିଥିଲେ । ସମସ୍ତଙ୍କର ସହଯୋଗ ପାଇଁ ବରିଷ୍ଠ ସାମ୍ବାଦିକ ଚକ୍ରଧର ଦାସ ପାତ୍ର ଧନ୍ୟବାଦ ଜଣାଇଥିଲେ।

# ସଂରକ୍ଷିତ ଜଙ୍ଗଲରୁ ବେଆଇନ ଶାଳଗଛ କଟା ଅଭିଯୋଗ
## ଓଏମ୍ ଡିସି ଓ ଆସେଲର ମିତ୍ତଲ ,ନିପ୍ପନ ଷ୍ଟିଲ (ଏଏମ),ଏନ୍ଏମ୍‌କୁ ନୋଟିସ ଜାରି



କେନ୍ଦୁଝର (ରବିରାଜ): ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଓଏମ ଡିସି ( ଓଡ଼ିଶା ମିନେରାଲ୍ସ ଡେଭେଲପମେଣ୍ଟ କମ୍ପାନୀ) ଲିଜ ଅଞ୍ଚଳ ମଧ୍ୟରେ ଥିବା ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ବେଆଇନ ଜଙ୍ଗଲ ନଷ୍ଟ କରିବା ଅଭିଯୋଗରେ କେନ୍ଦୁଝର ବନ ବିଭାଗ ତିନି ହାଇଭା ଏବଂ ଦୁଇ ଏକ୍ସକାଭେଟର ମେସିନ ଅଟକ ରଖିଛି। ଏହି ହାଇଭା ଓ ମେସିନ ରାସ୍ତା ଓ ସାଇଡିଂରେ ପ୍ରଶସ୍ତୀକରଣ ଏବଂ ନିର୍ମାଣ ପାଇଁ ବ୍ୟବହୃତ ହେଉଥିଲା ବୋଲି ବଡ଼ବିଲ ରେଞ୍ଜ ଅଧିକାରୀ ସଞ୍ଜୀବ ରାଉତ କହିଛନ୍ତି। ଏହି କାମ ଆର୍ସେଲର ମିତ୍ତଲ, ନିପନ ଷ୍ଟିଲ କମ୍ପାନୀ କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ କାମ ରେ ବ୍ୟାପକ ଜଙ୍ଗଲ ଅଞ୍ଚଳ ନଷ୍ଟ କରାଯାଇଛି। ବନ ବିଭାଗ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରୁଥିବା ବେଳେ ଏପର୍ଯ୍ୟନ୍ତ ଏହି ମାମଲାରେ କୌଣସି ବ୍ୟକ୍ତିଙ୍କୁ ଅଟକ କିମ୍ବା ଗିରଫ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ପାଖାପାଖି ୫୦୦ କଟାଯାଇ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ କେନ୍ଦୁଝର ଡି ଏଫ ଓ ଧନରାଜ ଏଚ ଡି କହିଛନ୍ତି, ଆର୍ସେଲର ମିତ୍ତଲ,ନିପନ ଷ୍ଟିଲ (ଏଏମ/ଏନଏସ) ଅଧିକାରୀ କିମ୍ବା ଠିକାଦାରମାନେ ଏହି ବେଆଇନ କାମ ବିଷୟରେ ଜାଣିଥିଲେ। ସଂରକ୍ଷିତ ଜଙ୍ଗଲ ଜମିରେ ବିନା ଅନୁମୋଦିରେ କାମ କରିବା ଏବଂ ଜଙ୍ଗଲ ଓ ପରିବେଶ ନଷ୍ଟ କରିବା ଓଡ଼ିଶା ବନ ଆଇନ, ୧୯୭୨ର ପ୍ରାସଙ୍ଗିକ ବ୍ୟବସ୍ଥା, ବିଶେଷକରି ଧାରା ୨୭ ଅନୁଯାୟୀ ବେଆଇନ। ଏଣୁ ଓଏମସିଡି ଏବଂ ଏଏମ/ଏନଏସ କର୍ତ୍ତୃପକ୍ଷ ଉଭୟଙ୍କୁ ନୋଟିସ ଜାରି କରାଯାଇଛି। ଉତ୍ତର ମିଳିବା ପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବନ ବିଭାଗ ପାଟ୍ରୋଲିଂ ଦଳ ସୋମବାର ଦିନ ପ୍ରାୟ ୧୨ଟାରେ କେନ୍ଦୁଝର ଜିଲ୍ଲାର ବଡ଼ବିଲ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କାରାଖେଣ୍ଡ୍ରା ଗ୍ରାମ ନିକଟରେ ଉଲିବୁରୁ ସଂରକ୍ଷିତ ଜଙ୍ଗଲ ପରିଦର୍ଶନ କରିଥିଲେ। ଉକ୍ତ ଅଞ୍ଚଳରେ ବେଆଇନ କାମ ଚାଲିଥିବା ନେଇ ଫୋନ ରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଯାଇଥିଲେ। ପରିଦର୍ଶନ ବେଳେ ଓଏମଡିସିର ଲିଜ ଅଞ୍ଚଳ ମଧ୍ୟରେ ଉଲିବୁରୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୁଇଟି ଏକ୍ସକାଭେଟର ଏବଂ ତିନୋଟି ହାଇଭା ମାଟି ତାଡ଼ି ଜଙ୍ଗଲ ନଷ୍ଟ କରିଥିବା ଜାଣିବାକୁ ପାଇଲେ। ବନ ଅଧିକାରୀମାନେ ଉକ୍ତ ଅଞ୍ଚଳରୁ ଓଆର ୍-୦୯-ଏନ-୮୯୨୪, ଓଆର-୦୨-ଏଏଚ-୯୦୪୫ ଏବଂ ଓଆର-୦୨-ଏକେ -୧୩୭୨ ନମ୍ବର ବିଶିଷ୍ଟ ହାଇଭା ଓ ଦୁଇଟି ଏକ୍ସକାଭେଟରକୁ ଧରି ଅଟକ ରଖିଛନ୍ତି। ନାଲଦା ସେକ୍ସନର ଫରେଷ୍ଟର ଚରଣ ସୋରେନ କାରାଖେଣ୍ଡରା ବିଟର ଫରେଷ୍ଟ ଗାର୍ଡ ତାରାକାନ୍ତ ଜେନା ଏବଂ ବଡ଼ବିଲ ରେଞ୍ଜର ପ୍ରୋଟେକ୍ସନ ସ୍କ୍ୱାଡ ସଦସ୍ୟ - ବୁଲୁ ବାରିକ, ସୁଶାନ୍ତ ମହାନ୍ତ ଏବଂ ସରୋଜ କୁମାର ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଇଥିଲା।ଡିଏଫଓ ଏଚ ଡି ଧନରାଜ କହିଛନ୍ତି, ୧୯୪୧ ମସିହାରୁ ଓଏମଡିସି କୁ ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ବେଲକୁଣ୍ଡି ଖଣି ଲିଜ ଦିଆଯାଇଥିଲା। ଖଣି ନିକଟରେ ସେମାନଙ୍କର ଏକ ପୁରୁଣା ସାଇଡିଂ ଅଛି। ଏଏମ/ଏନଏସର ଠାକୁରାଣୀ ପାହାଡ଼ରେ ଏକ ଖଣି ଲିଜ ଅଛି। ଏଏମ/ଏନଏସ ଏହାର ବ୍ୟବହାର ପାଇଁ ସାଇଡିଂ ବିକଶିତ କରୁଛି। ଯେହେତୁ ଏହି ଅଞ୍ଚଳଟି ଓଏମଡିସି ଲିଜ ଅଧୀନରେ ଅଛି ଏବଂ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି, ତେଣୁ ଏଏମ/ଏନଏସ, ଓଏମଡିସିରୁ ଅନୁମତି (ଏନଓସି) କିମ୍ବା ସରକାରଙ୍କଠାରୁ ଡାଇଭର୍ସନ ପ୍ରସ୍ତାବ ନ ନେଇ ସାଇଡିଂକୁ ପ୍ରଶସ୍ତ ଏବଂ ବିକଶିତ କାମ ବେଆଇନ ଭାବରେ କରୁଛି। ଓଡ଼ିଶା ବନ ଆଇନ ଅନୁଯାୟୀ, ବିନା ଅନୁମତି ରେ ସଂରକ୍ଷିତ ଜଙ୍ଗଲ ରେ କୌଣସି କାମ କରିବା ବେଆଇନ। ଉତ୍ତର ପାଇବା ପରେ, ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଟିପିଏନ୍‌ଓଡିଏଲ୍ ଶ୍ରେଷ୍ଠ ସିଏସ୍‌ଆର ପ୍ରକଳ୍ପ ପୁରସ୍କାରରେ ସମ୍ମାନିତ




ବାଲେଶ୍ୱର,(ସବ୍ୟୁ): ଜାତୀୟ ସ୍ତରରେ ପୁଣି ସମ୍ମାନିତ ହୋଇଛି ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)। ଏହାର ପ୍ରଭାବଶାଳୀ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ପାଇଁ ୟୁବିଏସ ଫୋରମ୍ସ ଦ୍ୱାରା ଆୟୋଜିତ ୧୭ତମ କର୍ପୋରେଟ୍ ସୋସିଆଲ୍ ରେସପନ୍ସିବିଲିଟି ସମ୍ମିଟ ଆଣ୍ଡ ଆୱାର୍ଡସ - ୨୦୨୬ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ସିଏସଆର ପ୍ରକଳ୍ପ ପୁରସ୍କାରରେ ସମ୍ମାନିତ ହୋଇଛି । ମୟୂରଭଞ୍ଜ ଜିଲ୍ଲାର ବିଶୋଇ ବ୍ଲକରେ ମାର୍ଚ୍ଚ ୨୦୨୫ରେ ହୋଇଥିବା ଭୟଙ୍କର କୁଆପଥର ବର୍ଷା ଦ୍ୱାରା ପ୍ରଭାବିତ ପରିବାରଙ୍କ ସହାୟତା ତଥା ଥଇଥାନ ନିମନ୍ତେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା । ଗତକାଲି ପୁନେଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନ୍‌ଓଡିଏଲ୍ ସିଏସଆର ମୁଖ୍ୟ ରଞ୍ଜନ ଶର୍ମା ଏବଂ ଉଦଳା ବୈଦ୍ୟୁତିକ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜେଶ ରଞ୍ଜନ ଘଡାଇ ସଙ୍ଗଠନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଗତବର୍ଷ କାଳବୈଶାଖୀ ଜନିତ କୁଆପଥର ବର୍ଷା ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ବିଶୋଇ ବ୍ଲକ ଅନ୍ତର୍ଗତ ପୁଣ୍ଡିଦା, କେଶରଗାଡିଆ ଏବଂ ସାରସପଡା ଗ୍ରାମର ଗୁରୁତର କ୍ଷତିଗ୍ରସ୍ତ ଅଧିବାସୀଙ୍କୁ ଆବଶ୍ୟକୀୟ ଜରୁରୀକାଳିନ ସହାୟତା ତଥା ଜୀବିକା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ଅନ୍ତର୍ଭୁକ୍ତ କରି ଟିପିଏନ୍‌ଓଡିଏଲ୍ ପକ୍ଷରୁ ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ଏନେଇ ଟିପିଏନ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ ସମସ୍ତ ଅଧିକାରୀ ଏବଂ ସହକାରୀ ସଂସ୍ଥାଙ୍କୁ ଶ୍ରେୟ ଦେବା ସହିତ ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ବିକାଶ ଓ ସାମାଜିକ ସଶକ୍ତିକରଣ କ୍ଷେତ୍ରରେ ଟିପିଏନଓଡିଏଲ ସର୍ବଦା କାର୍ଯ୍ୟରତ ରହିଛି ବୋଲି ସେ ଦର୍ଶାଇଛନ୍ତି । ସୂଚନାଥାଉକି, ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ସର୍ବଦା ଗୁରୁତ୍ୱ ଦେବା ସହ ସିଏସଆର ବିନିଯୋଗ କ୍ଷେତ୍ରରେ ମଧ୍ୟ ‘ଟିପିଏନଓଡିଏଲ’ ବହୁବିଧ କାର୍ଯ୍ୟକ୍ରମ ଜାରି ରଖିଛି । ଟିପିଏନଓଡିଏଲ ପକ୍ଷରୁ ଯୁବବର୍ଗଙ୍କ ପାଇଁ ଛଅଟି ଧନ୍ଦାମୂଳକ ତାଲିମ କେନ୍ଦ୍ର ମାଧ୍ୟମରେ ବାର୍ଷିକ ପ୍ରାୟତଃ ୧୦୦୦ଜଣ ଯୁବକ ଓ ଯୁବତୀଙ୍କୁ ଦକ୍ଷତାବୃଦ୍ଧି ତାଲିମ ପ୍ରଦାନ, ୧୫ ଟି ମହିଳା ସାକ୍ଷରତା କେନ୍ଦ୍ର ଜରିଆରେ ୬୦୦ ରୁ ଅଧିକ ମହିଳାଙ୍କୁ ଡିଜିଟାଲ ସାକ୍ଷରତା ତାଲିମ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟଶିବିର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଗ୍ରାମୀଣ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ଅଞ୍ଚଳର ବିକାଶଧାରାକୁ ଅଧିକ ଗତିଶୀଳ କରାଯାଇପାରିଛି ।

## ସମ୍ପାଦକୀୟ

# ରାଜ୍ୟରେ ବନ୍ୟା ଦୁର୍ଗତଙ୍କ ଦୁର୍ଦ୍ଦଶା

ରାଜ୍ୟରେ ବନ୍ୟାର ପ୍ରକୋପ କମିନାହିଁ । ବନ୍ୟା ଦୁର୍ଗତଙ୍କ ଦୁର୍ଦ୍ଦଶା ବଢ଼ି ବଢ଼ି ଚାଲିଛି । ଏମିତି ବନ୍ୟା ଅଭୁତପୂର୍ବ ଓ ଏପରି ଦୁର୍ଦ୍ଦଶାରେ ଲୋକେ ପୂର୍ବରୁ କେବେ ହନ୍ତସନ୍ତ ହୋଇ ନଥିଲେ । ରାଜ୍ୟରେ ବର୍ଷା ଅତ୍ୟଧିକ ପରିମାଣରେ ହୋଇଛି ଏଥର । ଓଡ଼ିଶାରେ ୩୦ ଦଶମିକ ୯ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଛି ବୋଲି ରାଜ୍ୟର ବିପର୍ଯ୍ୟୟ ପ୍ରଶମନ ଓ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି । ଅତ୍ୟଧିକ ବର୍ଷା ଉପର ମୁଣ୍ଡରେ ହେବାରୁ ନଦୀଗୁଡ଼ିକରେ ବନ୍ୟା ଆସି ତଳ ଅଞ୍ଚଳମାନଙ୍କରେ ପ୍ରଭୂତ ପରିମାଣରେ କ୍ଷୟକ୍ଷତି କରିଛି । ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ରାଜ୍ୟରେ ସାଧାରଣତଃ ୮୪୩ ମିଲିମିଟର ବର୍ଷା ହୋଇଥାଏ । ମାତ୍ର ଗତ ଜୁନ୍‌ରୁ ଅଗଷ୍ଟ ମାସରେ ଏ ପର୍ଯ୍ୟନ୍ତ ୧, ୧୦୩ ଦଶମିକ ୯ ମିଲିମିଟର ବର୍ଷା ହୋଇଥିଲା । ଏ ବର୍ଷା କେବଳ ବନ୍ୟାର କାରଣ ନୁହେଁ, ସହରାଞ୍ଚଳରେ ବସବାସ କରୁଥିବା ଗରିବ ଲୋକେ ମଧ୍ୟ ଏଥିଯୋଗୁଁ ହଇରାଣ ହୋଇଛନ୍ତି ।

**ବାରମ୍ବାର ବନ୍ୟା ଆସିବାରୁ ରାଜ୍ୟ ସରକାର କେନ୍ଦ୍ରାପଡା, ଭଦ୍ରକ ଓ ଯାଜପୁର ଅଞ୍ଚଳ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି । ମାତ୍ର ଏହି ତିନୋଟି ଜିଲ୍ଲାରେ ଏବେ ବି ଲୋକେ ଚାରି ପାଞ୍ଚଦିନ ଧରି ଜଳବନ୍ଦୀ ହୋଇ ରହିଛନ୍ତି । ରାଜ୍ୟ ପାଣିପାଗ ବିଭାଗର ସତର୍କ ସୂଚନା ଅନୁଯାୟୀ ସେପ୍ଟେମ୍ବର ପହିଲା (୨୦୨୬)ରୁ ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ହେବାର ସମ୍ଭାବନା ରହିଛି । ତାହାହେଲେ କିପରି ଏହି ପରିସ୍ଥିତିକୁ ସଜଡାଯାଇ ପାରିବ ?**

**...ଏବେ ରାଜ୍ୟ ସରକାର ଏହାର ଗୁରୁତ୍ୱ ଉପଲବ୍ଧି କରି ଏକ ସର୍ବଦଳୀୟ କମିଟି ଗଠନ ଜରିଆରେ ଏହି ଜଟିଳ ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିପନ୍ନ ସହାୟତା ସମିତି ଓ ରାଜ୍ୟର ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ସବୁର ଏକ ବୈଠକ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇ ରାଜସ୍ୱ ମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରିମାନଙ୍କୁ ଏଥିରେ ସାମିଲ କରିପାରିଲେ, ଏପରି ଜଟିଳ ପରିସ୍ଥିତିକୁ ଲାଘବ କରିହେବ ବୋଲି ଆମେମାନେ ଆଶା କରୁଛୁ ।**

ବନ୍ୟାଞ୍ଚଳରେ ଏବେ ବି ଲୋକେ ପାଣି ଘେରରେ ଜଳବନ୍ଦୀ ହୋଇ ରହିଛନ୍ତି, ବିଶେଷକରି କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ । ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଅଞ୍ଚଳରେ ମଧ୍ୟ ଲୋକେ ଘୋର ଦୁର୍ଦ୍ଦଶା ମଧ୍ୟରେ ଅଛନ୍ତି । ଆନନ୍ଦମାର୍ଗ ପରି କେତେକ ବେସରକାରୀ ସଂସ୍ଥା ବନ୍ୟା ଦୁର୍ଗତମାନଙ୍କ ନିକଟରେ ରିଲିଫ ପହଞ୍ଚାଇ ସେମାନଙ୍କୁ ଆଶ୍ୱାସନା ଦେଇ ପାରୁଛନ୍ତି । ମାତ୍ର ଜଳବନ୍ଦୀ ହୋଇ ରହିଥିବା ଲୋକଙ୍କ ପାଖରେ ପହଞ୍ଚିବାକୁ ଯଥେଷ୍ଟ ସଂଖ୍ୟାରେ ଡଙ୍ଗା ବା ରିଲିଫ ସାମଗ୍ରୀ ବେସରକାରୀ ସଂସ୍ଥାର ନାହିଁ । ସରକାରୀ କଳ ଯାହା କିଛି ସହାୟତା ଯୋଗାଇ ଆସୁଛନ୍ତି, ତାହା ମଧ୍ୟ ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି । ରାଜ୍ୟରେ ଏପରି ବନ୍ୟା ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ଅଛି ବୋଲି ରାଜ୍ୟ ସରକାର କହୁଛନ୍ତି । ରାଜ୍ୟ ଏସ୍.ଆର୍.ସି କହୁଛନ୍ତି, 'ଦଶଗୋଟି ବନ୍ୟା ପ୍ରଭାବିତ ଜିଲ୍ଲାରେ ୧୮୯୫ଟି ଗ୍ରାମରେ ରହୁଥିବା ପ୍ରାୟ ୧୩ ଲକ୍ଷ ୫ ହଜାର ଲୋକ ଗତ ଅଗଷ୍ଟ ୧୩ରୁ ୨୬ ତାରିଖ (୨୦୨୬) ମଧ୍ୟରେ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛନ୍ତି । ବାରମ୍ବାର ବନ୍ୟା ଆସିବାରୁ ରାଜ୍ୟ ସରକାର କେନ୍ଦ୍ରାପଡା, ଭଦ୍ରକ ଓ ଯାଜପୁର ଅଞ୍ଚଳ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି ।' ମାତ୍ର ଏହି ତିନୋଟି ଜିଲ୍ଲାରେ ଏବେ ବି ଲୋକେ ଚାରି ପାଞ୍ଚଦିନ ଧରି ଜଳବନ୍ଦୀ ହୋଇ ରହିଛନ୍ତି । ରାଜ୍ୟ ପାଣିପାଗ ବିଭାଗର ସତର୍କ ସୂଚନା ଅନୁଯାୟୀ ସେପ୍ଟେମ୍ବର ପହିଲା (୨୦୨୬)ରୁ ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ହେବାର ସମ୍ଭାବନା ରହିଛି । ତାହାହେଲେ କିପରି ଏହି ପରିସ୍ଥିତିକୁ ସଜଡାଯାଇ ପାରିବ ?

ଏବେ ରାଜ୍ୟ ସରକାର ଏହାର ଗୁରୁତ୍ୱ ଉପଲବ୍ଧି କରି ଏକ ସର୍ବଦଳୀୟ କମିଟି ଗଠନ ଜରିଆରେ ଏହି ଜଟିଳ ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିପନ୍ନ ସହାୟତା ସମିତି ଓ ରାଜ୍ୟର ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ସବୁର ଏକ ବୈଠକ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇ ରାଜସ୍ୱ ମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରିମାନଙ୍କୁ ଏଥିରେ ସାମିଲ କରିପାରିଲେ, ଏପରି ଜଟିଳ ପରିସ୍ଥିତିକୁ ଲାଘବ କରିହେବ ବୋଲି ଆମେମାନେ ଆଶା କରୁଛୁ ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତୀୟ ସଂସ୍କୃତିରେ ରକ୍ଷା ବନ୍ଧନ



**ଡକ୍ଟର ଲକ୍ଷ୍ମଣ ସାହୁ**

ସ୍ନେହ, ଶ୍ରଦ୍ଧା, ସମ୍ମାନର ପ୍ରତୀକ ରକ୍ଷା ବନ୍ଧନ ସମଗ୍ର ଭାରତବର୍ଷର ଏକ ସମୃଦ୍ଧ ଉତ୍ସବ । 'ବସୁଧୈବ କୁଟୁମ୍ବକମ୍' ଆଦର୍ଶ ଏହାର ମୂଳମନ୍ତ୍ର । ତେଣୁ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବେ ବିଶ୍ୱାସ କରୁଥିବା ଭାରତୀୟ ସଂସ୍କୃତିରେ ରକ୍ଷାବନ୍ଧନ ପର୍ବର ଗୁରୁତ୍ୱ ବେଶ୍ ପ୍ରଭାବଶାଳୀ । ଏହା ରକ୍ଷା ବନ୍ଧନ କିମ୍ବା ରାଖୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା । ଏହାକୁ ମଧ୍ୟ ପବିତ୍ର ଦେବୀ ପୂର୍ଣ୍ଣିମା କୁହାଯାଏ । ମୁଖ୍ୟତଃ ଏହା ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ, ଯାହା ଭାରତୀୟଙ୍କ ଦ୍ୱାରା ପାଳିତ ହୋଇଆସୁଛି ।

ଶ୍ରାବଣ ପୂର୍ଣ୍ଣିମାର ଶୁଭ ଅବସରରେ ପାଳିତ ହେଉଥିବା ଏହି ଉତ୍ସବଟି କେବଳ ଭାଇ-ଭଉଣୀର ପବିତ୍ର ସ୍ନେହର ବନ୍ଧନ ନୁହେଁ ବରଂ ଦୁଇଟି ଆତ୍ମା, ଦୁଇଟି ହୃଦୟ ଓ ଦୁଇଟି ପ୍ରାଣ ମଧ୍ୟରେ ପରସ୍ପର ପ୍ରତି ଘନିଷ୍ଠତା ଆବେଗ ଓ ସମ୍ମାନର ପ୍ରତୀକ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ଥିବା ସଂପର୍କକୁ ସୁଦୃଢ଼ କରିଥାଏ । ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ । ପ୍ରତି ବଦଳରେ ଭାଇ ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ ଓ ଏହି ଅବସରରେ ଭାଇ ତା' ଭଉଣୀକୁ ମଧ୍ୟ ମନଲାଖି ଉପହାର ଦେଇଥାଏ । ଅନ୍ୟପଟେ ଦୂରରେ ଥିବା ଭାଇ ପାଇଁ ଭଉଣୀ ରାଖୀ ପଠାଇ ତା'ର ମଙ୍ଗଳ କାମନା କରେ । ସାରା ଦେଶରେ ଏହି ପର୍ବକୁ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ । କେବଳ ଘରେ ନୁହେଁ, ମନ୍ଦିରଗୁଡ଼ିକରେ ମଧ୍ୟ ଏହି ପର୍ବ ପାଳନ କରାଯାଇଥାଏ । ବିଶେଷକରି ଶ୍ରୀମନ୍ଦିରରେ ଏହି ପର୍ବ ମଧ୍ୟ ପାଳନ କରାଯାଉଛି । ଭଉଣୀ ସୁଭଦ୍ରା ବଳଭଦ୍ର ଓ ଜଗନ୍ନାଥଙ୍କ ହାତରେ ରାଖୀ ବାନ୍ଧିଥାନ୍ତି । ଏଥିପାଇଁ ପାଟରା ବିଶୋଇ ସେବାୟତ ପ୍ରସ୍ତୁତ କରିଥାନ୍ତି ସ୍ୱତନ୍ତ୍ର ପାଟରାଖୀ ଓ ଗୁଆମାଳ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବାସୁଙ୍ଗା ପାଟରେ ତିଆରି ହୋଇଥାଏ ଚାରୋଟି ରଙ୍ଗର ରାଖୀ । ଏହି ଚାରୋଟି ରାଖୀ ସହିତ ୫୪ଟି ଲେଖାଏଁ ଗୁଆରେ ୪ଟି ଗୁଆମାଳ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଜଗନ୍ନାଥଙ୍କୁ ହଳଦିଆ, ନାଲିରଙ୍ଗର ରାଖୀ ଓ ଗୁଆମାଳ ଲାଗି କରାଯାଏ । ସେହିପରି ବଳଭଦ୍ରଙ୍କୁ ନୀଳ ଓ ବାଇଗଣୀ ରଙ୍ଗର ରାଖୀ ଓ ଗୁଆମାଳ ଲାଗି କରାହୁଏ ।

ଏହି ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ଦିବସ ଭାବେ ପାଳନ କରାଯାଏ । ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ସକାଳୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାଖୀ ବାନ୍ଧିବା ଓ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି । ବ୍ରାହ୍ମଣମାନେ ଏହି ଦିନ ମନ୍ତୁରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି । ସେହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ମଧ୍ୟ ବିଶ୍ୱାସ ରହିଛି । ଏହି ଦିନ ସବୁ ପାଳିତ ପଶୁ ଗାଈ, ଗୋରୁ ଆଦିଙ୍କୁ ସଜାଯାଇ ପୂଜା କରାଯାଏ । ଘରେ ବିଭିନ୍ନ ପ୍ରକାରର ପିଠା ଓ ମିଠା ତିଆରି କରାହୁଏ । ପରିବାର ଓ ବନ୍ଧୁ ବାନ୍ଧବମାନଙ୍କ ମଧ୍ୟରେ ବଣ୍ଟାଯାଏ । ଅପରପକ୍ଷରେ ଦ୍ୱାପରରେ କୃଷ୍ଣଙ୍କ ବଡ଼ ଭାଇ ଭଗବାନ ବଳରାମ ଏହି ଦିନ ଅବତୀର୍ଣ୍ଣ ହୋଇଥିବାରୁ ଦିନଟିକୁ ବଳରାମ ଜୟନ୍ତୀ ରୂପେ ମଧ୍ୟ ପାଳନ କରାଯାଏ ।

ଧାର୍ମିକ ଦୃଷ୍ଟିକୋଣରୁ ଏହି ପର୍ବ ପାଳନ କରିବା ପଛରେ ରହିଛି ପୌରାଣିକ ତଥ୍ୟ । ମହାଭରତର ମୁଖ୍ୟ ଚରିତ୍ରଙ୍କ ମଧ୍ୟରୁ ଦ୍ରୌପଦୀ ଅନ୍ୟତମ । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ି ଚିରି ତାଙ୍କ ଅଙ୍ଗୁଳିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତସ୍ରାବ ବନ୍ଦ ହୋଇ ଯାଇଥିଲା । ଦ୍ରୌପଦୀଙ୍କ ଠାରୁ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ, ଯାହା ଫଳରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସକଳ ବିପଦରୁ ରକ୍ଷା କରିବେ ବୋଲି କଥା ଦେଇଥିଲେ । ଯେତେବେଳେ କୁରୁସଭାରେ କୌରବମାନେ ଦ୍ରୌପଦୀଙ୍କୁ ବିବସନା କରିବାକୁ ଉଦ୍ୟତ ହେଲେ, ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ସେହିଦିନ ଠାରୁ ଏହି ପର୍ବ ପାଳିତ ହୋଇ ଆସୁଛି ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ରହିଛି ।

ସେଭଳି ଏହି ପର୍ବ ସହ ଅନ୍ୟ ଏକ ପୌରାଣିକ ଘଟଣା ଯୋଡ଼ି ହୋଇ ରହିଛି । ଯାହା ଆମ ବିଶ୍ୱାସ ଓ ସଂକଳ୍ପକୁ ଶକ୍ତ କରିପାରିଛି । ମହାଭାରତରେ ଦାନବରାଜ ବଳି ଓ ବିଷ୍ଣୁଙ୍କୁ ନେଇ ଆଧ୍ୟାତ୍ମିକ ଅଧ୍ୟାୟର ଏକ ଅଂଶଭାବେ ସ୍ୱୀକୃତ । ବାମନ ଅବତାରରେ ଭଗବାନ ବିଷ୍ଣୁ ଦାନବରାଜ ବଳିକୁ ତିନିପାଦ ଭୂମି ମାଗିବା ପରେ ଦାନ ବୀର ବଳି ନିଜ ସଂକଳ୍ପ ରକ୍ଷା ସ୍ୱରୂପ ତିନିପାଦ ଭୂମି ଦାନ କରିଥିଲେ । ଫଳତଃ ଭଗବାନ ଆକାଶ - ପାତାଳ ଓ ଧରିତ୍ରୀକୁ ତିନିପାଦ କରିବା ସହ ରାଜା ବଳିକୁ ରସାତଳ ପାତାଳକୁ ଚାପି ଦେଇଥିଲେ । କିନ୍ତୁ ଏହାର ପ୍ରତିବଦଳରେ ବଳି ଭକ୍ତିର ପରାକାଷ୍ଠା ଯୋଗୁଁ ସବୁ ସମୟରେ ବଳି ସାମ୍ନାରେ ରହିବା ପାଇଁ ଭଗବାନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏହା ମା' ଲକ୍ଷ୍ମୀଙ୍କୁ ଚିନ୍ତାରେ ପକାଇଲା । ତେଣୁ ନାରଦଙ୍କ କଥାନୁସାରେ ମା' ଲକ୍ଷ୍ମୀ ବଳି ପାଖକୁ ଯାଇ ରକ୍ଷା ବନ୍ଧନ କରି ତାକୁ ନିଜ ଭାଇ ଭାବେ ଗ୍ରହଣ କରିବା ସହ ଭଗବାନ ବିଷ୍ଣୁଙ୍କୁ ନିଜ ସଙ୍ଗରେ ଧରି ଫେରିଥିଲେ । ବିଶ୍ୱାସ ଅନୁସାରେ ସେହି ଦିନଠାରୁ ରକ୍ଷା ବନ୍ଧନ ପର୍ବ ପାଳିତ ହୋଇ ଆସୁଅଛି ।

ପୌରାଣିକ ଆଖ୍ୟାନ କ୍ରମେ ଦେବତା ଓ ଦାନବମାନଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ଦାନବମାନେ ଦେବତାଙ୍କୁ ପରାସ୍ତ କରୁଥିବାର ଦେଖି ଇନ୍ଦ୍ରଙ୍କ ପତ୍ନୀ ଇନ୍ଦ୍ରାଣୀ ଭଗବାନଙ୍କୁ ଆରାଧନା କରିଥିଲେ । ଭଗବାନ ଏକ ମନ୍ତ୍ରଯୁକ୍ତ ସୂତା ଇନ୍ଦ୍ରାଣୀଙ୍କୁ ପ୍ରଦାନ କରିବାପରେ ସେଇ ସୂତାକୁ ଇନ୍ଦ୍ରାଣୀ ନେଇ ଇନ୍ଦ୍ରଙ୍କ ହାତରେ ବାନ୍ଧି ଦେଇଥିଲେ । ଫଳତଃ ସେହି ଯୁଦ୍ଧରେ ଇନ୍ଦ୍ର ବିଜୟୀ ହୋଇଥିଲେ । ରକ୍ଷା-ବନ୍ଧନକୁ ନେଇ ମହାଭାରତରେ ମଧ୍ୟ ଏକ ରୋଚକ ପ୍ରସଙ୍ଗ ରହିଛି । ଭଗବାନ ଶ୍ରୀକୃଷ୍ଣଙ୍କ ପରାମର୍ଶକ୍ରମେ ଧର୍ମରାଜ ଯୁଧିଷ୍ଠିର ନିଜର ସମସ୍ତ ସୈନ୍ୟମାନଙ୍କ ହାତରେ ରକ୍ଷା-ସୂତା ବାନ୍ଧିଥିଲେ ।



ପୁରାଣ ଓ ଇତିହାସରେ ରକ୍ଷାବନ୍ଧନର ଅନେକ ଘଟଣା ରହିଛି । ପୁରାଣରେ ଅସୁର ରାଜା ବଳିଙ୍କ ଠାରୁ ଇତିହାସରେ ମୋଗଲ ସମ୍ରାଟ ହୁମାୟୁନଙ୍କ ପର୍ଯ୍ୟନ୍ତ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ତେଣୁ ବିଚାର ଦୃଷ୍ଟିରୁ ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ । ତଥାପି ରାଖୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ କେବେ ପଛଘୁଞ୍ଚା ଦେଇନାହିଁ, ତାହାହିଁ ପ୍ରମାଣିତ ହୋଇଛି ।


**ମଧ୍ୟ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀଙ୍କ ସହିତ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବା ପରେ ଯେତେବେଳେ ଅନୁଭବ କଲେ ଯେ, ସୁଲତାନ ବାହାଦୁରଶାହାଙ୍କୁ ସହଜରେ ପ୍ରତିହତ କରାଯାଇପାରିବ ନାହିଁ, ସେତେବେଳେ ସେ ଉପାୟ ଚିନ୍ତାକଲେ । ସେ ତୁରନ୍ତ ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଗୋଟିଏ ରାଖି ପଠେଇ ଦେଲେ । ହୁମାୟୁନ ମଧ୍ୟ ଏହାକୁ ଆଗ୍ରହ ସହକାରେ ଭଉଣୀର ସ୍ନେହ ଉପହାର ମନେ କରି ଚିତୋରର ସୁରକ୍ଷାପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ । ଅପରପକ୍ଷରେ ଏହା ହିନ୍ଦୁ ଓ ମୁସଲମାନମାନଙ୍କ ଭାବନାତ୍ମକ ଏକତାର ଏବେ ଏକ ଅବିସ୍ମରଣୀୟ ଘଟଣା କହିଲେ ଅତ୍ୟୁକ୍ତି ହେବ ନାହିଁ ।**

ପ୍ରଥମ ଘଟଣାଟି ହେଉଛି ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର ଐତିହାସିକ ଗାଥା । ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ଭାରତ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହେଇଥିଲେ । ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡାର ପରାସ୍ତ ହେଲେ । ସେତେବେଳେ ଆଲେକଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ନିକଟକୁ ଏକ ରାଖୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରି ନିଜର ନୈତିକ କର୍ତ୍ତବ୍ୟ କରିଥିଲେ । ସେହିପରି ଦ୍ୱିତୀୟ ଘଟଣାଟି ହେଉଛି ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ୍ୟ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀଙ୍କ ସହିତ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବା ପରେ ଯେତେବେଳେ ଅନୁଭବ କଲେ ଯେ, ସୁଲତାନ ବାହାଦୁରଶାହାଙ୍କୁ ସହଜରେ ପ୍ରତିହତ କରାଯାଇପାରିବ ନାହିଁ, ସେତେବେଳେ ସେ ଉପାୟ ଚିନ୍ତାକଲେ । ସେ ତୁରନ୍ତ ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଗୋଟିଏ ରାଖୀ ପଠେଇ ଦେଲେ । ହୁମାୟୁନ ମଧ୍ୟ ଏହାକୁ ଆଗ୍ରହ ସହକାରେ ଭଉଣୀର ସ୍ନେହ ଉପହାର ମନେ କରି ଚିତୋରର ସୁରକ୍ଷାପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ । ଅପରପକ୍ଷରେ ଏହା ହିନ୍ଦୁ ଓ ମୁସଲମାନମାନଙ୍କ ଭାବନାତ୍ମକ ଏକତାର ଏବେ ଏକ ଅବିସ୍ମରଣୀୟ ଘଟଣା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଭାଇ-ଭଉଣୀର ଏଭଳି ନିବିଡ଼ ସମ୍ପର୍କକୁ ନେଇ ଅନେକ ନାଟକ ଓ କଥାଚିତ୍ର ପ୍ରସ୍ତୁତ ହେଇଛି । ଭଉଣୀର ସୁରକ୍ଷା ପାଇଁ ଭାଇ ନିଜର ସୁଖ ସୁବିଧା ମଧ୍ୟ ଭୁଲିଯାଏ । ଉଭୟ ଓଡ଼ିଆ ଓ ହିନ୍ଦୀ ସିନେମାରେ ଏଭଳି ଅନେକ ଦୃଶ୍ୟ ରହିଛି । କେତେକ ସିନେମାରେ ରାଖୀ ମାଧ୍ୟରେ ଏହି ଆବେଗ ଓ ତ୍ୟାଗର ଦୃଶ୍ୟ ଦର୍ଶକମାନେ ଉପଭୋଗ କରିଛନ୍ତି । ଏହି ପର୍ବ କେବଳ ଓଡ଼ିଶାରେ ନୁହେଁ ଭାରତର ଅନ୍ୟ ରାଜ୍ୟମାନଙ୍କରେ ଭିନ୍ନ ଭିନ୍ନ ରୀତିରେ ପାଳିତ ହୋଇଥାଏ । ତନ୍ମଧ୍ୟରୁ ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା 'ନାରିକେଳ ପୂର୍ଣ୍ଣିମା' ଭାବେ ପାଳିତ ହେଇଥାଏ । ଏହି ଦିନ ସମୁଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଇଥାଏ । ଉପକୂଳବର୍ତ୍ତୀ ଅଞ୍ଚଳ, ବିଶେଷକରି ଯେଉଁମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରିଥାନ୍ତି, ସେମାନଙ୍କ ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । ଶ୍ରାବଣର ପ୍ରତି ସୋମବାର ଶିବ ମନ୍ଦିରରେ ଜଳଲାଗି ସହ ପୂର୍ଣ୍ଣିମାରେ ଏହି ପର୍ବ ମହା ଆଡ଼ମ୍ବର ସହିତ ପାଳିତ ହେଇଥାଏ । ଉତ୍ତର ଭାରତରେ ଏହି ପର୍ବ 'କାଜରି ପୂର୍ଣ୍ଣିମା' ଭାବେ ଜଣାଶୁଣା । ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରାଯାଇଥାଏ । ତେବେ ଏହା ସବୁ ସ୍ଥାନରେ ନୁହେଁ, କିଛି ସ୍ଥାନରେ ପାଳନ କରାଯାଇଥାଏ । ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶଗଡ଼ର କେତେକ ସ୍ଥାନରେ ଏହା ପାଳିତ ହୋଇଥାଏ । ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ 'ଅବନୀ' ନାଁରେ ପାଳନ କରାଯାଇଥାଏ । ଏହାକୁ ଓଡ଼ିଶାର ବ୍ରାହ୍ମଣଶାସନରେ 'ଶ୍ରାବଣୀ ବେଦଉପାକର୍ମ' ମଧ୍ୟ କୁହାଯାଏ । ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି । ବ୍ରାହ୍ମଣଙ୍କଦ୍ୱାରା କରାଯାଉଥିବା ଉତ୍ସବକୁ 'ବ୍ରହ୍ମ ଯଜ୍ଞ' ମଧ୍ୟ କୁହାଯାଏ । କେରଳ ପ୍ରଭୃତିରେ 'ଓନାମ'ପର୍ବ ରୂପେ ପାଳନ କରାଯାଏ । ବାସ୍ତବରେ ଭାରତୀୟ ସଂସ୍କୃତିରେ ସଂରକ୍ଷଣର ଏହି ରକ୍ଷା ବନ୍ଧନ ହେଉଛି ଭାଇ ଓ ଭଉଣୀଙ୍କ ମଧ୍ୟରେ ଅବିସ୍ମରଣୀୟ ପ୍ରେମ ଓ ଅଦୃଶ୍ୟ ସ୍ନେହର ଏକ ପବିତ୍ର ବନ୍ଧନ । ସଂପ୍ରତି ଭାରତରେ ଏହା ଏକ ଗଣପର୍ବରେ ପରିଗଣିତ ହୋଇଛି ।

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪ ,**
**ମୋ-୯୦୪୦ ୧୫୧୪୭୫**

# ଅଦ୍ୱିତୀୟ ସନ୍ଥ, ସାଧକ ନିଗମାନନ୍ଦ



**ଡକ୍ଟର କୈଳାସ ଚନ୍ଦ୍ର ପାଣି**

ସରଳ ଭଗବତ୍ ଚିନ୍ତା ଓ ଚେତନା, ଦ୍ୱନ୍ଦ୍ୱହୀନ ଭାବାଦର୍ଶ, ଜ୍ଞାନ ଓ ଭକ୍ତିର ସ୍ୱର୍ଗୀୟ ସମ୍ମେଳନରେ ରସାଣିତ ହୋଇଥିବା ମତ ଓ ପଥ ତଥା ବିଜ୍ଞାନ ପୃଷ୍ଠଭୂମିରେ ପ୍ରତିଷ୍ଠିତ ମାର୍ଗଦର୍ଶନ ମାଧ୍ୟମରେ ଯେଉଁ କେତେଜଣ ପ୍ରଥିତଯଶା, କାଳଜୟୀ ପ୍ରଜ୍ଞାପୁରୁଷ ସଂସାର ଦାବାନଳରେ ଦଗ୍ଧୀଭୂତ ମାନବ ପ୍ରାଣରେ ଶାନ୍ତ, ସମାହିତ ଓ ସମ୍ପନ୍ନ ଜୀବନଗଠନ ପାଇଁ ଚିରଭାସ୍ୱର ଅମୃତପଥର ସନ୍ଧାନ ପ୍ରଦାନ କରି ଏଇ କ୍ଷଣଭଙ୍ଗୁର ମରଜଗତରେ ମନୀଷାର ଦୀପ୍ତି ଜାଳି ଦେଇ ଯାଇଛନ୍ତି ସେମାନଙ୍କ ମଧ୍ୟରେ ଚତୁର୍ବିଧ ସିଦ୍ଧସାଧକ ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଦେବ ଥିଲେ ଅନ୍ୟତମ । ସଦ୍‌ଗୁରୁ ରୂପେ ଜୀବୋଦ୍ଧାର ପ୍ରକ୍ରିୟାରେ ସେ ଥିଲେ ଅନନ୍ୟ ଅଗ୍ନି ସ୍ଫୁଲିଙ୍ଗ ଓ ଭାରତୀୟ ଆଧ୍ୟାତ୍ମିକ ଇତିହାସର ଅମ୍ଳାନ ତଥା ବିପ୍ଳବୀ ସଦ୍‌ଗୁରୁ ।

ତାଙ୍କର ସ୍ୱତନ୍ତ୍ରତା ପରିସ୍ଫୁଟ ହୋଇଉଠେ ମାତୃଗର୍ଭ ସଞ୍ଚାରରୁ ଓ ପ୍ରଶସ୍ତ ହୋଇ ଲମ୍ବିଯାଏ ସାଧନାଠାରୁ ଆରମ୍ଭ କରି ସିଦ୍ଧି ଲାଭ ପର୍ଯ୍ୟନ୍ତ । ଅଭୂତପୂର୍ବ ଓ ଅଶ୍ରୁତପୂର୍ବ ସ୍ୱତନ୍ତ୍ରତାରେ ପରିପୁଷ୍ଟ ହୁଏ ସଦ୍‌ଗୁରୁ ନିଗମାନନ୍ଦଙ୍କ ସାଧନ ଜୀବନ ଓ ଜୀବୋଦ୍ଧାର ପ୍ରକ୍ରିୟା । ତେଣୁ ଠାକୁର ଦୃଢ଼ ଆଉ ଦୃପ୍ତ କଣ୍ଠରେ କହିଥିଲେ, ''ଭାରତର ସଦ୍‌ଗୁରୁ ମାତ୍ରକେ ମୋତେ ଜାଣିବେ ।''

ସନ ୧୮୮୦ ମସିହାରେ ଅବିଭକ୍ତ ବଙ୍ଗଳାର ମେହେରପୁର ମହକୁମାରେ ଅବସ୍ଥିତ କୁତବପୁର ନାମକ କ୍ଷୁଦ୍ର ପଲ୍ଲୀର କୁଳୀନ ବ୍ରାହ୍ମଣ ପରିବାରରେ ପିତା ଭୂବନମୋହନ ଭଟ୍ଟାଚାର୍ଯ୍ୟ ଓ ମାତା ଯୋଗେନ୍ଦ୍ର ମୋହିନୀଙ୍କ କୋଳମଣ୍ଡନ କରି ଝୁଲଣ ପୂର୍ଣ୍ଣିମାର ପୁଣ୍ୟ ତିଥିରେ ଜନ୍ମ ଗ୍ରହଣ କରନ୍ତି ଏହି ଦେବଶିଶୁ, ନାମ ରଖାଯାଏ ନଳିନୀକାନ୍ତ । ଆଦ୍ୟ ଯୌବନରେ ପତ୍ନୀ ବିୟୋଗ ଓ ତତ୍‌ପରେ ଗୁରୁ ଅନ୍ୱେଷଣ । ଲକ୍ଷ୍ମଣ ଝୁଲାରେ ସ୍ୱପ୍ନାଦିଷ୍ଟ ହୋଇ ପତ୍ନୀଙ୍କ ସାକ୍ଷାତ୍ ଦର୍ଶନ ଉଦ୍ଦେଶ୍ୟରେ ପରମକୌଳ ମହାନ୍ ତନ୍ତ୍ରସାଧକ ବାମାକ୍ଷେପାଙ୍କୁ ଗୁରୁରୂପେ ବରଣ କରି ବଙ୍ଗଳାର ବିଖ୍ୟାତ ତନ୍ତ୍ରପୀଠ ତାରାପୀଠରେ ମାତ୍ର ୨୧ ଦିନର କୃଚ୍ଛ୍ରସାଧନା କରି ଜଗତ୍‌ଜନନୀଙ୍କ ଦର୍ଶନ ଲାଭ ପୂର୍ବକ କରନ୍ତି ତନ୍ତ୍ରସିଦ୍ଧି ।



ସ୍ୱପ୍ନରେ ପ୍ରାପ୍ତ ଏକାକ୍ଷରୀ ବୀଜମନ୍ତ୍ର ପ୍ରଦାନକାରୀ ପରମ ବୈଦାନ୍ତିକ ପରମହଂସ ସଚ୍ଚିଦାନନ୍ଦଙ୍କୁ ଜ୍ଞାନୀଗୁରୁ ରୂପେ ବରଣ କରି ଜ୍ଞାନ ସାଧନାରେ ସିଦ୍ଧିଲାଭ ପୂର୍ବକ ନଳିନୀକାନ୍ତ ରୂପାନ୍ତରିତ ହୁଅନ୍ତି ନିଗମାନନ୍ଦରେ । ପର୍ଶୁରାମ ତୀର୍ଥ ଦର୍ଶନ ପର୍ଯ୍ୟାୟରେ କୋଟା ଜଙ୍ଗଲରେ ପଥଭ୍ରାନ୍ତି ଅବକାଶରେ ବୃକ୍ଷକୋଟରରେ ହୁଏ ରାତ୍ରିଯାପନ ଓ ପ୍ରଭାତରୁ ବିଧି ନିର୍ଦ୍ଧାରଣ ଅନୁଯାୟୀ ଯୋଗସିଦ୍ଧ ଉଦାସୀନାଚାର୍ଯ୍ୟ ସୁମେରୁ ଦାସଙ୍କ ସହିତ ସାକ୍ଷାତ ଓ ତାଙ୍କ ସାହଚର୍ଯ୍ୟରେ ଯୋଗରେ ସିଦ୍ଧି ଲାଭ ସହିତ ଆସାମ ପ୍ରଦେଶର କାମାକ୍ଷା ପାହାଡ଼ର ନିଭୃତ ଗିରି କନ୍ଦରରେ ଉଚ୍ଚାଙ୍ଗ ସାଧନା ସମ୍ପନ୍ନ କରି ନିଗମାନନ୍ଦ ବ୍ୟୁତ୍‌ଥିତ ହୁଅନ୍ତି ନିର୍ବିକଳ୍ପ ସମାଧିରୁ ଗୁରୁଭାବ ପୋଷଣ ପୂର୍ବକ । ମା' ଅନ୍ନପୂର୍ଣ୍ଣାଙ୍କ କର୍ତ୍ତୃକ ସୃଷ୍ଟ ଅପୂର୍ଣ୍ଣ ଭାବକୁ ନିବାରଣ କରି ବଦ୍ରିଧାମର ପ୍ରେମସିଦ୍ଧା ଯୋଗିନୀ ଗୌରୀ ମା'ଙ୍କୁ ପ୍ରେମିକ ଗୁରୁ ରୂପେ ବରଣ କରି ପ୍ରେମ ସାଧନାରେ ସିଦ୍ଧିଲାଭ ପୂର୍ବକ ନିଗମାନନ୍ଦ ପରିପୂର୍ଣ୍ଣତା ପ୍ରାପ୍ତ ହୁଅନ୍ତି । ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମ ସାଧନାରେ ସିଦ୍ଧ ସଦ୍‌ଗୁରୁ ନିଗମାନନ୍ଦ ଥିଲେ ସାର୍ବଭୌମ ଗୁରୁ ଅର୍ଥାତ୍ ସର୍ବଭୂମିଗତ ଗୁରୁ । ଯକ୍ଷ, ରକ୍ଷ, ନର ଓ କିନ୍ନରଠାରୁ ଆରମ୍ଭ କରି ବିଶ୍ୱବ୍ରହ୍ମାଣ୍ଡର ଭିନ୍ନଭିନ୍ନ ଭୂମି ବା ଲୋକରେ ବାସ କରୁଥିବା ସମସ୍ତଙ୍କ ପାଇଁ ସାର୍ବଜନୀନ ଗୁରୁ । ଗାରୋହିଲର ପର୍ଣ୍ଣକୁଟୀରରେ ଲୀଳାବିଳାସ ଅବକାଶରେ ନିଗମାନନ୍ଦ ବ୍ରହ୍ମମୟୀଙ୍କ ସହିତ ଅନୁବନ୍ଧନ ଅନୁଯାୟୀ ମୁକ୍ତିକାମୀ ମାନବ ପାଇଁ ସୃଷ୍ଟି କରନ୍ତି ଅଶ୍ରୁତପୂର୍ବ ବିଧି ବ୍ୟବସ୍ଥା । ତାଙ୍କ ପଦାଶ୍ରିତ ଯେଉଁ ଶିଷ୍ୟମାନେ ଭକ୍ତି ଓ ବିଶ୍ୱାସର ସହିତ ଉତ୍କଟ ସାଧନ କରିବେ ସେମାନଙ୍କର ଦେହସ୍ଥିତି କାଳରେ ହିଁ ମୁକ୍ତି ହେବ । ଯେଉଁମାନେ ତାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଶେଷ ପର୍ଯ୍ୟନ୍ତ ତାଙ୍କ ଉପରେ ନିର୍ଭର କରି ପଡ଼ି ରହିବେ, ସାଧନ ଭଜନ କରନ୍ତୁ କି ନ କରନ୍ତୁ ସେମାନଙ୍କର ଆଉ ପୁନର୍ଜନ୍ମ ହେବ ନାହିଁ ଓ ସେମାନେ କ୍ରମମୁକ୍ତିପଥରେ ଗତି କରିବେ । ପୁନଃ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଯେଉଁମାନେ ତାଙ୍କର ବିରୋଧାଚରଣ କରିବେ ସେମାନେ ମଧ୍ୟ ଅତ୍ୟୁଚ୍ଚ ତିନିଜନ୍ମ ମଧ୍ୟରେ ମୁକ୍ତିଲାଭ କରିବେ ।

**ଜ୍ଞାନାବତାର ଶଙ୍କରଙ୍କ ମତ ଓ ପ୍ରେମାବତାର ଗୌରାଙ୍ଗଙ୍କ ପଥକୁ ସେ ଆଦର୍ଶ ରୂପେ ଗ୍ରହଣ କଲେ । ଅର୍ଥାତ୍ ପ୍ରେମ ଭକ୍ତିପଥରେ ଜ୍ଞାନଲାଭ ବା ଦ୍ୱୈତପଥରେ ଅଦ୍ୱୈତ ଉପଲବ୍ଧି ହିଁ ନିଗମ ଦର୍ଶନ । ଗୌରାଙ୍ଗଙ୍କ ମାର୍ଗରେ ରାଧାକୃଷ୍ଣ ହିଁ ଉପାସ୍ୟ । କିନ୍ତୁ ଗୌରାଙ୍ଗଙ୍କ ପଥରେ ରାଧାକୃଷ୍ଣଙ୍କ ସ୍ଥାନରେ ଗୁରୁଙ୍କୁ ଆସୀନ କରି ସନାତନ ଧର୍ମ ପ୍ରଚାରକୁ ସେ କଲେ ଅସାମ୍ପ୍ରଦାୟିକ ।**

ଜ୍ଞାନାବତାର ଶଙ୍କରଙ୍କ ମତ ଓ ପ୍ରେମାବତାର ଗୌରାଙ୍ଗଙ୍କ ପଥକୁ ସେ ଆଦର୍ଶ ରୂପେ ଗ୍ରହଣ କଲେ । ଅର୍ଥାତ୍ ପ୍ରେମ ଭକ୍ତିପଥରେ ଜ୍ଞାନଲାଭ ବା ଦ୍ୱୈତପଥରେ ଅଦ୍ୱୈତ ଉପଲବ୍ଧି ହିଁ ନିଗମ ଦର୍ଶନ । ଗୌରାଙ୍ଗଙ୍କ ମାର୍ଗରେ ରାଧାକୃଷ୍ଣ ହିଁ ଉପାସ୍ୟ । କିନ୍ତୁ ଗୌରାଙ୍ଗଙ୍କ ପଥରେ ରାଧାକୃଷ୍ଣଙ୍କ ସ୍ଥାନରେ ଗୁରୁଙ୍କୁ ଆସୀନ କରି ସନାତନ ଧର୍ମ ପ୍ରଚାରକୁ ସେ କଲେ ଅସାମ୍ପ୍ରଦାୟିକ ।

କଳିଯୁଗରେ କଠୋର ସନ୍ନ୍ୟାସବ୍ରତ ସୁଦୂର ପରାହତ ବୋଲି ଅନୁଭବ କରି ସୃଷ୍ଟିକୁ ସରସ, ସୁନ୍ଦର ଓ ମଧୁମୟ କରି ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଠାକୁର ନିଗମାନନ୍ଦ ତ୍ୟାଗ, ତିତିକ୍ଷା ଓ ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଆଦର୍ଶ ଗୃହସ୍ଥ ଜୀବନଯାପନ କରିବାକୁ ତାଙ୍କର ଶିଷ୍ୟଭକ୍ତଙ୍କୁ ଉତ୍‌ପ୍ରେରିତ କରିଥିଲେ ଯଦିଓ ସାଧନ ରାଜ୍ୟର ଉତ୍ତୁଙ୍ଗ ନିର୍ବିକଳ୍ପ ସମାଧିରେ ବ୍ରହ୍ମବେତ୍ତା ସନ୍ନ୍ୟାସୀ ଥିଲେ ସେ । ସମସ୍ତ ଆର୍ଯ୍ୟଧର୍ମ ଗ୍ରନ୍ଥକୁ ମନ୍ଥନ କରି ସାର ସ୍ୱରୂପ ସେ ତାନ୍ତ୍ରିକ ଗୁରୁ, ଯୋଗୀଗୁରୁ, ଜ୍ଞାନୀଗୁରୁ, ପ୍ରେମିକଗୁରୁ ଓ ବ୍ରହ୍ମଚର୍ଯ୍ୟସାଧନ ନାମରେ ଯେଉଁ କତିପୟ ପୁସ୍ତକ ପ୍ରଣୟନ କରିଛନ୍ତି ତାହା ଆମ ସାରସ୍ୱତ ଭଣ୍ଡାରର ଅକ୍ଷୟ ସମ୍ପଦ । ଏହି ପୁସ୍ତକଗୁଡ଼ିକ ବେଦ ବେଦାନ୍ତର ନବନୀତ ସ୍ୱରୂପ ।

ନିଗମାନନ୍ଦ ହେଉଛନ୍ତି ଏକମାତ୍ର ଭାଗ୍ୟବାନ୍ ସାଧକ ଯିଏ ମାତ୍ର ତିନିବର୍ଷ ମଧ୍ୟରେ ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମର ଉତ୍ତୁଙ୍ଗ ସାଧନାରେ ସିଦ୍ଧିଲାଭ କରି ଚତୁର୍ବିଧ ସିଦ୍ଧ ସାଧକ ରୂପେ ଖ୍ୟାତ ହେବା ସହ ସାର୍ବଭୌମ ଗୁରୁ ହେବାର ସୌଭାଗ୍ୟ ଲାଭ କରିପାରିଛନ୍ତି ।

ସଦ୍‌ଗୁରୁ ରୂପେ ନିଗମାନନ୍ଦ ଅନନ୍ୟ । ବିଚିତ୍ରତା ଓ ବୈଶିଷ୍ଟ୍ୟରେ ପରିପୂର୍ଣ୍ଣ ତାଙ୍କ ସାଧକ ଜୀବନ । ଜୀବୋଦ୍ଧାର ପ୍ରକ୍ରିୟାରେ ତାଙ୍କର ବରାଭୟ ଅଭୂତପୂର୍ବ ଓ ଅଶ୍ରୁତପୂର୍ବ । ପୁଣ୍ୟ ଜନ୍ମତିଥି ଉପଲକ୍ଷେ ବିଶ୍ୱଶାନ୍ତି ଓ ବିଶ୍ୱମୈତ୍ରୀ ପାଇଁ ତାଙ୍କ ପଦ ପ୍ରାନ୍ତରେ ବିନମ୍ର ପ୍ରାର୍ଥନା ।

**ନିଆଳୀ, କଟକ,ମୋ-୯୬୫୮୩୭୮୫୮୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନେପାଳ...

ଡାରଚେନ୍‌ରେ ଅଛନ୍ତି । ସେହିଭଳି ତ୍ରିଶୁଳୀ ବିଦ୍ୟୁତ୍ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୭୩ ଭାରତୀୟଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଇଛି । ପ୍ରାୟ ୨୦୦ ଭାରତୀୟ ସୁରକ୍ଷିତ ଅଛନ୍ତି ଓ ଉଦ୍ଧାର ଲାଗି ସହାୟତା ଆବଶ୍ୟକ କରୁଛନ୍ତି । ଜିର୍ଣ୍ଣ ସହରରେ ୪ ଜଣ ଥିବାବେଳେ କୁଟୁଙ୍ଗପୁକ୍ରରେ ୩୦ ଅଛନ୍ତି ଓ ୬୦ ରୁ ୭୦ ଅନ୍ୟାନ୍ୟ ସ୍ଥାନରେ ଅଛନ୍ତି । ଅଚାନକ ବନ୍ୟା ଯୋଗୁ ନେପାଳ ଓ ତିବ୍ବତ ଦେଇ ଅଞ୍ଚଳରେ ଏଭଳି ବିଧ୍ୱଂସକାରୀ ପରିସ୍ଥିତି ସୃଷ୍ଟି ହୋଇଛି । ଏହି ବନ୍ୟାର ବିଭିଷିକାରେ ଯାତାୟାତ ବାଧାପ୍ରାପ୍ତ ହେବାସହ ପୋଲ ଓ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ମଧ୍ୟ ବ୍ୟାପକ କ୍ଷତି ହୋଇଛି । ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ କହିଛନ୍ତି ଯେ ବିପର୍ଯ୍ୟୟ ମୁକାବିଲା ପାଇଁ ସମସ୍ତ ସହଯୋଗ କରାଯାଉଛି । ଯେଉଁ ୧୫୦୦ ନିଖୋଜ ଅଛନ୍ତି ସେମାନଙ୍କ ମଧ୍ୟରୁ ୮୦୦ ବିଦେଶୀ ନାଗରିକ ରହିଛନ୍ତି । ଯେଉଁମାନେ ନେପାଳ ଓ ତିବ୍ବତ୍ ସୀମାରେ ନିଖୋଜ ହୋଇଥିବା ସୂଚନା ମିଳିଛି । ବିଦେଶୀ ନାଗରିକ ପରିବାର ସେମାନଙ୍କ ଘର ହରାଇଛନ୍ତି ଓ ୧ ଲୋକଙ୍କୁ ହରାଇଛନ୍ତି । ଆମେ ଯଥାସମ୍ଭବ ସାମଗ୍ରୀ ପାଇଁ ଉଦ୍ୟମ ଆରମ୍ଭ କରିଛୁ । ନେପାଳ ପୋଲିସ ପକ୍ଷରୁ କୁହାଯାଇଛି ଯେ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ । ଉଦ୍ଧାରକାରୀ ଦଳ ସର୍ଚ୍ଚ ଅପରେସନ୍‌ରେ ଅଛନ୍ତି । ଅଧିକରୁ ଅଧିକ ମୃତ ଶରୀର ଠାବ କରାଯାଉଛି । ତିବ୍ବତର ଜ୍ୟାଗରିଙ୍ଗ ୫-୫୮ ଲୋକ ନିଖୋଜ ଥିବା କୁହାଯାଉଛି ଓ ସେମାନଙ୍କ ମଧ୍ୟରେ ୨୬୦ ଜଣ ବିଦେଶୀ ନାଗରିକ ଅଛନ୍ତି । କାଦୁଅ ଖସିବା ଯୋଗୁ ୩ ଜଣଙ୍କ ଜୀବନ ଯାଇଛି । ହିମାଳୟ ପାର୍ବତ୍ୟାଞ୍ଚଳରେ ଟ୍ରାକର ଓ ତୀର୍ଥଯାତ୍ରୀମାନେ ଆସିଥିଲେ । ଲାସା ଓ କାଠମାଣ୍ଡୁ ପରିଦର୍ଶନ କରିଥାନ୍ତି । ମାତ୍ର ସେଠାରେ ପ୍ରବଳ ପାଣି ଓ ମାଟି ଅତଡା କାଦୁଅ ହୋଇ ଖସିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ନେପାଳ ସୀମାରେ ଥିବା ବିହାରକୁ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି । ବାଲ୍ମିକୀନଗର ବ୍ୟାରେଜ୍‌ରେ ୮୮ ହଜାର ଘନଫୁଟ ଜଳ ଛଡ଼ାଯାଇଛି । ଗତକାଲି ମଧ୍ୟରାତ୍ରରେ ଦେଢ଼ଲକ୍ଷ ଘନଫୁଟ ଜଳ ଛଡ଼ାଯାଇଥିଲା । ବିଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ମାନବିକ ସହାୟତା ବାବଦରେ ୩୨.୫ ଟନ୍ ରିଲିଫ ସାମଗ୍ରୀ ବିପର୍ଯ୍ୟୟ ଅଞ୍ଚଳକୁ ଯାଇଛି । ସେଥିରେ ଔଷଧ, ଖାଦ୍ୟ ପ୍ୟାକେଟ ରହିଛି । ବୁଧବାର ରାତିରୁ ପ୍ରଥମ ସେନା ରିଲିଫ ଜାହାଜ ସେଠାରେ ପହଞ୍ଚିଛି । ଏଥିରେ ମଧ୍ୟ କମ୍ବଳ, ହାଇଜେନିକ୍ କିଟ୍ସ ଓ ସୋଲାର ଲ୍ୟାମ୍ପ ସମେତ ଅତ୍ୟାବଶ୍ୟକ ଔଷଧ ରହିଛି । କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସରେ ଜରୁରୀ ସହାୟତା ଫୋନ୍ ନମ୍ବର ଜାରି କରାଯାଇଛି । ଭାରତୀୟ ରାଷ୍ଟ୍ରଦୂତ ନେପାଳ ସରକାରଙ୍କ ସହ ଯୋଗାଯୋଗ ରଖାକରି ଭାରତୀୟ ନାଗରିକମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ ଶାହା ମଧ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ସ୍ଥାନୀୟ ପ୍ରଶାସନ, ସୁରକ୍ଷା ଅଧିକାରୀ ଓ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

## ଖୋର୍ଦ୍ଧାର...

୨୦୧୮ ମସିହାରେ ଅଷ୍ଟ୍ରେଲିଆ ରେ ଚାକିରି କରୁଥିଲେ । ଗତ ୨୨ ତାରିଖରେ ଘରକୁ ଆସି ନିଜ ଶିଶୁ ପୁତ୍ରକୁ ସନ୍ଦିପଙ୍କ ଶଶୁର ଘରେ ଛାଡ଼ି ୩ଦିନ ତଳେ ସେ ଏବଂ ତାଙ୍କ ପତ୍ନୀ ନେପାଳ ବୁଲିବାକୁ ଯାଇଥିଲେ ।

ନେପାଳର ବନ୍ୟା ଏବଂ ଭୂସ୍ଖଳନ ରେ ଏକ ବସ୍‌ଟି ଭାସିଯାଇଥିବାର ଅନୁମାନ କରାଯାଉଛି । ଆଜି ସକାଳୁ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ପରିବାର ଲୋକ ଏହା ଦେଖିବା ପରେ ପୁତ୍ର ଏବଂ ପୁତ୍ର ବଧୂଙ୍କୁ ଫୋନ୍‌ରେ ଯୋଗ ଯୋଗ କରିଥିଲେ ମଧ୍ୟ ସମ୍ପର୍କ ହୋଇ ନଥିଲେ । ଏହା ଜାଣିବା ପରେ ପରିବାର ଏବଂ ସମ୍ପର୍କିୟ ଭାଙ୍ଗି ପଡ଼ିଛନ୍ତି । ସନ୍ଦିପ ୨୫ତାରିଖ ଦିନ ତାଙ୍କ ସାନ ଭାଇଙ୍କ ସହ ଫୋନ ଯୋଗେ ଶେଷ ଥର ପାଇଁ କଥାବାର୍ତ୍ତା ହୋଇଥିଲେ ବୋଲି ପରିବାର ଲୋକ କହିଛନ୍ତି । ନେପାଳରେ ବୁଡ଼ାବୁଲି କରୁଛନ୍ତି ବୋଲି ସୂଚନା ମଧ୍ୟ ଦେଇଥିଲେ । ସନ୍ଦିପଙ୍କ ଏଭଳି ଖବର ପାଇବା ପରେ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି, ଶୁଭେଚ୍ଛୁ ସମସ୍ତେ ତାଙ୍କ ଜେମାଦେଇ ସ୍ଥିତ ବାସ ଭବନକୁ ଯାଇ ସନ୍ଦିପଙ୍କ ସାନଭାଇଙ୍କ ସହ ତାଙ୍କ ପୈତୃକ ବାସଭବନ ରେ କଥା ହୋଇଥିଲେ । ଆମର ଭାଇକୁ କେନ୍ଦ୍ର ସରକାର ସୁରକ୍ଷିତ ଭାବରେ ଉଦ୍ଧାର କରି ଫେରାଇ ଆଣିବାକୁ ଆମେ ନିବେଦନ କରୁଛୁ ବୋଲି କୋହଭରା କଣ୍ଠରେ ସନ୍ଦିପଙ୍କ ସାନଭାଇ ଏବଂ ପରିବାର ଲୋକ କହିଥିଲେ । ସନ୍ଦିପ ଏବଂ ତାଙ୍କ ପତ୍ନୀଙ୍କ ଏକ ମାତ୍ର ପୁତ୍ରର କିଛି ମାସ ତଳେ ବ୍ରତ ଘର ଏହି ଖୋର୍ଦ୍ଧାରେ ସମାପନ ହୋଇଥିଲା । ପୁଅ ବର୍ତ୍ତମାନ ବୃନ୍ଦପୁରସ୍ଥିତ ଅଜା ଘରେ ରହୁଛନ୍ତି । ସନ୍ଦିପ ଏବଂ ତାଙ୍କ ପତ୍ନୀଙ୍କ ସମ୍ପର୍କରେ ଖବର ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ଉଦ୍ୟମ ଜାରି ରହିଛି ।

## ଗୋଲାବନ୍ଧର...

ରଖିଥିବା ବେଳେ, ଡବଲ ଇଞ୍ଜିନ ସରକାର ଆସିବା ପରେ ଏହି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ । ୧,୩୭୦ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ପ୍ରଦାନ କରାଯାଇଛି । ଘର ନିର୍ମାଣ ସହାୟତା ବାବଦରେ ୪ କୋଟି ୨୫ ଲକ୍ଷ ୧୦ ହଜାର ଟଙ୍କା ଆବଣ୍ଟନ କରା ଯାଇଛି, ଯେଉଁଥିରେ ୯୯୮ ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ ।

ଏହା ବ୍ୟତୀତ ନୂଆ କୀର୍ତ୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ ଲାଇଟ, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ ଟଏଲେଟ, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ମଞ୍ଜୁର କରାଯାଇଛି । ସେହିପରି ଛେଲିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁର ଠାରେ ଥଇଥାନ କରାଯାଇ ୧୧୨ ପରିବାର କୁ ୧୦ ଡିସିମିଲ୍ ଘରବାରି ଓ ୨ ଏକର ଲେଖାଏଁ ଚାଷ ଜମି ଯୋଗାଇ ଦିଆଯାଉଛି । ଆଜି ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା । ଅନ୍ୟ ସମସ୍ତଙ୍କୁ ଖୁବ୍‌ଶିଘ୍ର ପଟ୍ଟା ଦିଆଯିବ । ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଲିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାର ହେକଟର ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦା ଠାରେ ୨୧,୫୦୦ କୋଟି ଟଙ୍କାର ନୂତନ ବୃହତ୍ତ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି । ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଉର୍ଦ୍ଧ୍ୱର୍ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ବିରୋଧୀ ମାନେ ଦୀର୍ଘ ୨୪ ବର୍ଷ ଧରି ଗଞ୍ଜାମକୁ ନିଜର ଅଭେଦ୍ୟ ଦୁର୍ଗ ଭାବି କେବଳ ରାଜନୀତି କରିଛନ୍ତି, କିନ୍ତୁ ବିସ୍ଥାପିତଙ୍କ ଦୁଃଖ ବୁଝିନାହାନ୍ତି । ଏହି ଜିଲ୍ଲା ରାଜ୍ୟକୁ ୫ ଥର ମୁଖ୍ୟମନ୍ତ୍ରୀ ଦେଇଥିଲେ ସୁଦ୍ଧା ଗରିବ ନୋଳିଆଙ୍କ ସ୍ୱର କ୍ଷମତାର ଅଳିନ୍ଦ ପାଖରେ ପହଞ୍ଚିପାରି ନଥିଲା । ବର୍ଷ ବର୍ଷ ଧରି ଫାଇଲ୍ ତଳେ ଗୋଲାବନ୍ଧର ଭବିଷ୍ୟତ ଚାପି ହୋଇ ରହିଥିଲା । କିନ୍ତୁ ଆମ ଡବଲ ଇଞ୍ଜିନ ସରକାର କେବଳ ଭାଷଣ କିମ୍ବା ପ୍ରତିଶ୍ରୁତି ନଦେଇ, ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ସ୍ଥାୟୀ ଓ ସୁରକ୍ଷିତ ଅଧିକାର ଦେବାକୁ କାର୍ଯ୍ୟ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନୀତା ସୁଭଦର୍ଶିନୀ, ସାଂସଦ ଡକଟର ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ସରୋଜ କୁମାର ପାଢ଼ୀ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ରମେଶ ଚନ୍ଦ୍ର ଜେନା, ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ କେ. ଅନିଲ କୁମାର, ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକଟର ଅରବିନ୍ଦ ପାଢୀ ଓ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାରାଦୀପରେ...

ବୁଡ଼ିଗଲାବେଳେ ଏମାନେ ସୌଭାଗ୍ୟ ବଶତଃ ସମୁଦ୍ରକୁ ନିଜ ଜୀବନ ବଞ୍ଚାଇବାକୁ ଯାଇ ଡେଇଁ ପଡ଼ିଥିଲେ । ଜାହାଜରେ ଥିବା ଲାଇଫ ରାପ୍ଟ ମଧ୍ୟରେ ରହି ଏହି ଦୁଇଜଣ ସମୁଦ୍ର ଭିତରେ ଦୀର୍ଘ ସମୟ ଭାସମାନ ଅବସ୍ଥାରେ ରହିଥିବା ବେଳେ ଏମାନଙ୍କୁ ଠାବ କରାଯାଇ ସେହି ରାସ୍ତା ଦେଇ ଆସୁଥିବା ଏକ ତୈଳ ଜାହାଜ ଉଦ୍ଧାର କରି ଭରଦକୁ ହସ୍ତାନ୍ତର କରିଥିଲା । ଗତ ୨୨ ତାରିଖ ଠାରୁ ଏମାନେ ଭରଦ ସହିତ ରହିଥିବା ବେଳେ ଆଜି ପାରାଦୀପ ଉପକୂଳ ମଧ୍ୟରେ ପହଂଚିଛନ୍ତି । ସେମାନଙ୍କୁ ପ୍ରଥମେ ଇମିଗ୍ରେସନ କ୍ଲିୟରାନ୍ସ ପରେ ଏକ ସ୍ୱତନ୍ତ୍ର ଆମ୍ବିଲାନ୍ସ ଯୋଗେ ପାରାଦୀପ ବନ୍ଦର ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଥିବା ଦେଖିବାକୁ ମିଳିଛି । ଏହାପରେ ଉକ୍ତ ଦୁଇ ନାବିକଙ୍କୁ ଜେମ୍ସ ମେକିଙ୍ଗ ଟ୍ରଷ୍ଟ ନାମକ ଏଜେନ୍ସିକୁ ହସ୍ତାନ୍ତର କରାଯାଇଛି । ସେମାନେ ତାଙ୍କୁ ନେଇ ପାରାଦୀପର ଏକ ହୋଟେଲରେ ରଖିଥିବା ବେଳେ ତାଙ୍କୁ ସେମାନଙ୍କ ଘରକୁ ପଠାଇବାକୁ ଏହି ଏଜେନ୍ସି ପ୍ରକ୍ରିୟା ଆରମ୍ଭ କରିବ ବୋଲି ଜଣାପଡିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏମାନଙ୍କର ଭାଷାଗତ ସମସ୍ୟା । ଏମାନେ ଚାଇନିଜ ବ୍ୟତୀତ ଅନ୍ୟ କିଛି ଭାଷା କହି ପାରୁ ନଥିବା କିମ୍ବା ବୁଝି ପାରୁନଥିବା ବେଳେ ଏମାନଙ୍କ ସହ କଥା ହେବାକୁ ଏକ ସ୍ୱତନ୍ତ୍ର ଅନୁବାଦକ ସହାୟତା ନେବ ଏଜେନ୍ସି । ଜାହାଜ କିଭଳି ବୁଡ଼ିଲା, କେଉଁ ପରିସ୍ଥିତିରେ ବୁଡ଼ିଲା ଓ ସେଦିନ ସମୁଦ୍ର ମଝିରେ ସେ କଳା ରାତ୍ରିରେ କଣ ଘଟିଥିଲା, ତାର ସବିଶେଷ ଘଟଣା ଅନୁବାଦକ ଆସିଲା ପରେ ସେମାନେ କହି ପାରିବେ ବୋଲି କୁହାଯାଉଛି । ସେହିପରି ଅନେକ ତଦନ୍ତକାରୀ ସଂସ୍ଥା ସେମାନଙ୍କୁ ଅନୁବାଦକ ସହାୟତାରେ ପଚରାଉଚରା କରି ପାରନ୍ତି ବୋଲି ମଧ୍ୟ ଅନୁମାନ କରାଯାଉଛି । ଗତ ୨୦ ତାରିଖ ରାତି ପ୍ରାୟ ୧୦ଟା ୪୩ ମିନିଟ ସମୟରେ ପାରାଦୀପ ପୋତାଶ୍ରୟ ଛାଡ଼ି ଆଇରନଓର ନେଇ ଚାଇନା ଅଭିମୁଖେ ଯାଇଥିବା ଜାହାଜ ଓସେନ ୱିନର ଗତ ୨୧ ତାରିଖ ବିଳମ୍ବିତ ରାତ୍ରିରେ କୌଣସି କାରଣରୁ ମଝି ସମୁଦ୍ର ମଧ୍ୟରେ ବୁଡି ଯାଇଥିଲା । ଏହି ଦୁଇ ନାବିକ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨୨ ନାବିକଙ୍କୁ ଏବେବି ଖୋଜା ଚାଲିଛି ।

# ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କୁ ଲକ୍ଷେ ବେଲପତ୍ର ଅର୍ପଣ

ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳର ଆରାଧ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କୁ ଏକଲକ୍ଷ ବେଲପତ୍ର ଅର୍ପଣ କରାଯାଇ ଆନୁଷ୍ଠାନିକ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିବା ଜଣାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ପବିତ୍ର ଶ୍ରାବଣ ମାସର ଶୁକ୍ଳ ପକ୍ଷ ଦଶମୀ ତିଥିଠାରୁ ଏହି ବେଲପତ୍ର ଲାଗି କାର୍ଯ୍ୟକ୍ରମର ପୁରୋଧା ପଣ୍ଡିତ ବାସୁଦେବ ମିଶ୍ରଙ୍କ ସହ ମନ୍ଦିର ପରୀକ୍ଷା ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଶିବପ୍ରସାଦ ଷଡ଼ଙ୍ଗୀ, ଦୁର୍ଗାମାଧବ ଦାଶ ଓ ବ୍ରାହ୍ମଣ ଯୁବକ ମାନେ ମନ୍ଦିରର ଦୈନନ୍ଦିନ ନୀତି କାନ୍ତି ପରେ ବେଲପତ୍ର ଲାଗି ଆରମ୍ଭ କରିଥିଲେ । ଏଥିନିମନ୍ତେ ଆୟୋଜିତ ଘୃତ ଯଜ୍ଞ କାର୍ଯ୍ୟ କରାଯାଇଥିବା ବେଳେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଶହସ୍ରାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାଯାଇଛି ।

### ୭ ଦିନର ଜୀବନ ଯୁଦ୍ଧରେ ହାରିଗଲେ ଅପୁ

# ଓମଫେଡ ପ୍ଲାଣ୍ଟ ଆଗରେ ପୋଲିସ ଛାଉଣୀ

ବାରଙ୍ଗ (ସବ୍ୟୁ): ଅରିଲୋ ସ୍ଥିତ ଓମଫେଡ କମ୍ପାନୀ ପରିସରରେ ଲିଫଟରୁ ଖସି ପଡି ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଠିକା କର୍ମଚାରୀ ଅପୁ ପଣ୍ଡାଙ୍କର ଗୁରୁବାର ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ବାରଙ୍ଗ ଥାନା ପକ୍ଷରୁ ଓମଫେଡ ପ୍ଲାଣ୍ଟ ସମ୍ମୁଖରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରକାଶ ଯେ, ରତାଗଡ଼ ଗ୍ରାମର ନିରଞ୍ଜନ ପଣ୍ଡାଙ୍କ ସାନ ପୁଅ ଅପୁ ପଣ୍ଡା (୨୮) ଓମଫେଡ କମ୍ପାନୀରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ଗତ ଶୁକ୍ରବାର ଓମଫେଡ ପ୍ଲାଣ୍ଟର ଲିଫଟରେ ଯାଉଥିବା ସମୟରେ ସେ ତଳକୁ ଖସି ପଡିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସହକର୍ମୀମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ସେଠାରେ ୭ ଦିନ ଧରି ଜୀବନ-ମରଣ ସହ ସଂଘର୍ଷ କରିବା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇନଥିଲା ଏବଂ ଶେଷରେ ଗୁରୁବାର ଦିନ ତାଙ୍କର ମୃତ୍ୟୁ ଘଟିଛି ।

# ଟ୍ରାକ୍ଟର ଧକ୍କାରେ ଯୁବକ ଗୁରୁତର

ବାଲେଶ୍ୱର ,(ସବ୍ୟୁ) : ପବିତ୍ର ରକ୍ଷା ବନ୍ଧନ ଅବସରରେ ଜଣେ ଭଉଣୀ ତାଙ୍କ ଭାଇ ହାତରେ ରାଖୀ ବାନ୍ଧିବାକୁ ଅପେକ୍ଷା କରିଥିଲେ । ଭାଇଜଣଙ୍କ ଘରକୁ ଫେରୁଥିବା ବେଳେ ରାସ୍ତାରେ ଖରାପ ହୋଇଥିବା ଏକ ଟ୍ରାକଟର ମରାମତି ସମୟରେ ଅଟୋଷ୍ଟାର୍ଟ ହେବାରୁ ଯୁବକଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା । ଫଳରେ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣଙ୍କ ହେଲେ ଭଦ୍ରକଜିଲ୍ଲା ଚାନ୍ଦବାଲି ଅଂଚଳର ରାଜେଶ ସିଂ(୨୧) । ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛିରାଜେଶ ଦୀର୍ଘଦିନ ଧରି ତାଙ୍କ ମାମୁଁ ଘର ବନ୍ଧସାହିରେ ରହୁଥିବା ବେଳେ ତାଙ୍କ ଭଉଣୀ ରାଖୀ ବାନ୍ଧିବାକୁ ଆସିଥିଲେ । ସକାଳେ ରାଜେଶ ଘରକୁ ଫେରୁଥିବା ବେଳେ ରାସ୍ତାରେ ମରାମତି ହେଉଥିବା ଟ୍ରାକ୍ଟରଟି ତାଙ୍କୁ ଧକ୍କା ଦେଇ ତାଙ୍କ ଉପରେ ଚଢିଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ହାଇଭୋଲଟେଜ ପ୍ରେମ ଡ୍ରାମା ହଜାଇଲା ପୋଲିସର ନିଦ

କେନ୍ଦୁଝର , (ଜିପ୍ର) : କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଞ୍ଚଳରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇଟି ଭିନ୍ନ ଭିନ୍ନ ଗ୍ରାମରେ ପ୍ରେମ ବ୍ୟାପାରକୁ ନେଇ ହାଇଭୋଲଟେଜ ଡ୍ରାମା ଦେଖିବାକୁ ମିଳିଛି । ଗୋଟିଏ ରାତିରେ ଦୁଇଟି ଗାଁରୁ ପୋଲିସ ନିକଟକୁ ଫୋନ କଲ ଆସିବା ପରେ ନନ୍ଦିପଦା ପୋଲିସ ରାତିସାରା ଦୌଡ଼ି ଦୌଡ଼ି ନାକେଦମ ହୋଇଛି ।

ପ୍ରଥମ ଘଟଣା ଅନୁଯାୟୀ, ଗୋଟିଏ ଗ୍ରାମର ଜଣେ ଯୁବକ ନିଜ ସମ୍ପର୍କୀୟ ଓ ପୋଲିସକୁ ଫୋନ କରି କହିଥିଲେ ଯେ, ସେ ଜଣେ ଯୁବତୀଙ୍କୁ ପ୍ରେମ କରୁଛନ୍ତି ଏବଂ ତାଙ୍କୁ ନପାଇଲେ ଜୀବନ ହାରିଦେବେ । ଖବର ପାଇ ପୋଲିସ ମଧ୍ୟରାତ୍ରିରେ ଯୁବକଙ୍କ ଗାଁରେ ପହଞ୍ଚିବା ପରେ ଜାଣିବାକୁ ପାଇଥିଲା ଯେ, ଯୁବକ ଜଣକ ଯାହାଙ୍କୁ ପ୍ରେମ କରୁଛନ୍ତି ସେ ଜଣେ ନାବାଳିକା । ଫଳରେ ପୋଲିସ ଦୀର୍ଘ ଘଣ୍ଟା ଧରି ଯୁବକଙ୍କୁ ବୁଝାସୁଝା କରି ଶାନ୍ତ କରିବା ସହ ତାଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲା ।ସେହିପରି ଦ୍ୱିତୀୟ ଘଟଣାରେ, ଅନ୍ୟ ଏକ ଗାଁରୁ ପୋଲିସକୁ ଫୋନ କଲ ଆସିଥିଲା । ସ୍ଥାନୀୟ ଲୋକେ ପରକୀୟା ପ୍ରୀତି ସନ୍ଦେହରେ ଜଣେ ପ୍ରାପ୍ତବୟସ୍କ ମହିଳା ଓ ପୁରୁଷଙ୍କୁ ଘର ଭିତରେ ରଖି ବାହାରୁ ତାଲା ପକାଇ ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲି ଦୁହିଁଙ୍କୁ ଉଦ୍ଧାର କରିଥିଲା । ପଚରାଉଚରା ବେଳେ ଉଭୟ କହିଥିଲେ ଯେ, ଆମ ମଧ୍ୟରେ କିଛି ନାହିଁ, ଆମକୁ ମିଛରେ ବଦନାମ କରାଯାଉଛି । ଆମର କାହା ପ୍ରତି କୌଣସି ଅଭିଯୋଗ ନାହିଁ । ପୋଲିସ ଗ୍ରାମବାସୀଙ୍କୁ ବୁଝାଇବା ପରେ ସେଠାରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।ନନ୍ଦିପଦା ପୋଲିସର ତତ୍କାଳ କାର୍ଯ୍ୟାନୁଷ୍ଠାନ ଓ ଧୈର୍ଯ୍ୟ ଯୋଗୁ ଦୁଇଟି ବଡ଼ ଅଘଟଣ ଟଳିଯାଇଛି । ଏନେଇ ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି ଯେ, ଲୋକଙ୍କ ଧନଜୀବନ ସୁରକ୍ଷା କରିବା ପୋଲିସର କର୍ତ୍ତବ୍ୟ । ରାତିସାରା ସମ୍ପୃକ୍ତ ଦୁଇଟି ଯାକ ଘଟଣାରେ ପୋଲିସ ହସ୍ତକ୍ଷେପ ପରେ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି ।

# ଦେଢ଼ ଲକ୍ଷ ଟଙ୍କାର ଗୁଆ ଚୋରି

ବାଲିଅନ୍ତା,(ସବ୍ୟୁ)::ବାଲକାଟି ଫାଣ୍ଡି ଅଧିନ ପୁରୁଣା ଜଗନ୍ନାଥ ସ ରାସ୍ତାପାର୍ଶ୍ୱରେ ଥିବା ଗୋଦାମରୁ କେହି ଦୁର୍ବୃତ୍ତ ଗୁଆଚୋରି କରିଥିବା ଅଭିଯୋଗ ହୋଇଛି । ଚୋରି ହୋଇଥିବା ଗୁଆର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବବୋଲି ଅନୁମାନ କରାଯାଉଛି । ଖବରନେବାରେ ଜଣାପଡିଛି ଏହି ଫାଣ୍ଡି ଅଣିଘର ସାହିର କପିଳ ମହାରଣାଙ୍କ ପୁରୁଣାଜଗନ୍ନାଥ ସ ଏକ ଗୋଦାମ ରହିଛି । ଯେଉଁଥିରେ ସେ ଗୁଆ ରଖି ବ୍ୟବସାୟକରନ୍ତି । ପ୍ରତିଦିନ ଭଳି ସେ କାଲି ରାତିରେ ଗୋଦାମରେ କାମ ସାରି ଘରକୁ ଯାଇଥିଲେ ।ଗୁରୁବାର ସକାଳେ ଗୋଦାମକୁ ଆସିବା କ୍ଷଣି ଗୋଦାମର ମୁଖ୍ୟ ଫାଟକ ତାଲା ଭାଙ୍ଗିଥିବା ଦେଖିବାକୁ ପାଇଲେ । ସନ୍ଦେହ ହେବାରୁ ସେ ଗୋଦାମ ଭିତରକୁ ଯାଇ ଖୋଜାଖୋଜି କରିଥିଲେ । ଖୋଜାଖୋଜି କରିବା ସମୟରେ ୪ ରୁ ୫ ବସ୍ତା ଚୋରି ହୋଇଥିବା ଜାଣିବାକୁ ପାଇଲେ । ପରେ ଶ୍ରୀଯୁକ୍ତ ମହାରଣା ଫାଣ୍ଡିରେ ଅଭିଯୋଗ କରିଥିଲେ ।ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ।

# ମନ୍ଦିରରୁ ଚୋରି ଘଟଣାର ପର୍ଦ୍ଦାଫାସ : ୬ ଗିରଫ



ଗୋପ,(ସବ୍ୟୁ): ଗୋପ ଓ ଚନ୍ଦ୍ରଭାଗା ମେରାଇନ ଥାନା ଅଂଚଳରୁ ସପ୍ତାହ ମଧ୍ୟରେ ଦୁଇଟି ମନ୍ଦିରରୁ ଲଗାତାର ଚୋରି ଘଟଣାରେ ପୁରୀ ଜିଲ୍ଲା ପୋଲିସ ବ ସଫଳତାହାସଲ କରିଛି ।୬ ସନ୍ଦିU ଯୁବକଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିବା ସହିତ ତାଙ୍କ ନିକଟରୁ ମନ୍ଦିରର ପିତଳ ବାସନ କୁସନ ସହିତ ନଗଦ ଟଙ୍କା, ତିନୋଟି ମୋବାଇଲ, ଏକ ନମ୍ବର ବିହୀନ ହିରୋ ଗ୍ଲାମର ବାଇକ ଜବତ କରିଛି । ଏନେଇ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ ଗୋପ ଥାନାରେ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ଗତ ୧୯ ତାରିଖରେ ଗୋପ ଥାନା ଅନ୍ତର୍ଗତ ବଡତର ଗ୍ରାମର ଗ୍ରାମଦେବତୀ ତଥା ରାଜ୍ୟ ପନିତ୍ୱତ ବିଭାଗ ଅଧୀନରେ ଥିବା ମା ତାରଦେବୀ ମନ୍ଦିରରୁ ମାଆ ଅଳଙ୍କାର ସମେତ ପିତଳ ବାସନ କୁସନ ସମେତ ଘଣ୍ଟ ଓ ଘଣ୍ଟା ଲୁଟି ନେଇଥିଲେ ।ସେହିଭଳି ଚଳିତ ମାସ ୨୨ ତାରିଖରେ ବିଳମ୍ବିତ ରାତିରେ ଚନ୍ଦ୍ରଭାଗା ମେରାଇନ ଥାନା ଅନ୍ତର୍ଗତ ସୁତନ ଗ୍ରାମର ଆରାଧ ଠାକୁରାଣୀ ମା ସିଧେଶ୍ୱରୀ ମନ୍ଦିରରୁ ଦୃବୃତ ମନେ ମାଆ ସୁନା ଅଳଙ୍କାର ସମେତ ପିତଳ ବାସନ କୁସନ ସମେତ ଘଣ୍ଟ ଓ ଘଣ୍ଟା ଲୁଟି ନେଇଥିଲେ ।ତେବେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଙ୍କ ନିର୍ଦ୍ଦେଶରେ ଗୋପ ଥାନା ଇନ୍‌ସିପେକଫର ଦୁର୍ଗାଚରଣ ମହାପାତ୍ର,କୋଣାର୍କ ଥାନା ଇନ୍‌ସିପେକଫର ପ୍ରଶାନ୍ତ କୁମାର ପଢ଼ିହାରି ଓ ମେରାଇନ ଥାନା ଇନ୍‌ସିପେକଫର ସରସ୍ୱତୀ ସାହୁଙ୍କୁ ନେଇ ସ୍ୱତନ୍ତ୍ର ଟିମ ଗଠନ ହେବା ସହିତ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ଏକ ସ୍କାଡ଼ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଜିଥିଲା ।ପ୍ରଥମେ ଗୋପ ଥାନା ବନ୍ତଲିଗାଁ ର ଗୁନବେହେରାଙ୍କ ପୁଅ ହରିହର ବେହେରାଙ୍କୁ ଗିରଫ କରିଥିବା ବେଳେ ମେରାଇନ ଥାନା ଅନ୍ତର୍ଗତ ସୁତନ ଗ୍ରାମର ବାବୁଲି ସାହୁଙ୍କ ପୁଅ ଗଣେଶ ସାହୁ,ଜଗନ ରାଉତ,ସାନିଆ ବେହେରା ଓ ପୁରୀ ସଦର ଥାନା ଅନ୍ତର୍ଗତ ଛାଇତନା, ପ୍ରକାଶ ପ୍ରଧାନ, ତରକର ର ଦୀପକ ସାହୁଙ୍କୁ ଗିରଫ କରି ଖୋଳତାଡ଼ କରିବା ପରେ ଚୋରି ଘଟଣା ପଦାକୁ ଆସିଥିଲା ।ତେବେ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଚୋରି ଡକାୟତି ଭଳି ସଙ୍ଗିନ ମାମଲା ଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି ।ତେବେ ସମସ୍ତ ଅଭିଯୁକ୍ତ ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଛି ।

# ଟ୍ରକ୍ ଚାପାରେ ଜଣେ ମୃତ : ରାସ୍ତାରୋକ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ବଜାର ଗୋପୀନାଥପୁର ଛକ ଠାରେ ଗୁରୁବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ମାଛ ବୋଝେଇ ଆଇଚର ଟ୍ରକ ଚାପାରେ ଜଣେ ସ୍କୁଟି ଆରୋହୀଙ୍କ ଘଟଣା ସ୍ଥଳେ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ବାଣପୁର ଥାନା ସାନ ହନ୍ତୁଆଡ ଗ୍ରାମର ବାସୁଦେବ ପତି (୩୫) । ଆହତ ବ୍ୟକ୍ତି ହେଲେ ନିକଟସ୍ଥ ମାଟିଆ ପୋଖରୀ ଗ୍ରାମର ରାକେଶ ସାହୁ । ତେବେ ଦୁର୍ଘଟଣା ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଗ୍ରାମବାସୀ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିବା ଫଳରେ ଦୀର୍ଘ ୧୦ ଘଣ୍ଟା ଧରି ଯାନବାହାନ ଚଳାଚଳ ସମ୍ପୂର୍ଣ ଠପ ହୋଇପଡ଼ିଥିଲ । ଗୁରୁବାର ସକାଳ ପ୍ରାୟ ୯ ଘଟିକା ସମୟରେ ସାନ ହନ୍ତୁଆଡ ଗ୍ରାମର ଦୁଇ ବନ୍ଧୁ ବାସୁଦେବ ଏବଂ ରାକେଶ ଏକ ସ୍କୁଟି ଯୋଗେ କୌଣସି କାର୍ଯ୍ୟରେ ବାଲୁଗାଁ ଆସୁଥିଲେ । ଏହି ସମୟରେ ଆନ୍ଧ୍ରରୁ ମାଛ ବୋଝେଇ ଏକ ଆଇଚର ଟ୍ରକ ନଂ ଓଡି ୦୭ ବିଏ ୪୯୦୧ ବାଲୁଗାଁ ଆସୁଥିବା ବେଳେ ଗୋପୀନାଥ ପୁର ଛକ ଠାରେ ଟ୍ରକଟି ଦ୍ରୂତ ଗତିରେ ଭାରସାମ୍ୟ ହରାଇ ସ୍କୁଟି ପଛକୁ ଧMI ଦେଇଥିଲା । ଫଳରେ ଉଭୟ ସ୍କୁଟିରୁ ଛିଟିକି ରାସ୍ତାରେ ପଡିଯିବାରେ ଟ୍ରକ ଚାପାରେ ବାସୁଦେବଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ପଛରେ ବସିଥିବା ରାକେଶ ସୌଭାଗ୍ୟ ବଶତଃ ବର୍ତ୍ତିଯାଇ ଆହତ ହୋଇଥିଲେ । ଖବର ପାଇ ପରିବାର ଓ ଗ୍ରାମବାସୀ ପହଞ୍ଚିବା ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳର ବାଲୁଗାଁରୁ ବାଣପୁର ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇପଡ଼ିଥିଲା । ଟ୍ରକ ମାଲିକ ଆସି ପହଞ୍ଚିବା ପରେ ବାଲୁଗାଁ ଥାନାରେ କ୍ଷତି ପୂରଣ ପ୍ରସଙ୍ଗ ନେଇ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା । କ୍ଷତି ପୂରଣ ଦିଆଯିବ ବୋଲି ପ୍ରତିଶୃତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

## ୨୯ରେ...

ତୁଳନାରେ ଅତ୍ୟଧିକ, ୧୮ ଜିଲ୍ଲାରେ ଅଧିକ ଓ ଅବଶିଷ୍ଟ ୮ ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଆସନ୍ତାକାଲି କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲା ସ୍ଥାନେ ଦୁଇ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ,ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ଲାଗି ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

୨୯ ତାରିଖରେ ଲଘୁଚାପ ସୃଷ୍ଟି ହେବା ପରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ୨୯ ରେ ବାଲେଶ୍ୱର, ସମ୍ବଲପୁର, ଦେବଗଡ, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଭଦ୍ରବ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଏହିସବୁ ଜିଲ୍ଲାଗୁଡିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବର୍ଷା ହେବା ଲାଗି ସତର୍କ ସୂଚନା ଦିଆଯାଇଛି ।

# ସିଆରସିସିଙ୍କ ପ୍ରେମକୁ ନେଇ ତୁମୁଳ ଚର୍ଚ୍ଚା

ଫୁଲନଖରା (ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକର ଜଣେ ସିଆରସିସିଙ୍କ ବ୍ୟକ୍ତିଗତ ସମ୍ପର୍କକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ତୀବ୍ର ହୋଇଛି । ଜଣେ ଛାତ୍ରୀଙ୍କୁ ଦୀର୍ଘଦିନ ଧରି ଟିଉସନ କରାଇବା ପରେ ସମ୍ପର୍କ ଗଢ଼ିଉଠିଥିବା ଏବଂ ପରେ ଉଭୟଙ୍କ ବିବାହ ହୋଇଥିବା ନେଇ ଆଲୋଚନା ହେଉଛି । ସୂଚନା ଅନୁସାରେ, ସମ୍ପୃକ୍ତ ସିଆରସିସିଙ୍କ ବୟସ ପ୍ରାୟ ୫୫ ବର୍ଷ ହୋଇଥିବାବେଳେ ଛାତ୍ରୀଙ୍କ ବୟସ ପ୍ରାୟ ୨୫ ବର୍ଷ । ଉଭୟଙ୍କ ବିବାହ ସମ୍ପର୍କିତ ଫଟୋ ମୋବାଇଲ୍‌ରେ ଘୁରିବା ପରେ ଘଟଣାଟି ଚର୍ଚ୍ଚାକୁ ଆସିଥିବା କୁହାଯାଉଛି । ଏହା ସହିତ ସିଆରସିସି ପୂର୍ବରୁ ବିବାହିତ ଓ ତାଙ୍କର ସନ୍ତାନ ଥିବା ନେଇ ମଧ୍ୟ ସୂଚନା ରହିଛି । ଘଟଣାକୁ ନେଇ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିବା ଏବଂ ପୂର୍ବପନିୀ ମାନସିକ ଚାପରେ ଥିବା ନେଇ ଅଭିଯୋଗ ଉଠିଛି । ନିକଟରେ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଚର୍ଚ୍ଚା ରହିଛି । ତେବେ ଏହି ଘଟଣାର ସ୍ୱତନ୍ତ୍ର ଓ ଅଧିକୃତ ପୁଷ୍ଟି ମିଳିନାହିଁ । ଏହି ବ୍ୟକ୍ତିଗତ ବିବାଦର ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଥିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । କେତେକ ଅଭିଭାବକ ନିଜ ପିଲାଙ୍କୁ ସମ୍ପୃକ୍ତ ଶିକ୍ଷକଙ୍କ ନିକଟକୁ ଟିଉସନ ପାଇଁ ପଠାଉନଥିବାରୁ ଟିଉସନ ବନ୍ଦ ହୋଇଥିବା ନେଇ ଚର୍ଚ୍ଚା ରହିଛି । ବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଥିବା ଦାବି ହେଉଛି, ଯଦିଓ ଏହାର କାରଣ ସମ୍ପର୍କରେ କୌଣସି ଅଧିକୃତ ତଥ୍ୟ ମିଳିନାହିଁ । ଶିକ୍ଷକଙ୍କ ଦାୟିତ୍ୱ କେବଳ ପାଠ ପଢ଼ାଇବାରେ ସୀମିତ ନୁହେଁ ତାଙ୍କ ଆଚରଣ ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଦର୍ଶ । ଗୁରୁ-ଶିଷ୍ୟ ସମ୍ପର୍କର ପବିତ୍ରତା ଉପରେ ଯଦି କୌଣସି ଘଟଣା ପ୍ରଶ୍ନ ଉଠାଏ, ତେବେ ତାହାର ନିରପେକ୍ଷ ତଦନ୍ତ ଜରୁରୀ । ଶିକ୍ଷକତା ଭଳି ସମ୍ମାନଜନକ ଦାୟିତ୍ୱରେ ଥାଇ ବ୍ୟକ୍ତିଗତ ଆଚରଣ ଯେପରି ଭାବେ ବିଦ୍ୟାଳୟର ପରିବେଶକୁ ପ୍ରଭାବିତ ନକରେ, ସେଥିପ୍ରତି ପ୍ରତ୍ୟେକ ଶିକ୍ଷକଙ୍କ ସଚେତନ ରହିବା ଆବଶ୍ୟକ । ଏବେ ଶିକ୍ଷା ବିଭାଗ ଏହି ଘଟଣାକୁ କେତେ ଗୁରୁତ୍ୱର ସହ ନେଉଛି ଏବଂ ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଚର୍ଚ୍ଚା ଓ ଗୁଜବର ଆଢୁଆଳରେ ଲୁଚିଥିବା ସତ୍ୟ କ'ଣ, ତାହା ତଦନ୍ତ ପରେ ହିଁ ପଦାକୁ ଆସିବ । ତେଣୁ ଘଟଣାର ନିରପେକ୍ଷ ତଦନ୍ତକୁ ଅପେକ୍ଷା କରିଛନ୍ତି ସାଧାରଣ ଲୋକେ ।

# ପାଳିତ ହେଲା ରାଖୀ ପୂର୍ଣ୍ଣିମା

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳ ସମେତ ସମଗ୍ର ବ୍ଲକ ଅଞ୍ଚଳରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ପର୍ବ ପାଳିତ ହୋଇଥିବା ଜଣାଯାଇଛି । ହି ଅବସରରେ ପୂର୍ବାହ୍ନରେ ଭଉଣୀ ମାନେ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇ ରକ୍ଷା ବନ୍ଧନ କାର୍ଯ୍ୟ କରିଥିବା ବେଳେ ଘରେ ଘରେ ପିଠାପଣା ପ୍ରସ୍ତୁତି କରି ସାହି ପଡ଼ିଶାରେ ବାଣ୍ଟି ଥିବା ଦେଖାଯାଇଥିଲା । ଶ୍ରୀ ଜଗନ୍ନାଥ ମନ୍ଦିରରେ ଏହି ଅବସରରେ ପବିତ୍ର ବଳଭଦ୍ର ଜନ୍ମ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । ସେହିପରି ସହରାଞ୍ଚଳର ୧୦ ନମ୍ବର ଓ୍ୱାର୍ଡ ବ୍ରାହ୍ମଣସାହିସ୍ଥିତ ବ୍ରହ୍ମାକୁମାରୀ ପାଠଶାଳା ପରିସରରେ ରକ୍ଷା ବନ୍ଧନ ମହୋତ୍ସବ ପାଳିତ ହୋଇଥିଲା । ପାଠଶାଳାର ପରିଚାଳିକା ଶୈଳବାଳାଙ୍କପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରହ୍ମାକୁମାର ଗୋପବନ୍ଧୁ ଭାଇ, ପ୍ରଶାନ୍ତ ଭାଇ, ଖଣ୍ଡପଡ଼ା ସବ ଜେଲ ର ସୁପରିଣ୍ଟେଣ୍ଡେଣ୍ଟ ରଶ୍ମି ରେଖା ଭଉଣୀ, ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ବିନାୟକ ମିଶ୍ର, ସଂପାଦକ ଭବାନୀ ଶଙ୍କର ସିଂହ ସାମନ୍ତ, ଶିକ୍ଷାବିତ ଆର୍ତ୍ତବନ୍ଧୁ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ବ୍ରହ୍ମାକୁମାରୀ ଭଉଣୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ରାକ୍ଷୀ ବାନ୍ଧି ମିଠା ଖୁଆଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ଜଣାଯାଇଛି ।

**AFFIDAVIT**

By virtue of an affidavit sworn before the Executive Magistrate, Khordha, dated 24.08.2026 I Ramesh Chandra Biswal, S/o- Abhimanyu Biswal of village- Dingar, Po- Dingar, PS- Begunia, Dist- Khordha, Pin-752062, Odisha declare that I have changed the name of my son from Bigyan Biswal (Date of Birth 15.08.2012) to Swadhin Kumar Biswal. Henceforth, he shall be known as Swadhin Kumar Biswal for all purposes.

Sd/- Ramesh Chandra Biswal

**AFFIDAVIT**

By virtue of an affidavit sworn before Executive Magistrate Jatni dated.18.08.2026. I, Thumapala Rajeswara Rao, Address At-Retanga Colony, Po- Jatni, Ps-Jatni, Dist- Khorda, Odisha, Pin-752050 declare that I have changed the name of my Son from T.Naveen Sai to Thumapala Naveen sai. Henceforth, He shall be known as **Thumapala Naveen Sai** for all purposes.

Thumapala Rajeswara Rao

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୬, ମୟୂରଭଞ୍ଜ- ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେ଼ଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଓ ବିଜ୍ଞାନଗାର ଉଦ୍‌ଘାଟିତ

ଜଟଣୀ, (ସବ୍ୟୁ) : ଜଟଣୀସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଫାର୍ମାସୀ ଆଣ୍ଡ ଲାଇଫ ସାଇନସ୍ସ ଓ ଫାର୍ମାସୀ କାଉନସିଲ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀର ମିଳିତ ଆନୁକୁଲ୍ୟରେ ଜାତୀୟ ଶିକ୍ଷା ନୀତି ( ନ୍ୟାସନାଲ ଏଡୁକେସନ ପଲିସି-୨୦୨୦ )ଅନୁଯାୟୀ ବି. ଫାର୍ମ ପାଠ୍ୟକ୍ରମର ୨୦୨୬ ର ପ୍ରଭାବଶାଳୀ କାର୍ଯ୍ୟକାରୀକରଣ ଶୀର୍ଷକରେ ଏକ ଦିବସୀୟ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ର ସୀକୃତି ପ୍ରାପ୍ତ ପରିଷଦ ପରୀକ୍ଷଣ ଓ ମାପ ନିରୂପଣ ପ୍ରୟୋଗଶାଳା ଦ୍ୱାରା ଅନୁମୋଦିତ ଆଡଭାନ୍ସଡ ଫାର୍ମାସୁଟିକାଲ୍ ଆନାଲିଶିସ ଲାବୋରେଟୋରିର ଉଦଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଫାର୍ମାସୀ କାଉନସିଲ ଅଫ ଇଣ୍ଡିଆ, ନୂଆଦିଲ୍ଲୀର ଉପସଭାପତି ଜସୁଭାଇ ହୀରାଭାଇ ଚୌଧୁରୀ ଯୋଗଦେଇ ନୂତନ ବି. ଫାର୍ମ ପାଠ୍ୟକ୍ରମ ସମ୍ପର୍କରେ ଅଧ୍ୟାପକ ମାନଙ୍କୁ ସମ୍ବୋଧିତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକଙ୍କ




ଉପସ୍ଥିତି ସହ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ବୁଦ୍ଧିଜୀବୀ ଫାର୍ମାସୀ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଫାର୍ମାସୀ କାଉନସିଲ ଅଫ ଇଣ୍ଡିଆର ଆଇନ କମିଟିର ଅଧ୍ୟକ୍ଷ ପ୍ରଫେସର କୁମାର ଅଜୟ ଓ ବିଶେଷଜ୍ଞ ଭାବେ ପି .ସି.ଆଇ କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରଫେସର ସଲେମୁଲା ଖାନ, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଏଜୁକେସନର ପ୍ରଫେସର ରମାକାନ୍ତ ମହାଲିକ ଓ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ଅଧ୍ୟାପିକା ପ୍ରଫେସର ସୁଜାତା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ବର୍ତ୍ତମାନ ପରିପ୍ରେକ୍ଷୀରେ ନୂତନ ବି.ଫାର୍ମ ପାଠ୍ୟକ୍ରମର ପ୍ରଣୟନ ଓ ଜାତୀୟ ଶିକ୍ଷା ନୀତି,ଆଧୁନିକ ଶିକ୍ଷା ପଦ୍ଧତି , ମୂଲ୍ୟାଙ୍କନ ପ୍ରକ୍ରିୟା ସମ୍ପର୍କରେ ଉପଯୁକ୍ତ ଦିଗଦର୍ଶନ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ଉପସ୍ଥିତିରେ ଏନ. ଏ. ବି. ଏଲ. ବିଜ୍ଞାନଗାରକୁ ଉଦଘାଟନ କରିବା ସହ ଏଠାରେ ଥିବା ଆଧୁନିକ ଉପକରଣ ଓ ଗବେଷଣାତ୍ମକ ସୁବିଧା ସୁଯୋଗ ଏବଂ ଗୁଣାତ୍ମକ ପରୀକ୍ଷଣ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଗୁରୁଦତ୍ତ ପଟ୍ଟନାୟକ ବାର୍ତ୍ତା ବାଣ୍ଟି ଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି ବୃନ୍ଦଙ୍କୁ ଉତ୍ତରୀୟ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭାଗୀୟ ଉପମୁଖ୍ୟ ଡ. ହିମାଂଶୁ ଭୂଷଣ ସାମଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗୋସେବା ଶିବିରରେ ଚତୁର୍ଥ ବାର୍ଷିକ ଉତ୍ସବ

ଜଟଣୀ, (ସବ୍ୟୁ) : ଭାରତୀୟ ତୈଳନିଗମ ରାସ୍ତା କଡରେ ଥିବା ଗୋସେବା ଶିବିରର ଚତୁର୍ଥ ବାର୍ଷିକ ଉତ୍ସବ ତଥା ବଳଭଦ୍ର ଜନ୍ମ ଅବସରରେ ଶିବିରରେ ଏହାର ପ୍ରତିଷ୍ଠାତା ଗୋ ସେବକ ସତ୍ୟବ୍ରତ ମିଶ୍ରଙ୍କ ସଂଯୋଜନାରେ ଗ୍ରହ୍ମା ଉତ୍ସବ ପାଳନ ହୋଇଯାଇଛି । ପ୍ରାତଃ ସମୟରେ ଗୋମାତା ଓ ବୃଷଭ ମାନଙ୍କୁ ଗାଧୁଆ ପାଧୁଆ କରିସାରିବା ପରେ ଟଟକା ଘାସ, ପନିପରିବା, କୁଣ୍ଡା ଚୋକଡ଼ ଆଦି ଦାନା ଖାଦ୍ୟ ରୂପେ ଦିଆଯାଇଥିଲା । ତତପରେ ବିଧିବିଧାନ ପୂର୍ବକ ହୋମ ସରିବା ପରେ ସେମାନଙ୍କ ସିଂଘରେ ରାଖୀ ବନ୍ଧା ଯାଇଥିଲା, ଏଥି ସହିତ ଗୋମାତାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ବହୁ ଗୋ ସେବକ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ସାମାଜିକ କର୍ମୀ ମାନେ ଉପସ୍ଥିତ ରହି ନିଜକୁ ଧନ୍ୟ ମନେ କରିଥିଲେ।

# ଘିଚାମୁରାରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ




ଘିଚାମୁରା ଗ୍ରାମ ପଞ୍ଚାୟତରେ ଏକ ମଲଟି-ସ୍ପେଶିଆଲଟି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା ।ଏହା ମାଧ୍ୟମରେ ସ୍ଥାନୀୟ ଲୋକମାନେ ଗୁଣାତ୍ମକ ଓ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପାଇବାର ସୁଯୋଗ ପାଇଥିଲେ । ଶିବିରରେ ଅସ୍ଥିଶଲ୍ୟ, ଶିଶୁ ରୋଗ ଏବଂ ସାଧାରଣ ଚିକିତ୍ସା ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଲୋକଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ନିଶୁ଼ ଚିକିତ୍ସା ପରାମର୍ଶ ସହିତ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ଏବଂ ରକ୍ତଚାପ, ହିମୋଗ୍ଲୋବିନ ଓ ରକ୍ତ ଶର୍କରା ପରୀକ୍ଷା ମଧ୍ୟ ମାଗଣାରେ କରାଯାଇଥିଲା । ମୋଟ ୨୬୭ ଜଣ ହିତାଧିକାରୀ ଏହି ସ୍ୱାସ୍ଥ୍ୟ ଶିବିରର ସୁବିଧା ନେଇଥିଲେ । ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ବିଶେଷଜ୍ଞ ଚିକିତ୍ସା ପାଇଁ ପ୍ରାୟ ୪୦ରୁ ୫୦ କିଲୋମିଟର ଯାତ୍ରା କରିବାକୁ ପଡୁଥିବାରୁ, ଏହି ଶିବିର ସେମାନଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥିଲା । କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ, ପଶ୍ଚିମ ଓଡ଼ିଶାର ମୁଖ୍ୟ ବିଶାଳ ରାଜ, ଘିଚାମୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ରାଜୀବ କିଶାନ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ପହଞ୍ଚ ବୃଦ୍ଧି ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରୋତ୍ସାହନ ଦେବା ଦିଗରେ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଏବଂ ଦ ହାନ୍ସ ଫାଉଣ୍ଡେସନର ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ।

# ନୋଭା ୨ ସିରିଜ୍‌ର ନୂତନ ସ୍ମାର୍ଟଫୋନ ନୋଭା ୨ ପାୱାର

ଭୁବନେଶ୍ୱର (ସବ୍ୟୁ): ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ମାଧ୍ୟମରେ ଏହାର ନୋଭା ୨ ସିରିଜରେ ନୂତନ ସ୍ମାର୍ଟଫୋନ ନୋଭା ୨ ପାୱାର୍‌ର ଘୋଷଣା କରାଯାଇଛି । ପ୍ରୋଜେକ୍ଟ ଓପନ ରିଭ୍ୟୁ ୨.୦ ଏହାର ବଜାର ଡେବ୍ୟୁ ପୂର୍ବରୁ ଡିଭାଇସର ଡିଜାଇନ, କଲର ଓ ଚିପ୍‌ସେଟକୁ ଉନ୍ମୋଚନ କରିଛି । ଏହି କାର୍ଯ୍ୟକ୍ରମ ଉପଭୋକ୍ତାଙ୍କ ନିକଟରେ ପହଂଚିବା ପୂର୍ବରୁ ନୋଭା ୨ ପାୱାରକୁ ସ୍ୱାଧୀନ ଭାବେ ପରୀକ୍ଷଣ କରିବା ପାଇଁ ସମୀକ୍ଷକ, କ୍ରିଏଟର, ସାମ୍ବାଦିକ, ଟେକ୍ନୋଲୋଜି ଉତ୍ସାହୀ ଓ ଏଥିକାଲ ହ୍ୟାକରମାନଙ୍କୁ ଆମନ୍ତ୍ରଣ କରିଛି । ୭୦୦ରୁ ଅଧିକ ପଞ୍ଜୀକରଣ ହାସଲ କରିଥିବା ପ୍ରୋଜେକ୍ଟ ଓପନ ରିଭ୍ୟୁର ପ୍ରଥମ ସଂସ୍କରଣ ଉପରେ ଆଧାରିତ, ଓପନ ରିଭ୍ୟୁ ୨.୦ ପ୍ରଥମ ଥର ପାଇଁ ଏଥିକାଲ ହ୍ୟାକରଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅଂଶଗ୍ରହଣକୁ ବିସ୍ତାର କରିଛି, ଯାହା ଉତ୍ପାଦ ଉପଭୋକ୍ତାଙ୍କ ନିକଟରେ ପହଂଚିବା ପୂର୍ବରୁ ସ୍ୱଚ୍ଛତା ମାଧ୍ୟମରେ ବିଶ୍ୱାସ ସ୍ଥାପନ କରିବା ପାଇଁ ଏଆଇ+ର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ।

ନୋଭା ୨ ପାୱାର ସହିତ ଏଆଇ+ ସ୍ମାର୍ଟଫୋନ ଦୁଇଟି ପରିଭାଷିତ ବିଚାରଧାରାକୁ ନେଇ ନିର୍ମିତ ଏକ ସ୍ମାର୍ଟଫୋନର ଶୁଭାରମ୍ଭ କରିଛି ତାହା ହେଉଛି "ଡିଜାଇନ ଯାହା ପ୍ରେରଣା ଦେଇଥାଏ ଏବଂ ଶକ୍ତି ଯାହା ଦୀର୍ଘସ୍ଥାୟୀ ରହିଥାଏ" ରଙ୍ଗକୁ ଏକ ପୃଷ୍ଠସ୍ତରୀୟ ଯୋଗ ଭାବେ ବ୍ୟବହାର କରିବା ପରିବର୍ତ୍ତେ ଏହାର ଡିଜାଇନ ଲାଙ୍ଗୁଏଜ କଂଟ୍ରାଷ୍ଟିଙ୍ଗ ଟୋନ୍‌କୁ ଏକ ଡୁଆଲ ଫ୍ଲୋୟିଙ୍ଗ ଫିନିଶ୍‌ରେ ଏକତ୍ରିତ କରିଛି, ଯାହା ନୋଭା ୨ ପାୱାରକୁ ଏକ ସ୍ୱତନ୍ତ୍ର ଓ ଚିହ୍ନଟଯୋଗ୍ୟ ପରିଚୟ ପ୍ରଦାନ କରୁଛି । ଏହି ପଦ୍ଧତିକୁ ନିଜର ସ୍ମାର୍ଟଫୋନକୁ କେବଳ ଏକ ଟେକ୍ନୋଲୋଜି ଡିଭାଇସ ପରିବର୍ତ୍ତେ ନିଜ ବ୍ୟକ୍ତିଗତ ଷ୍ଟାଇଲର ଏକ ବିସ୍ତାର ଭାବେ ଦେଖୁଥିବା ଉପଭୋକ୍ତାଙ୍କ ପାଇଁ ଡିଜାଇନ କରାଯାଇଛି । ନୋଭା ୨ ପାୱାର ମିଡିଆଟେକ ଡାଇମେନସିଟି ୭୧୦୦ ଉପରେ ପରିଚାଳିତ ଏବଂ ଏକ ୬ଏନଏମ ପ୍ରୋସେସ ଉପରେ ନିର୍ମିତ ଯାହାକୁ ସ୍ଥାୟୀ କାର୍ଯ୍ୟଦକ୍ଷତା ଓ ଶକ୍ତି ଦକ୍ଷତାର ଏକ ସନ୍ତୁଳନ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଏହି ଲଂଚ ଅବସରରେ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଏବଂ ଏଆଇ+ ସ୍ମାର୍ଟଫୋନର ସିଇଓ ମାଧବ ସେଠ୍ କହିଛନ୍ତି, "ନୋଭା ୨ ପାୱାର ନୋଭା ସିରିଜର ପରବର୍ତ୍ତୀ ବିବର୍ତ୍ତନର ପ୍ରତିନିଧିତ୍ୱ କରୁଛି ଯାହା କାର୍ଯ୍ୟଦକ୍ଷତା ଓ ଏକ ଡିଜାଇନ ପରିଚୟକୁ ଏକାଠି କରିଛି ଯାହା ଏହାର ନିଜସ୍ୱ ଅଟେ ।

## ଜିଓର ୧୦ ବର୍ଷ: ମିସ୍ଡ କଲ୍ ରୁ ଭିଡିଓ କଲ୍ ପର୍ଯ୍ୟନ୍ତ

# ୧ ଜିବି ଡାଟା ମୂଲ୍ୟ ପ୍ରାୟ ୮ ଟଙ୍କା

ଭୁବନେଶ୍ୱର (ସବ୍ୟୁ): ଗୋଟିଏ ସମୟ ଥିଲା ଯେତେବେଳେ ମୋବାଇଲ୍ ଖର୍ଚ୍ଚ ସଞ୍ଚୟ କରିବା ପାଇଁ "ମିସ୍ଡ କଲ୍" ବ୍ୟବହାର କରାଯାଉଥିଲା - ଘରେ ପହଞ୍ଚିବାର ସଙ୍କେତ ଦେବା ପାଇଁ କିମ୍ବା କଥା ହେବାର ଇଚ୍ଛା ଜଣାଇବା ପାଇଁ ଏକ ମିସ୍ଡ କଲ୍। ଏପରିକି ଇଣ୍ଟରନେଟ୍ ବ୍ୟବହାର ଶେଷ ମେଗାବାଇଟ୍ ପର୍ଯ୍ୟନ୍ତ ଟ୍ରାକ୍ କରାଯାଉଥିଲା। ଦଶ ବର୍ଷ ପରେ, ଭିଡିଓ କଲ୍, ଡିଜିଟାଲ୍ ପେମେଣ୍ଟ, ଓଟିଟି ଷ୍ଟ୍ରିମିଂ, ଅନଲାଇନ୍ ଶିକ୍ଷା, ୱାର୍କ ଫ୍ରମ ହୋମ ଏବଂ ସେହି ସମାନ ମୋବାଇଲ୍ ଡିଭାଇସରେ ଅନଲାଇନ୍ ସଫିଂ ଦୈନନ୍ଦିନ ଜୀବନର ଅଂଶ ପାଲଟିଛି। ସେପ୍ଟେମ୍ବର ୫ ରେ ରିଲାଏନ୍ସ ଜିଓ ଲଞ୍ଚ ହେବାର ଦଶ ବର୍ଷ ପୂରଣ ହେଉଛି। ଏହି ଦଶନ୍ଧି ମଧ୍ୟରେ, ଭାରତୀୟ ମୋବାଇଲ୍ ବଜାର ମହଙ୍ଗା, କମ୍ ବ୍ୟବହୃତ ଡାଟାରୁ ସୁଲଭ, ପ୍ରଚୁର ଡାଟାକୁ ପରିବର୍ତ୍ତନ ହୋଇଛି। ଗତି ବହୁଗୁଣିତ ହୋଇଛି, ଏବଂ ପ୍ରତି ଗ୍ରାହକଙ୍କ ମାସିକ ବ୍ୟବହାର ବର୍ତ୍ତମାନ ୨୬ ଗିଗାବାଇଟରୁ ଅଧିକରେ ପହଞ୍ଚିଛି।

ଏହି ଦଶ ବର୍ଷ ମଧ୍ୟରେ, ଡାଟା ଗତି, ମୂଲ୍ୟ ଏବଂ ବ୍ୟବହାରର ଦୃଶ୍ୟପଟ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇଛି। ୨୦୧୬ ରେ, ଭାରତରେ ହାରାହାରି ମୋବାଇଲ୍ ଡାଉନଲୋଡ୍ ଗତି ପ୍ରାୟ ୨.୫ ଏମବିପିଏସ ରହିଥିବା ବେଳେ ଡିସେମ୍ବର ୨୦୨୫ ସୁଦ୍ଧା, ଏହା ୨୭ ଗୁଣରୁ ଅଧିକ ବୃଦ୍ଧି ପାଇ ୬୮ ଏମବିପିଏସ ଅତିକ୍ରମ କରିଛି। ସେହି ସମୟ ମଧ୍ୟରେ, ୧ ଜିବି ଡାଟାର ହାରାହାରି ମୂଲ୍ୟ ୨୨୮ ଟଙ୍କାରୁ ୮ ଟଙ୍କାକୁ ହ୍ରାସ ପାଇଛି - ଯାହା ଡାଟାକୁ ପ୍ରାୟ ୨୯ ଗୁଣ ଶସ୍ତା କରିଛି। ଡାଟା ବ୍ୟବହାର ଉପରେ ପ୍ରଭାବ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୋଇଛି। ଏହି ଦଶ ବର୍ଷରେ ପ୍ରତି ମୋବାଇଲ ଡାଟା ଗ୍ରାହକଙ୍କ ମାସିକ ଡାଟା ବ୍ୟବହାର ୦.୨ ଜିବି ରୁ ୨୬.୭ ଜିବିକୁ ବୃଦ୍ଧି ପାଇଛି - ଯାହା ୧୨୮ ଗୁଣରୁ ଅଧିକ ହୋଇଛି। ଏହି ତଥ୍ୟ ଜିଓର ଆଇପିଓ ପାଇଁ ଡିଆରଏଚପିରେ ସାମିଲ ଥିବା ଆନାଲିସିସ୍ ମେସନ୍ ରିପୋର୍ଟ ର ଭାରତୀୟ ଟେଲିକମ୍ ବଜାରର ଆକଳନ ଉପରେ ଆଧାରିତ।

ଟ୍ରାଇ ପକ୍ଷରୁ ଜାରି ହୋଇଥିବା ସଦ୍ୟତମ ତଥ୍ୟ ସୂଚାଇଛି ଯେ ଡାଟା ପାଇଁ ଏହି ବଢୁଥିବା ଚାହିଦା ଆହୁରି ବୃଦ୍ଧି ପାଇଛି। ମାର୍ଚ୍ଚ ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକରେ, ଦେଶରେ ହାରାହାରି ୱାୟାରଲେସ୍ ଡାଟା ଗ୍ରାହକ ପ୍ରତି ମାସରେ ୨୬.୭ ଜିବି ଡାଟା ବ୍ୟବହାର କରୁଥିଲେ। ପ୍ରତି ଜିବି ୱାୟାରଲେସ୍ ଡାଟାରୁ ପ୍ରାପ୍ତ ହାରାହାରି ରାଜସ୍ୱ ୭.୫୧ ଟଙ୍କାକୁ ହ୍ରାସ ପାଇଛି। ମାର୍ଚ୍ଚ ଶେଷ ସୁଦ୍ଧା, ଭାରତରେ ଇଣ୍ଟରନେଟ୍ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧୦୯.୩ କୋଟି ରହିଥିବା ବେଳେ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୧୦୬.୬ କୋଟି ରହିଥିଲା।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଖେଲୋ ଇଣ୍ଡିଆ ସମ୍ବାଦ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଗୁରୁବାର ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଲାଙ୍କ ସହିତ ଖେଲୋ ଇଣ୍ଡିଆ ସମ୍ବାଦରେ ଭାବ ବିନିମୟ କରିଛନ୍ତି । ଏଥିସହ ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧ୍ୟରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଏଥିପାଇଁ ବଛାଯାଇଥିବାରୁ ବିଦ୍ୟାର୍ଥୀମାନେ ଗୌରବାନ୍ୱିତ ବୋଲି କହିଛନ୍ତି । ଆସନ୍ତା ୨୦୩୬ ମସିହାରେ ଭାରତକୁ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ଆୟୋଜନର ଅଧିକାର ମିଳିଥିବା ବେଳେ ସେଥିପାଇଁ ଆଜିଠାରୁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଏବଂ ପ୍ରତ୍ୟେକ ଖେଳାଳି ନିଜକୁ ସେଥିପାଇଁ ପ୍ରସ୍ତୁତ ରଖିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦେଶର ୧୫ ଶହରୁ ଅଧିକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜୟୀ କୋଚ୍, ଅର୍ଜୁନ ପୁରସ୍କାର ବିଜୟୀ କ୍ରୀଡ଼ାବିତ ଏବଂ ପଦ୍ମ ପୁରସ୍କାର ବିଜୟୀ ବ୍ୟକ୍ତିବିଶେଷ ଯୋଡ଼ି ହୋଇଥିଲେ । ନିକଟ ଅତୀତରେ ନିଶାମୁକ୍ତି ଆନ୍ଦୋଳନରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସକ୍ରିୟ ଭୂମିକା ଯୋଗୁଁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଏହାର ନାମ ନେଇ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିବା ବେଳେ ଚଳିତଥର



ଏଠାକାର ବିଦ୍ୟାର୍ଥୀମାନଙ୍କ ସହ ସମ୍ବାଦ କରିବା ବିଶ୍ୱବିଦ୍ୟାଳୟକୁ ଅନ୍ୟମାନଙ୍କଠାରୁ ଭିନ୍ନ କରି ତୋଳିଛି । ପ୍ରଧାନମନ୍ତ୍ରୀ ମୋଦି "ଖେଲୋ ଭାରତ ନୀତି' କଥା ଉଲ୍ଲେଖ କରିଥିବା ବେଳେ "ଖେଲୋ ଇଣ୍ଡିଆ' ସହ "ଫିଟ୍ ଇଣ୍ଡିଆ' ଦ୍ୱାରା ଦେଶର ଯୁବପିଢ଼ି କିଭଳି ଫିଟ୍ ରହିବା ଉପରେ ଗୁରୁତ୍ୱ ଦେବା ଆରମ୍ଭ କଲେଣି, ସେକଥା ଉଲ୍ଲେଖ କରିଥିଲେ । ଏଥିସହ ୨୯ ଅଗଷ୍ଟ ଜାତୀୟ କ୍ରୀଡ଼ା ଦିବସ ପାଇଁ ଖେଳ ସହ ଜଡ଼ିତ ସମସ୍ତଙ୍କୁ ଅଗ୍ରୀମ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ, କାର୍ଯ୍ୟକ୍ରମ ସଂଯୋଜକ ତଥା ସହକାରୀ ପ୍ରାଧ୍ୟାପକ ଡ. ଅମ୍ବିକା ପ୍ରସାଦ ମିଶ୍ର, ସହକାରୀ ପ୍ରାଧ୍ୟାପକ ଡ. ସନ୍ଦୀପ ରାଉତ, ମିସ୍ ରୁପାଲି ନାୟକ, ସେକ୍ ଜିଶାନ୍ ଅଖତାର୍ ପ୍ରମୁଖଙ୍କ ସହ ଶତାଧିକ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ଭବ୍ୟ ସଫଳତା ପାଇଁ କୁଳାଧ୍ୟକ୍ଷ ଆଦେଶ ଗୋୟଲ, କୁଳପତି ପ୍ରଫେସର ତେଜପ୍ରତାପ ଓ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଓସିଏ ନିର୍ବାଚନକୁ ନେଇ ଶୁଣାଣି ମାମଲାର ଗ୍ରହଣୀୟତାକୁ ଜବାବସୁଆଲ

କଟକ,(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍( ଓସିଏ) ର କର୍ମକର୍ତ୍ତା ନିର୍ବାଚନ ଘଟଣାକୁ ନେଇ ରୁଜୁ ମାମଲାର ଗ୍ରହଣୀୟତାକୁ ନେଇ ଆଜି ଉଭୟ ପକ୍ଷରୁ ଜବାବସୁ ଆଲ ହୋଇଥିଲା। ଏହି ଜବାବସୁ ଆଲ ଆଜି ଶେଷ ହୋଇନପାରିବାରୁ ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବର ପହିଲାକୁ ଧାର୍ଯ୍ୟ ହୋଇଛି। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ସନ୍ ରାଇଜ୍ କ୍ଲବ୍ ପକ୍ଷରୁ ଏହି ମାମଲା ରୁଜୁ ହୋଇଥିଲାବେଳେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥଙ୍କ ଇଜିଲାସରେ ଶୁଣାଣି ଚାଲିଛି। ଓସିଏର ବିଭିନ୍ନ ପଦପଦବି ପାଇଁ ନିର୍ବାଚନ ହେଉନଥିବାରୁ ଆବେଦନକାରୀ ଏହି ମାମଲା ରୁଜୁ କରିଛନ୍ତି। ୨୦୨୫ ସେପ୍ଟେମ୍ବରରେ ଓସିଏର ନିର୍ବାଚନ ହେବା କଥା। କିନ୍ତୁ ଧାର୍ଯ୍ୟ ସମୟରେ ନିର୍ବାଚନ ନହେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଓସିଏ ପକ୍ଷରୁ ଆଇନଜୀବୀ ଜୟଦୀପ ପାଲ୍ ଦର୍ଶାଯାଇଥିଲେ ଯେ, ୨୦୨୫ ସେପ୍ଟେମ୍ବରରେ ହେବାକୁ ଥିବା ନିର୍ବାଚନ ଏକ କ୍ରିକେଟ ଖେଳ ଲାଗି ଘୁଞ୍ଚି ଯାଇଥିଲା। ଏଥିପାଇଁ ସର୍ବସମ୍ମତିକ୍ରମେ ରିଜୋଲିଉସନ୍ ମଧ୍ୟ ହୋଇଥିଲା। ଅପରପକ୍ଷରେ ଓସିଏ ସୋସାଇଟି ଆଇନରେ ପଞ୍ଜୀକୃତ ହୋଇଛି। ତେଣୁ ସୋସାଇଟି ଆଇନ ଅନୁସାରେ ଆବେଦନକାରୀ ସିଭିଲ୍ ସୁଟ୍ କରିବା କଥା। କିନ୍ତୁ ଏଠି ଆବେଦନକାରୀ ସିଭିଲ୍ ସୁଟ୍ ନକରି ସିଧାସଳଖ ହାଇକୋର୍ଟକୁ ଆସିଛନ୍ତି। ତେଣୁ ଆବେଦନକାରୀଙ୍କ ପିଟିସନ୍ ଗ୍ରହଣୀୟ ନୁହେଁ ବୋଲି ଓସିଏ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା। ଆଜି ଏହି ଜବାବସୁଆଲ ଅଧା ରହିଛି।

## ବଜାଜ୍ ଜେନେରାଲର ଇନସ୍ୟୁରାନ୍ସ ପ୍ରୋଶିଲ୍ଡ ଏବଂ ଉନ୍ନତ ଭି-ପେ ୨.୦ ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପରିକଳ୍ପିତ ଏକ ପ୍ୟାକେଜ୍ ହୋଇଥିବା ମୋଟର ଇନସ୍ୟୁରାନ୍ସ ସଲ୍ୟୁସନ ପ୍ରୋଶିଲ୍ଡର ଘୋଷଣା କରିଛି । ଏହା ସହିତ ଆଜିର ସଂଯୁକ୍ତ ଯାନ ଏବଂ ବିକଶିତ ଗତିଶୀଳତା ବିପଦ ପାଇଁ ଏହାର ପରବର୍ତ୍ତୀ ପିଢ଼ିର ମୋଟର ଇନସ୍ୟୁରାନ୍ସ ଅଫରିଙ୍ଗ, ଉନ୍ନତ ଭି-ପେ ୨.୦ ର ମଧ୍ୟ ଉପସ୍ଥାପନା କରାଯାଇଛି । ଆମର ପ୍ରତିରକ୍ଷା କର୍ମଚାରୀଙ୍କ ସେବା ପ୍ରତି ଗଭୀର କୃତଜ୍ଞତା ସହିତ ପ୍ରସ୍ତୁତ ପ୍ରୋଶିଲ୍ଡ ହେଉଛି ଏକ ଉତ୍ସର୍ଗୀକୃତ ସମାଧାନ, ଯାହା ସାମରିକ ଜୀବନର ବିଶେଷ ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ସେମାନଙ୍କ କର୍ମ ସେମାନଙ୍କୁ ଯେଉଁଠାକୁ ନେଇଯାଏ, ସେଠାରେ ସୁରକ୍ଷା, ସୁବିଧା ଏବଂ ନିର୍ଭରଯୋଗ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏହାର ଶୁଭାରମ୍ଭ ଅବସରରେ ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଡ. ତପନ ସିଂଘେଲ କହିଛନ୍ତି, "ପାରମ୍ପରିକ ଭାବରେ ମୋଟର ଇନସ୍ୟୁରାନ୍ସ ମୁଖ୍ୟତଃ ଦୁର୍ଘଟଣା ପରେ ଯାନକୁ ସୁରକ୍ଷା ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିଆସିଛି। ଆଜି ମୋବିଲିଟି ବହୁତ ଅଧିକ ଗତିଶୀଳ ହୋଇଛି. ଯାନଗୁଡ଼ିକ ଦିନକୁ ଦିନ ଅଧିକ ସଂଯୋଜିତ ଏବଂ ପ୍ରଯୁକ୍ତି ଉପରେ ନିର୍ଭରଶୀଳ ହେଉଛନ୍ତି। ବିଭିନ୍ନ ଗ୍ରାହକ ବର୍ଗର ଆବଶ୍ୟକତା ମଧ୍ୟ ଭିନ୍ନ ରହିଛି। ସେମାନଙ୍କର କେବଳ ପାରମ୍ପରିକ ମୋଟର ଇନସ୍ୟୁରାନ୍ସ ନୁହେଁ, ବରଂ ଅଧିକ ଏବଂ ବିଶେଷ ସୁରକ୍ଷାର ଆବଶ୍ୟକତା ରହିଛି। ଏହି ବୁଝାମଣା ଉଭୟ ଏହି ଅଫରିଙ୍ଗକୁ ଆକାର ଦେଇଛି ।

# ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ ଜନନୀ ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୂର୍ଣ୍ଣିମା ଫାଉଣ୍ଡେସନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ କଟକ ମଙ୍ଗରାଜପୁରସ୍ଥିତ ଜନନୀ ସେବା ପ୍ରତିଷ୍ଠାନଠାରେ ରହୁଥିବା ମାନସିକ ବିକାରଗ୍ରସ୍ତ ଅନ୍ତେବାସୀ ମାନଙ୍କ ସହିତ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଂପାଦକ ଇଂଜିନିୟର ଆଲୋକ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର କଟକ ଜିଲ୍ଲା ସଭାପତି ଇଂଜିନିୟର ନରେନ୍ଦ୍ର ନାଥ ଜେନା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନତି ମହାପାତ୍ର, ରମଣୀ ରଞ୍ଜନ ଦାସ, ଶୁଭଲକ୍ଷ୍ମୀ




ନାୟକ,ଅନିଲ କୁମାର ନାୟକ, ଅନମୋଲ୍ ଭୂୟାଁ,ଜନ୍ମେଜୟ ପାତ୍ର, ସେବା ପ୍ରତିଷ୍ଠାନର ପରିଚାଳକ ସଂଯୁକ୍ତା ଭାରତୀୟ, ପ୍ରଦୀପ୍ତ କୁମାର ପରିଡା,ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଅନ୍ତେବାସୀମାନଙ୍କୁ ପାଠ୍ୟ ଉପକରଣ,ବିଭିନ୍ନ ଘରୋଇ ଉପକରଣ ଓ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ସମସ୍ତଙ୍କୁ ରକ୍ଷା ବନ୍ଧନ ଉତ୍ସବର ଶୁଭେଚ୍ଛା ଜଣାଇଥିଲେ ।ଫାଉଣ୍ଡେସନର ଏଭଳି କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ।

# ଡ. ଶଶଧର ଦାସଙ୍କ ଦୁଇଟି ପୁସ୍ତକର ଉନ୍ମୋଚନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ପ୍ରଫେସର ଡ ଶଶଧର ଦାସଙ୍କ ରଚିତ ବିବିଧ ଆଲୋଚନା ଓ ଭିନ୍ନ ପ୍ରସଙ୍ଗ, ଭିନ୍ନ ଅଭିବ୍ୟକ୍ତି ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ ଦେବାଶିଷ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା ସମାରୋହକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ଓ ପ୍ରଫେସର ଡକ୍ଟର କୃଷ୍ଣ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଡ ଶଶଧର ଦାସଙ୍କ ସାହିତ୍ୟ ସାଧନାର ନିରବଚ୍ଛିନ୍ନ ନିଷ୍ଠା ଓ ସାହିତ୍ୟିକ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୁସ୍ତକର ଆଲୋଚନା କରି ଅଧ୍ୟାପକ ପବିତ୍ର ପାଣିଗ୍ରାହୀ କହିଲେ ଯେ ଉଭୟ କବିତା ଓ ସମାଲୋଚନାମୂଳକ ସାହିତ୍ୟ କ୍ଷେତ୍ରରେ ଡ ଦାସଙ୍କର ଯଥେଷ୍ଟ ଅବଦାନ ରହିଛି।

ଅନ୍ୟତମ ଆଲୋଚକ ବିଭାଗ ମୁଖ୍ୟ ପ୍ରଫେସର ଡ ଦେବାଶିଷ ପାତ୍ର କହିଲେ ସମାଲୋଚକ



ଡକ୍ଟର ଶଶଧର ଦାସ ଓଡ଼ିଆ ସାହିତ୍ୟର ବହୁ ଅନାଲୋଚିତ କବି ଓ ଲେଖକମାନଙ୍କ ସମ୍ପର୍କରେ ବିଶେଷ ଆଲୋଚନା କରିଥିବାରୁ ଏହା ଛାତ୍ରଛାତ୍ରୀ,ଗବେଷକ, ଅଧ୍ୟାପକମାନଙ୍କ ପାଇଁ ଏକ ଉପାଦେୟ ପୁସ୍ତକ ହୋଇପାରିବ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉନ୍ମୋଚିତ ପୁସ୍ତକ ସମ୍ପର୍କରେ କହିଲେ ଯେ ପରିଣତ ବୟସରେ ସାହିତ୍ୟ ସାଧନା ହିଁ ତାଙ୍କ ଅବସର ଜୀବନକୁ ଚଳଚଞ୍ଚଳ କରି ରଖିଛି। ଲେଖକ ଡ ଦାସ ନିଜ ପୁସ୍ତକ ଦୁଇଟି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି କହିଲେ ଏ ପୁସ୍ତକ ଦୁଇଟିର ପ୍ରକାଶନ ସଂସ୍ଥାକୁ କୃତଜ୍ଞତା ଜଣାଇଥିଲେ। ବିଭାଗର ସହକାରୀ ପ୍ରଫେସର ଡ ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମାରୋହରେ ଭାଷା ସାହିତ୍ୟ ବିଭାଗର ସମସ୍ତ ଛାତ୍ରଛାତ୍ରୀ,ଗବେଷକ, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

## ୩୦ ବର୍ଷ ପାଇଁ କ୍ୟାପଟିଭ୍ ଭିତ୍ତିରେ ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ପାଇଁ

# ଏଏମ୍/ଏନ୍ଏସ୍ ପାରାଦୀପ ଲଜିଷ୍ଟିକ୍ସକୁ ଆୱାର୍ଡ ଅଫ୍ କନ୍‌ସେସନ୍ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ, ଉପକୂଳବର୍ତ୍ତୀ ଜାହାଜ ଚଳାଚଳକୁ ଇନ୍ଧନ ସଂରକ୍ଷଣକାରୀ, ବ୍ୟୟସାପେକ୍ଷ ଏବଂ ପରିବେଶ ଅନୁକୂଳ ପରିବହନ ପଦ୍ଧତି ଭାବରେ ପ୍ରୋତ୍ସାହିତ କରିବା ନୀତି ସହିତ ସମନ୍ୱୟ ରକ୍ଷା କରି ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ), କ୍ୟାପଟିଭ୍ ଭିତ୍ତିରେ ବାର୍ଷିକ ୧୦ ନିୟୁତ ଟନ କ୍ଷମତାର ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ପାଇଁ ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ନିମନ୍ତେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଏକ ଏସପିଭି, ଏଏମ୍/ଏନ୍ଏସ୍ ପାରାଦୀପ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏପିଏଲପିଏଲ)କୁ ଆନୁଷ୍ଠାନିକ ଭାବରେ ଆୱାର୍ଡ ଅଫ୍ କନସେସନ୍ ପ୍ରଦାନ କରିଛି। ପାରାଦୀପ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ବିଭାଗର ମାନ୍ୟବର କ୍ୟାବିନେଟ୍ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏଏମ୍/ଏନ୍ଏସ୍ ଇଣ୍ଡିଆର କର୍ପୋରେଟ୍ ଆଫେୟାର୍ସ ବିଭାଗ ମୁଖ୍ୟ ଦୀପକ ଅରୋରାଙ୍କୁ ଏହି ଆୱାର୍ଡ ପ୍ରଦାନ କରିଥିଲେ।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁରର ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ୍. ହାରନାଧ, ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧ୍ୟକ୍ଷ ଟି. ଭେନୁ ଗୋପାଳ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସ ମୁଖ୍ୟ ୟୁ.ଏସ୍. ଆର୍. ରାଜୁ, ପାରାଦୀପ ବନ୍ଦରର ବରିଷ୍ଠ ଅଧିକାରୀ ଏବଂ ପାରାଦୀପର ଅନ୍ୟାନ୍ୟ କର୍ପୋରେଟ୍ ନେତୃବୃନ୍ଦ ଉପସ୍ଥିତ ଥିଲେ।

୩୦ ବର୍ଷ ପାଇଁ ପ୍ରଦାନ କରାଯାଇଥିବା ଏହି କନସେସନ୍, ସୁଗମ କାର୍ଗୋ ପରିବହନକୁ ସୁନିଶ୍ଚିତ କରିବା ସହିତ ଏଏମ୍/ଏନ୍ଏସ୍ ଇଣ୍ଡିଆର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବ ଏବଂ ପରିବେଶର ଦୀର୍ଘସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ବ୍ୟବସ୍ଥା ଏପିଏଲପିଏଲ କୁ ଏଏମ୍/ଏନ୍ଏସ୍ ଇଣ୍ଡିଆର ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରୁ ପିପିଏ ର ବର୍ଥ ସହିତ ସିଧାସଳଖ ସଂଯୁକ୍ତ ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ କନଭେୟର ସିଷ୍ଟମ ମାଧ୍ୟମରେ ଲୁହା ପଥର ପେଲେଟ୍ ପରିବହନ ପରିଚାଳନା କରିବାକୁ ସକ୍ଷମ କରିବ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଦ୍ୱାରା ପାରାଦୀପରୁ ହାଜିରାକୁ ଲୁହାପଥର ପେଲେଟର ତଟୀୟ ପରିବହନ ଏକ ପ୍ରତିଷ୍ଠିତ ଓ ପରିବେଶ ଅନୁକୂଳ ପଦ୍ଧତି। ସିକ୍ୟୁ-୩ ବର୍ଥର କ୍ୟାପ୍ଟିଭ୍ ବ୍ୟବହାର ଏଏମ୍/ଏନ୍ଏସ୍ ଇଣ୍ଡିଆର ଦୀର୍ଘକାଳୀନ ଅଭିବୃଦ୍ଧିରେ ସହାୟତା କରିବା ସହିତ କମ୍ପାନୀର ଦୃଢ଼ ଏବଂ ପରିବେଶ ଅନୁକୂଳ ଯୋଗାଣ ଶୃଙ୍ଖଳରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ କାର୍ଯ୍ୟ କରିବ। ଏହି ଆୱାର୍ଡ ଏଏମ୍/ଏନ୍ଏସ୍ ଇଣ୍ଡିଆର ଲଜିଷ୍ଟିକ୍ସ କ୍ଷମତାକୁ ସୁଦୃଢ଼ କରିବା ଏବଂ ବନ୍ଦର କାର୍ଯ୍ୟଧାରାକୁ ଆଧୁନିକୀକରଣ କରିବା ଯାତ୍ରାରେ ଏକ ପ୍ରମୁଖ ସଫଳତା । ଏହା ପାରାଦୀପକୁ ଏକ ବିଶ୍ୱ ସାମୁଦ୍ରିକ ପଥ ରୂପେ ପରିଣତ କରିବା ପାଇଁ ପରିଚାଳନାଗତ ଉତ୍କର୍ଷତା, ନବସୃଜନ ଏବଂ ସହଭାଗୀତା ପ୍ରତି ଏଏମ୍/ଏନ୍ଏସ୍ ଇଣ୍ଡିଆର ର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି ।

# ନେପାଳ ଟ୍ରାଜେଡି: ମିଳୁଛି କୁଢ଼କୁଢ଼ ଶବ

## ମାଟି କାଦୁଅ ଭିତରୁ ଖୋଜା ଚାଲିଛି ଜୀବନ




**କାଠମାଣ୍ଡୁ:** କୋଠା ଉଚ୍ଚର ମାଟି କାଦୁଅ ଭିତରେ ଖୋଜା ଚାଲିଛି ଜୀବନ। ଖୋଜି ଖୋଜି ଉଦ୍ଧାରକାରୀ ଟିମ ନୟାନ୍ତ ହେଉଥିବା ବେଳେ ଧ୍ୱଂସବଶେଷ ତଳକୁ ମିଳୁଛି କୁଢ଼କୁଢ଼ ଶବ। କିଛି ମୃତଦେହର ମୁଣ୍ଡ ନଥିବା ବେଳେ ଆଉ କିଛି ସ୍ଥାନରୁ ମିଳିଛି କେବଳ କଟା ହାତ ଓ ଗୋଡ଼। ଚିତ୍ର ବିଚଳିତ କରୁଥିବା ବେଳେ ହଜାର ହଜାର ଲୋକ ଏବେ ବି ନିଖୋଜ। ନିଜ ପ୍ରିୟଜନଙ୍କୁ ଆଖି ସାମ୍ନାରେ ହରାଇଥିବା ବିପନ୍ନ ବି ବୁଧବାର କଳା ଦିନର କାହାଣୀ କହିବା ଆରମ୍ଭ କରିଛନ୍ତି।ନେପାଳରେ ବୁଧବାର ଆସିଥିବା ଜଳ ପ୍ରଳୟ ଏବେ ପୂରା ବିଶ୍ୱକୁ କେବଳ ସ୍ତବ୍ଧ କରିନାହିଁ, ବରଂ ପ୍ରକୃତିର ତାଣ୍ଡବ ଆଗରେ ମଣିଷ କେତେ ନାଚାର ସେକଥା ଶିଖାଇ ଦେଇଛି। ବୁଧବାର ନେପାଳର ଉତ୍ତର ପ୍ରାନ୍ତରେ ଦେଖିବାକୁ ମିଳିଛି ବିଶ୍ୱ ଇତିହାସର ଅନ୍ୟତମ ବଡ଼ ଜଳ ପ୍ରଳୟ। ନେପାଳ-ତିବ୍ବତ ସୀମାରେ ଆସିଥିବା ଜଳ ପ୍ରଳୟ ପରେ ମିଳିଲାଣି ୨୦୦ରୁ ଅଧିକ ଶବ। ପାଣିର ପ୍ରଖର ସ୍ରୋତରେ ଏକାଧିକ ଜିଲ୍ଲାର ଅନେକ ଗାଁ ଏବେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଭୋଟେ କୋଶୀ ନଦୀରେ ବିନା ସତର୍କ ସୂଚନାରେ ଆସିଥିବା ବନ୍ୟା ନେପାଳର ୩ଟି ଜିଲ୍ଲାରେ ରଚିଛି ତାଣ୍ଡବ। ଯଦିଓ କେଉଁ ପରିସ୍ଥିତିରେ ନେପାଳ ଏତେ ବଡ଼ ଜଳ ପ୍ରଳୟର ସାମ୍ନା କଲା ସେକଥା ଜଣାପଡ଼ିନି, ତଥାପି ଭୋଟେ କୋଶୀର ସହାୟକ ନଦୀ ଲହେଣ୍ଡେର ଜଳ ଗୋଟିଏ ବଡ଼ ବରଫ ଖଣ୍ଡ ପାଇଁ ଅଟକିବା ପରେ ଶେଷରେ ଭୟଙ୍କର ରୂପ ନେଇଥିଲା। ପ୍ରଥମେ ପାଣି ନେପାଳ ସୀମାନ୍ତ ତିମୁରେରେ ମାଡ଼ ହୋଇ ଅନ୍ୟ ସ୍ଥାନକୁ ପ୍ରବାହିତ ହୋଇଥିଲା। ଏହାର କିଛି ମିନିଟ ପରେ ବନ୍ୟା ପାଣି ଘୁଘୁ ଶବ୍ଦ ସହ ସମୁଦ୍ରର ଭ୍ରମ ସୃଷ୍ଟି କରି ତଳିଆ ଅଞ୍ଚଳକୁ ମାଡ଼ି ଯାଉଥିଲେ। ଆଉ ନେପାଳର ରସୁୱା, ନୁୱାକୋଟ ଓ ଧାଡିଙ୍ଗର ଅନେକ ଅଞ୍ଚଳକୁ ଆଖି ପିଛୁଳାକେ ଭସାଇ ନେଇଥିଲା। ଏବେ ବନ୍ୟା ଜଳ ଛାଡ଼ି ଯାଇଥିଲେ ହେଁ ନୁୱାକୋଟରେ ଥିବା ଘର, ରାସ୍ତା, ବ୍ରିଜ୍ ଓ ବଜାର ଗୁଡ଼ିକ ଏବେ ମାଟି କାଦୁଅ ଭିତରେ ପୋତି ହୋଇଯାଇଛି। ସେଠାରେ ପୂର୍ବରୁ ଲୋକମାନେ ଚଳାଚଳ କରୁଥିବାର କୌଣସି ଛିନ୍ନବର୍ଣ୍ଣ ନାହିଁ। ନୁୱାକୋଟର ତ୍ରିଶୁଲୀ ବଜାର ବେଶ ପରିଚିତ। ଏହି ବଜାର ମଧ ପ୍ରକୃତିର ତାଣ୍ଡବ ଯୋଗୁ ଛାରଖାର ହୋଇଯାଇଛି। ଏଠାରେ କପଡ଼ା ଦୋକାନ କରିଥିବା ଜଣେ ବ୍ୟକ୍ତି ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ହେଲେ ସେ ଦେଇଥିବା ତଥ୍ୟ ସମସ୍ତଙ୍କୁ ବିଚଳିତ କରିଛି।



କାରଣ ବୁଧବାର ସକାଳେ ପ୍ରଶାସନର କିଛି ଲୋକ ଆସି ସ୍ଥାନୀୟ ଲୋକଙ୍କୁ କହିଥିଲେ ଯେ ତିବ୍ବତ ପାର୍ଶ୍ୱରେ ଭୋଟେ କୋଶୀ ନଦୀ ଉପରେ ଥିବା ଗୋଟିଏ ବନ୍ଧ ଭାଙ୍ଗିଯାଇଛି।ଟନ୍ ଟନ୍ ପାଣି ଜନବସତି ଆଡ଼କୁ ମାଡ଼ି ଆସୁଛି। ତୁରନ୍ତ ଲୋକମାନେ ଉଚ୍ଚ ସ୍ଥାନକୁ ଦୌଡ଼ି ଚାଲି ଯାଆନ୍ତୁ। ପ୍ରଶାସନର ଚେତାବନୀର ମାତ୍ର କିଛି ସମୟରେ ହିଁ ପାଣି ମାଡ଼ି ଆସିଥିଲା। ଲୋକମାନେ ଦୌଡ଼ା ଦୌଡ଼ି ହୋଇ ଉଚ୍ଚ ସ୍ଥାନକୁ ଯିବାକୁ ଚାହିଁଥିଲେ। କିନ୍ତୁ କେବଳ କିଛି ଲୋକ ହିଁ ଏଥିରେ ସଫଳ ହୋଇଥିଲେ।ବାକି ଲୋକ ପାଣିର ପ୍ରଖର ସ୍ରୋତରେ ଭାସି ଯାଇଥିବା ସେ କହିଛନ୍ତି। ବ୍ୟବସାୟୀଙ୍କ ଆଖି ସାମ୍ନାରେ ହିଁ ତାଙ୍କ ୧୮ ବର୍ଷୀୟ ପୁଅ ଓ ପତ୍ନୀ ଭାସି ଯାଇଥିବା ବ୍ୟବସାୟୀ ଜଣଙ୍କ କହିଛନ୍ତି। ବୁଧବାର ନେପାଳରେ ବର୍ଷା ନଥିଲା। ଲୋକମାନେ ନିଜ ଦୈନନ୍ଦିନ କାମରେ ବ୍ୟସ୍ତ ଥିଲେ। ହେଲେ ସକାଳ ପ୍ରାୟ ୯ଟା ବେଳକୁ ହଠାତ୍ ବିଶାଳ ଜଳରାଶି ସ୍ଥଳ ଭାଗକୁ ମାଡ଼ି ଆସିଥିଲା।ବନ୍ୟା ପାଣି ପ୍ରାୟ ୧୦୦ ମିଟର ଉଚ୍ଚ ଢେଉ ଭଳି ମାଡ଼ି ସ୍ଥାନୀୟ ବଜାରକୁ ଭସାଇ ନେଇଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ବଜାରଟି ସଂପୂର୍ଣ୍ଣ ଗାଏବ ହୋଇ ଯାଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ଭାରତର ଦ୍ୱିତୀୟ ପର୍ଯ୍ୟାୟ ରିଲିଫ୍ ସହାୟତା



**ନୂଆଦିଲ୍ଲୀ:** ଭୟଙ୍କର ଆକସ୍ମିକ ବନ୍ୟାରେ ବିପର୍ଯ୍ୟସ୍ତ ନେପାଳକୁ ଭାରତ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ରିଲିଫ୍ ସାମଗ୍ରୀ ପଠାଇଛି। ଏକ ସାମରିକ ପରିବହନ ବିମାନ ଯୋଗେ ୩୭.୫ ଟନ୍ ମାନବୀୟ ସହାୟତା, ବିପର୍ଯ୍ୟୟ ପ୍ରଶମନ ସାମଗ୍ରୀ, ଔଷଧ ଓ ଖାଦ୍ୟ ପ୍ୟାକେଟ୍ ନେପାଳକୁ ପଠାଯାଇଛି। ଏହା ପୂର୍ବରୁ ବୁଧବାର ଭାରତ ପକ୍ଷରୁ ୧୦ ଟନ୍ ମାନବୀୟ ସହାୟତା ଓ ଅନ୍ୟ ସାମଗ୍ରୀ ପଠାଯାଇଥିଲା।ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ସୋସିଆଲ ମିଡିଆରେ ଏହି ସୂଚନା ଦେଇ କହିଛନ୍ତି, ନେପାଳ ପାଇଁ ୩୭.୫ ଟନ୍ ରିଲିଫ୍ ସାମଗ୍ରୀ, ଔଷଧ ଓ ଖାଦ୍ୟ ପ୍ୟାକେଟ୍ ନେଇ ଦ୍ୱିତୀୟ ବିମାନ ଉଡ଼ାଣ ଆରମ୍ଭ କରିଛି। ନେପାଳ କର୍ତ୍ତୃପକ୍ଷଙ୍କ ସହ ଭାରତ ନିରନ୍ତର ଓ ଘନିଷ୍ଠ ସମ୍ପର୍କରେ ରହିଛି ଏବଂ ଚାଲିଥିବା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଦୃଢ଼ ସମର୍ଥନ ଜାରି ରଖିବ।ତିବ୍ବତ ସୀମାବର୍ତ୍ତୀ ନେପାଳ ଅଞ୍ଚଳରେ ଘଟିଥିବା ଭୟଙ୍କର ଆକସ୍ମିକ ବନ୍ୟାରେ ଅତିକମ୍ରେ ୧୬୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ହୋଇଛି। ଏହା ପରେ ଭାରତ ନେପାଳକୁ ସହାୟତା ବୃଦ୍ଧି କରିଛି। ପ୍ରଥମ ପର୍ଯ୍ୟାୟର ସହାୟତା ସାମଗ୍ରୀ ମଧ୍ୟରେ ଅସ୍ଥାୟୀ ଆଶ୍ରୟ, କମ୍ବଳ, ସ୍ୱଚ୍ଛତା କିଟ୍, ସୌର ଲଣ୍ଠନ ଓ ଔଷଧ ରହିଥିଲା। ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଲୋଚନା ପରେ ଏହି ସହାୟତା ପଠାଯାଇଥିଲା। ମୋଦୀ ଏହି ବିପର୍ଯ୍ୟୟ ସମୟରେ ନେପାଳକୁ ଭାରତର ସମ୍ପୂର୍ଣ୍ଣ ସହଯୋଗର ଆଶ୍ୱାସନା ଦେଇଥିଲେ। ଆଗାମୀ ଦିନରେ ଭାରତ ପକ୍ଷରୁ ନେପାଳକୁ ଆହୁରି ରିଲିଫ୍ ସାମଗ୍ରୀ ପଠାଯିବାର ସମ୍ଭାବନା ରହିଛି।

## ମାତ୍ର ୩୦ ମିନିଟରେ ୯ ମିଟର ବଢ଼ିଥିଲା ଜଳ ସ୍ତର

**କାଠମାଣ୍ଡୁ:** ଏସବୁ ଭିତରେ ପ୍ରକୃତିର ଏହି କରାଳ ରୂପ ସମ୍ପର୍କରେ ନୂଆ ତଥ୍ୟ ଆସିଛି। ହଠାତ୍ କେମିତି ଏତେ ପରିମାଣର ପାଣି ସ୍ଥଳ ଭାଗରେ ତାଣ୍ଡବ ରଚିଲା, ସେହି ରହସ୍ୟ ଉପରୁ ପରଦା ହଟିଛି। ହିମାଳୟ ଶିଖରରେ ହୋଇଥିବା ବଡ଼ଧରଣର ହିମ ସ୍ଖଳନ ଯୋଗୁ ନେପାଳର ରସୁୱା ଜିଲ୍ଲାରେ ଏପରି ଜଳ ପ୍ରଳୟ ଦେଖା ଯାଇଥିବା କୁହାଯାଉଛି। ହିମ ସ୍ଖଳନ ଯୋଗୁ ପାଣି ସହ କାଦୁଆ, ଆବର୍ଜନା ଓ ବଡ଼ବଡ଼ ପଥର ଖଣ୍ଡ ସବୁ ଭୋଟେ କୋଶୀ ଓ ତ୍ରିଶୁଲୀ ନଦୀରେ ପ୍ରବେଶ କରିଥିଲା। ଏହାପରେ ନେପାଳର ଉତ୍ତର ପ୍ରାନ୍ତରେ ପ୍ରକୃତି ତା'ର ତାଣ୍ଡବ ରଚିଥିଲା। ଜଳ ପ୍ରଳୟ ଶହଶହ ଘର ଭସାଇ ନେଇଥିବା ବେଳେ ଅନେକ ଗାଁ ଓ ସହରକୁ ପୂରା ମାଟିରେ ମିଶାଇ ଦେଇଛି। ଲୋକଙ୍କ ଠାରୁ ଆରମ୍ଭ କରି ଗାଡ଼ି ମୋଟର, ବ୍ରିଜ ଓ ଭିତ୍ତିଭୂମି ସବୁ କିଛି ଏବେ ମାଟି ତଳେ ପୋତି ହୋଇଯାଇଛି। ପାହାଡ଼ ଉପରୁ ଆସିଥିବା ପାଣିର ସ୍ରୋତ ଅତ୍ୟନ୍ତ ଭୟଙ୍କର ଥିଲା। ହାଇଡ୍ରୋଲୋଜିକାଲ ନୀରିକ୍ଷଣରୁ ଜଣାପଡ଼ିଛି ଯେ ଗାଲଚଚି ଠାରେ ତ୍ରିଶୁଲୀ ନଦୀର ଜଳ ସ୍ତର ମାତ୍ର ୩୦ ମିନିଟରେ ୯ ମିଟିର ବଢ଼ି ଯାଇଥିଲା। ସେହିପରି ସମାନ ସମୟରେ ମାଲେଖୁର ଜଳସ୍ତର ୭ ମିଟର ଉଠି ସ୍ଥଳ ଭାଗରେ ପ୍ରବେଶ କରିଥିଲା।ସାଧାରଣ ମୌସୁମୀ ବର୍ଷା ଯୋଗୁ ଏତେ କମ ସମୟରେ କେବେ ବି ଜଳ ସ୍ତରରେ ଏତେ ବଢ଼ିବାର ସମ୍ଭାବନା ନାହିଁ। ତେଣୁ ହିମ ସ୍ଖଳନ ଯୋଗୁ ଏପରି ଭୟାବହ ସ୍ଥିତି ଦେଖା ଯାଇଥିବା ଜଣାପଡ଼ିଛି। କାଠମାଣ୍ଡୁ ଭିତ୍ତିକ ଆଇସିଆଇଏମଓଡିର ବୈଜ୍ଞାନିକଙ୍କ ସମେତ ନେପାଳ ଓ ଚାଇନାର ବିଭିନ୍ନ ଭୂତତ୍ତ୍ୱବିତମାନେ ଏବେ ବାସ୍ତବରେ ହିମ ସ୍ଖଳନ ହୋଇଥିଲା ନା ପାହାଡ଼ ଧସିବା ଯୋଗୁ ନଦୀର ଜଳସ୍ତର ବଢ଼ିଥିଲା, ତା'ର ସମୀକ୍ଷା କରୁଛନ୍ତି। ପ୍ରଭାବିତ ଅଞ୍ଚଳରୁ ମିଳିଥିବା ଭିଡିଓ ଫୁଟେଜ ଓ ସୂଚନା ଅନୁସାରେ, ବଡ଼ ଧରଣର ବରଫ ଓ ପଥର ଖଣ୍ଡ ସମ୍ଭବତଃ ଭୋଟେ କୋଶୀର ସହାୟକ ନଦୀ ଲେଣ୍ଡେ ଖୋଲାରେ ଧସି ପଡ଼ିଥିଲା। ଏହାର ପ୍ରଭାବରେ ପାଣି ହଠାତ ଉଚ୍ଛୁଳି ଥିଲା ଓ କାଦୁଅ ମିଶା ଶକ୍ତିଶାଳୀ ପାଣିର ସ୍ରୋତ ବିଚ୍ଛୁରିତ ହୋଇ ତଳକୁ ଆସିଥିଲା। ସ୍ଥାନୀୟ ସକାଳ ପ୍ରାୟ ୯ଟା ବେଳକୁ ଭୋଟେ କୋଶୀ ଅବବାହିକାରେ ଜଳସ୍ତର ବଢ଼ିଥିଲା। କିଛି ମିନିଟ ମଧ୍ୟରେ ଏହା କୂଳ ଲଙ୍ଘି ଥିଲା ଓ ନିମ୍ନରେ ଥିବା ତ୍ରିଶୁଲୀ ନଦୀରେ ପ୍ରବେଶ କରିଥିଲା। ତ୍ରିଶୁଲୀ ନଦୀରେ ଜଳ ସ୍ତର ବଢ଼ିବାରୁ ଏହାର ଦକ୍ଷିଣରେ ଥିବା ନୁୱାକୋଟ ଓ ଧାଡିଙ୍ଗ ଜିଲ୍ଲା ପ୍ରତି ବିପଦ ଆଣିଥିଲା। କିନ୍ତୁ ବୈଜ୍ଞାନିକମାନେ ଜଳ ପ୍ରଳୟର ଦ୍ୱିତୀୟ ଓ ବିପଦଜନକ ସମ୍ଭାବନାର ମଧ ଯାଞ୍ଚ କରୁଛନ୍ତି। ସ୍ଖଳନ ଯୋଗୁ ବରଫର ଗୋଟିଏ ବିରାଟ ଖଣ୍ଡ ନଦୀରେ ଅସ୍ଥାୟୀ ଭାବେ ଅଟକି ଯାଇଥିଲା।ଏଥିଯୋଗୁ ଗୋଟିଏ ଅଂଶରେ ବନ୍ଧ ସୃଷ୍ଟି ହୋଇଥିଲା। ସେଠାରେ ପାଣି ଜମି ରହିଥିଲା ଓ କିଛି ସମୟ ପରେ ଏହା ବରଫ ସହ ଧସି ଯାଇଥିବାରୁ ଭୟଙ୍କର ଢଙ୍ଗରେ ଜଳ ପ୍ରବାହ ହୋଇଥିଲା।

## ଗାୟକ ଅଙ୍କିତ ବଲିୟାନଙ୍କୁ ଗୁଳି କରି ହତ୍ୟା

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶର ଶାମଲୀ ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ ଜଣାଶୁଣା ହରିୟାଣଭୀ ଗାୟକ ତଥା ୟୁଟ୍ୟୁବର୍ ଅଙ୍କିତ ବଲିୟାନଙ୍କୁ ଚାରିଜଣ ଆକ୍ରମଣକାରୀ ଗୁଳି କରି ନିର୍ମମ ଭାବେ ହତ୍ୟା କରିଛନ୍ତି। ୩୫ ବର୍ଷୀୟ ଗାୟକ ଅଙ୍କିତ ନିଜର ଜିମରୁ ବାହାରି କାର୍ ନିକଟକୁ ଯାଉଥିବା ସମୟରେ ଆକ୍ରମଣକାରୀମାନେ ତାଙ୍କ ଉପରକୁ ପ୍ରାୟ ୨୦ ରାଉଣ୍ଡ ଗୁଳି ଚଳାଇଥିଲେ। ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗୁଳି ବାଜିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ଏବଂ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏହି ଚର୍ଚ୍ଚିତ ହତ୍ୟାକାଣ୍ଡ ପାଇଁ କୁଖ୍ୟାତ ଗୋଗୀ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି।ଅଙ୍କିତ ସେମାନଙ୍କ ଶତ୍ରୁ ଗୋଷ୍ଠୀ ସହ ଯୋଗାଯୋଗରେ ଥିବା ଏବଂ ଗ୍ୟାଙ୍ଗ୍ ସମ୍ପର୍କିତ ଏକ ଘଟଣାକୁ ନେଇ ଗୀତ ରଚନା କରିଥିବାରୁ ଏହି ଆକ୍ରମଣ କରାଯାଇଥିବା ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଦାବି କରାଯାଇଛି। ସେପଟେ ପୁଲିସ ଏହି ଘଟଣାରେ ପୁରୁଣା ଶତ୍ରୁତା ଓ ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପୃକ୍ତି ସମେତ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

## ଚୀନର ମେଗା ଡ୍ୟାମକୁ ନେଇ ଭାରତର ଚିନ୍ତା ବଢ଼ିଲା

**ନୂଆଦିଲ୍ଲୀ:** ନେପାଳ-ତିବ୍ବତ ସୀମାରେ ଭୟଙ୍କର ବନ୍ୟା ଓ ବିପୁଳ ଧନଜୀବନ କ୍ଷୟକ୍ଷତି ପରେ ଭାରତ ସୀମା ନିକଟରେ ଚୀନ୍ ନିର୍ମାଣ କରୁଥିବା ବିଶାଳ ମେଡୋଗ୍ ଜଳବିଦ୍ୟୁତ୍ ପ୍ରକଳ୍ପକୁ ନେଇ ନୂଆ ଆଶଙ୍କା ସୃଷ୍ଟି ହୋଇଛି। ଭୂକମ୍ପପ୍ରବଣ ହିମାଳୟ ଅଞ୍ଚଳରେ ଏତେ ବଡ଼ ଡ୍ୟାମ୍ ନିର୍ମାଣ ଭାରତର ଉତ୍ତର-ପୂର୍ବାଞ୍ଚଳ ପାଇଁ ଭବିଷ୍ୟତରେ ବଡ଼ ବିପଦ ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି।ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନ୍ ୬୦ ହଜାର ମେଗାୱାଟ୍ କ୍ଷମତା ବିଶିଷ୍ଟ ମେଡୋଗ୍ ଡ୍ୟାମ୍ ନିର୍ମାଣ କରୁଛି। ଏହି ନଦୀ ଅରୁଣାଚଳପ୍ରଦେଶରେ ପ୍ରବେଶ କରି ସିଆଙ୍ଗ ଏବଂ ପରେ ଆସାମରେ ବ୍ରହ୍ମପୁତ୍ର ନାମରେ ପ୍ରବାହିତ ହୁଏ। ଅରୁଣାଚଳପ୍ରଦେଶ ସୀମା ନିକଟରେ ଥିବା ଏହି ପ୍ରକଳ୍ପକୁ ୨୦୩୩ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ବେଜିଂ ଲକ୍ଷ୍ୟ ରଖିଛି।ବୁଧବାର ନେପାଳ-ତିବ୍ବତ ସୀମାରେ ୪.୪ ତୀବ୍ରତାର ଭୂକମ୍ପ ପରେ ସମ୍ଭାବ୍ୟ ହିମସ୍ଖଳନରୁ ଭୟଙ୍କର ବନ୍ୟା ହୋଇଥିଲା। ବନ୍ୟାଜଳ ଭୋଟେ କୋଶୀ ଓ ତ୍ରିଶୂଳୀ ନଦୀ ଦେଇ ଗ୍ରାମ, ରାସ୍ତା ଓ ବିଦ୍ୟୁତ୍ ପ୍ରକଳ୍ପକୁ ଭସାଇ ନେଇଥିଲା। ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ ସଂସଦରେ କହିଥିଲେ ଯେ, ଭୂକମ୍ପ ଯୋଗୁ ହିମସ୍ଖଳନ ହୋଇଥିବାରୁ ଏହି ବନ୍ୟା ଘଟିଥାଇପାରେ।



ତେବେ ଘଟଣାର ପ୍ରକୃତ କାରଣ ସେତେବେଳେ ସ୍ପଷ୍ଟ ହୋଇନଥିଲା। ବିଶେଷଜ୍ଞ ବ୍ରହ୍ମା ଚେଲାନି କହିଛନ୍ତି, ନେପାଳର ବିପର୍ଯ୍ୟୟ ହିମାଳୟର ଭୂକମ୍ପପ୍ରବଣ ଅଞ୍ଚଳରେ ବିଶାଳ ଡ୍ୟାମ୍ ନିର୍ମାଣର ବିପଦକୁ ପୁଣି ସାମ୍ନାକୁ ଆଣିଛି। ତାଙ୍କ ମତରେ, ଭାରତ-ତିବ୍ବତ ସୀମା ନିକଟରେ ଥିବା ଏହି ପ୍ରକଳ୍ପ ଭବିଷ୍ୟତରେ 'ଜଳବୋମା'ରେ ପରିଣତ ହୋଇ ଭାରତର ଉତ୍ତର-ପୂର୍ବାଞ୍ଚଳ ଏବଂ ତଳମୁଣ୍ଡରେ ବାଂଲାଦେଶ ପର୍ଯ୍ୟନ୍ତ ବିପର୍ଯ୍ୟୟ ଘଟାଇପାରେ। ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ତଥା ବୈଦେଶିକ ବ୍ୟାପାର ବିଶ୍ଳେଷକ ରାଜୀବ ଡୋଗ୍ରା ମଧ ଏହି ଡ୍ୟାମ୍ ନିର୍ମାଣ ହେଲେ ଭାରତର ଉତ୍ତର-ପୂର୍ବାଞ୍ଚଳରେ ଅଧିକ ବଡ଼ ବିପର୍ଯ୍ୟୟର ଆଶଙ୍କା କରିଛନ୍ତି।

## କାନପୁରରେ ପ୍ରଶିକ୍ଷଣ ବିମାନ ଦୁର୍ଘଟଣା, ୨ ପାଇଲଟ୍ ମୃତ

**କାନପୁର:** ଉତ୍ତରପ୍ରଦେଶର କାନପୁରରେ ଗୁରୁବାର ଏକ ଘରୋଇ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଉଭୟ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀ ପାଇଲଟଙ୍କ ମୃତ୍ୟୁ ଘଟିଛି। ଦୁଇ ଇଞ୍ଜିନ୍ ବିଶିଷ୍ଟ ଏହି ଟେକନାମ୍ ପ୍ରଶିକ୍ଷଣ ବିମାନଟି ଉଡ଼ାଣ ଆରମ୍ଭ କରିବାର ପ୍ରାୟ ୨୦ ମିନିଟ୍ ପରେ ଗଙ୍ଗା ନଦୀ କୂଳ ନିକଟବର୍ତ୍ତୀ ଏକ କ୍ଷେତରେ ଖସିପଡ଼ିଥିଲା। କାନପୁର ପୁଲିସ କମିସନର ରଘୁବୀର ଲାଲଙ୍କ ସୂଚନା ଅନୁସାରେ, 'ଗର୍ଗ ଏଭିଏସନ୍' ପରିଚାଳିତ ଏହି ବିମାନଟି ପୂର୍ବାହ୍ଣ ପ୍ରାୟ ୧୧ଟା ୩୦ରେ ଉଡ଼ାଣ ଆରମ୍ଭ କରିଥିଲା। ପ୍ରାୟ ୨୦ ମିନିଟ୍ ପରେ କାନପୁରର କାଟ୍ରି ଅଞ୍ଚଳର ନଥପୁରୱା ଗ୍ରାମ ନିକଟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଗୁଜରାଟର ପ୍ରଶିକ୍ଷକ ପାଇଲଟ୍ ସଚିନ ଭାଟିଆ ଏବଂ କର୍ଣ୍ଣାଟକର ପ୍ରଶିକ୍ଷାର୍ଥୀ ପାଇଲଟ୍ ଅଭିଷେକ ପୂଜାରୀଙ୍କ ମୃତ୍ୟୁ ଘଟିଛି। ସଚିନ ଭାଟିଆଙ୍କର ପ୍ରାୟ ୩ ହଜାର ଘଣ୍ଟାର ଉଡ଼ାଣ ଅଭିଜ୍ଞତା ଥିଲା। ଦୁର୍ଘଟଣାର ପ୍ରକୃତ କାରଣ ତୁରନ୍ତ ଜଣାପଡ଼ିନାହିଁ।ଖବର ପାଇ ପୁଲିସ ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ଭଗ୍ନାବଶେଷକୁ ତଦନ୍ତ ପାଇଁ ସୁରକ୍ଷିତ ରଖିଛନ୍ତି। ଦୁର୍ଘଟଣାସ୍ଥଳରେ ବିମାନଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବାବେଳେ ଏହାର ଅଂଶବିଶେଷ ଚାରିଆଡ଼େ ବିଛାଡ଼ି ହୋଇପଡ଼ିଥିଲା। ଡିଜିସିଏ ପକ୍ଷରୁ ବିମାନର ଉଡ଼ାଣଯୋଗ୍ୟତା, ରକ୍ଷଣାବେକ୍ଷଣ ରେକର୍ଡ ଓ ଅନ୍ୟାନ୍ୟ ବୈଷୟିକ ଦିଗର ତଦନ୍ତ କରାଯିବ। 'ଗର୍ଗ ଏଭିଏସନ୍' ପକ୍ଷରୁ କୁହାଯାଇଛି ଯେ, ୨୦୨୩ରୁ କମ୍ପାନି ନିକଟରେ ଥିବା ଏହି ବିମାନର ରକ୍ଷଣାବେକ୍ଷଣରେ କୌଣସି ତ୍ରୁଟି ନଥିଲା।



## ଟଳିନି ବିପଦ: ପୁଣି ଆସିପାରେ ଜଳ ପ୍ରଳୟ !

**ବେଜିଂ:** ଆସନ୍ତା ୩ ଦିନ ମଧ୍ୟରେ ନେପାଳକୁ ହିଟ୍ କରିପାରେ ଆଉ ଗୋଟିଏ ଭୟଙ୍କର ଜଳ ପ୍ରଳୟ। ଚାଇନା ପାର୍ଶ୍ୱରେ ମାଟି ଅତଡ଼ା ଧସି ଉପର ମୁଣ୍ଡରେ ସୃଷ୍ଟି ହୋଇଛି ଗୋଟିଏ ନୂଆ ହ୍ରଦ। ଆଉ ଏହି ହ୍ରଦ ଆସନ୍ତା ୩ ଦିନ ମଧ୍ୟରେ ଲଙ୍ଘିପାରେ କୂଳ। ଏପରି ହେଲେ ଏହା ତଳମୁଣ୍ଡକୁ ପ୍ରବାହିତ ହେବ ଓ ନେପାଳରେ ଧ୍ୱଂସଲୀଳା ରଚିବ। ଏଥିପାଇଁ ଆଜି ଠାରୁ ନେପାଳନକୁ ସତର୍କ କରାଇ ଦେଇଛି ଚାଇନା। ଅଗଷ୍ଟ ୨୬ ତାରିଖରେ ଅଚାନକ ବନ୍ୟା ବର୍ଷା ଯୋଗୁ ହୋଇନାହିଁ। ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି ଯେ ପ୍ରାୟ ୫,୨୦୦ ମିଟର ଉଚ୍ଚତାରେ ଲାଙ୍ଗଟାଙ୍ଗ ଲିରୁଙ୍ଗର ଉତ୍ତର ପାର୍ଶ୍ୱରୁ ବିଶାଳ ବରଫ ଖଣ୍ଡ ଭୁଶୁଡ଼ି ପଡ଼ିଥିଲା। ଏହା ପ୍ରାୟ ୧,୨୦୦ ମିଟର ତଳକୁ ଖସି ଭୋଟେ କୋଶୀର ଉପନଦୀ ଲହେଣ୍ଡେରେ ପଡ଼ିଥିଲା।ଖସିପଡ଼ିଥିବା ବରଫ ଓ ପଥର ସଂକୀର୍ଣ୍ଣ ଉପତ୍ୟକାକୁ ବନ୍ଧ ଭଳି ଅବରୋଧ କରିଦେଇଥିଲା। ପରେ ଏହି ବନ୍ଧ ଭାଙ୍ଗିଯିବାରୁ ବରଫ, ବଡ଼ ବଡ଼ ପଥର ଓ ମୋଟା ଆକାରର କାଦୁଅ ମିଶା ଥିବା ପାଣିର ଏକ ଭୟଙ୍କର ପ୍ରବାହ ରସୁୱା, ନୁୱାକୋଟ, ଧାଡିଙ୍ଗ, ଗୋର୍ଖା ଓ ଚିତୱାନ ଆଡ଼େ ଦ୍ରୁତଗତିରେ ବହିଥିଲା। ଆଉ ଏହି ଜଳ ପ୍ରଳୟର ଚିତ୍ର ପୂରା ବିଶ୍ୱ ଦେଖିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୩୬୦ ଜଣ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ନିଖୋଜ ହୋଇ ଯାଇଛନ୍ତି। ଅଚାନକ ବନ୍ୟା ପରେ କାଦୁଆ ମିଶା ମାଟି ତଳୁ ଜବୀନ ଖୋଜା ଚାଲିଛି।ଭୋଟେ କୋଶୀ ନଦୀରେ ବରଖ ଅତଡ଼ା ପଡ଼ିବା ବେଳେ ମାଟି ଅତଡ଼ା ଧସି ଚାଇନାର ଗୟିରୋଙ୍ଗ ବନ୍ଦର କ୍ରସିଂକୁ ପୋତି ଦେଇଥିଲା। ଏଥିଯୋଗୁ ଉକ୍ତ ଅଞ୍ଚଳଟି ଏବେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ବୈଜ୍ଞାନିକମାନେ କହିଛନ୍ତି ଯେ ମାଟି ଅତଡ଼ା ଧସିବାରୁ ଉପର ମୁଣ୍ଡରେ ସୃଷ୍ଟି ଗୋଟିଏ ନୂଆ ହ୍ରଦ ସୃଷ୍ଟି ହୋଇଛି। ଆସନ୍ତା ୩ ଦିନ ମଧ୍ୟରେ ଏହା ଭୁଶୁଡ଼ି ଯାଇପାରେ। ଏଥିଯୋଗୁ ତଳମୁଣ୍ଡକୁ ପୁଣି ଗୋଟିଏ ବଡ଼ ଜଳପ୍ରବାହ ହେବାର ଆଶଙ୍କା ରହିଛି। ବୈଜ୍ଞାନିକମାନଙ୍କ କହିବା କଥା ଯେ ବୁଧବାର ଚାଇନାର ଜିଜାଙ୍ଗ ଅଞ୍ଚଳର ଗୟିରୋଙ୍ଗ ବନ୍ଦର ନିକଟରେ ମାଟି ଅତଡ଼ା ଧସି ଯାଇଥିଲା। କେତେକ ସ୍ଥାନରେ କାଦୁଅର ଗଭୀରତା ୫ ଫୁଟରୁ ଅଧିକ ଥିଲା। ଏଥିଯୋଗୁ ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଥିଲା।ଗୁରୁବାର ସକାଳ ସୁଦ୍ଧା ଚାଇନା ପାର୍ଶ୍ୱରେ ଜଳ ପ୍ରଳୟ ଓ ମାଟି ଅତଡ଼ା ଧସିବା ଯୋଗୁ ୩ ଜଣଙ୍କ ମୃତ୍ୟୁ ହୋଇଛି ଓ ୫୫୮ ଜଣ ନିଖୋଜ ରହିଛନ୍ତି। ତେବେ ମାଟି ଅତଡ଼ା ଧସିବା ଓ ଭୋଟେ କୋଶୀରେ ଆସିଥିବା ବନ୍ୟାର ଲିଙ୍କ୍ ରହିଛି କି ନାହିଁ, ସେକଥା ଚାଇନାର ଅଧିକାରୀମାନେ ସ୍ପଷ୍ଟ କରି ନାହାନ୍ତି।ଚାଇନାର ଜଳ ସମ୍ପଦ ମନ୍ତ୍ରଣାଳୟ କହିଛି ଯେ ଛୋଚେନ ଖୋଲା ଓ ପୁରେପୁ ସ୍ୱାଙ୍ଗପୋ ନଦୀର ସଙ୍ଗମ ସ୍ଥଳ ନିକଟରେ ଅବରୋଧ ଯୋଗୁ ଗୋଟିଏ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି। ଗୁରୁବାର ସକାଳ ସୁଦ୍ଧା ଏଥିରେ ପ୍ରାୟ ୨୦ ଲକ୍ଷ ଘନ ମିଟର ପାଣି ଜମା ହୋଇଥିଲା। ଏଥିଯୋଗୁ ଏହା ଉଚ୍ଛୁଳିବା ଆରମ୍ଭ କରିଛି। ଆସନ୍ତା ୩ ଦିନରେ ଆଉ ପ୍ରାୟ ୩୦ ଲକ୍ଷ ଘନ ମିଟର ପାଣି ଏଥିରେ ପ୍ରବେଶ କରିପାରେ। ଫଳରେ ଏହା ଭୁଶୁଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଚାଇନାର ଇଞ୍ଜିନିୟରମାନେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲାରେ ଲାଗି ପଡ଼ିଥିବା ବେଳେ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଭୋଟେ କୋଶୀ, ତ୍ରିଶୂଳୀ ଓ ନାରାୟଣୀ ନଦୀ କୂଳରେ ଥିବା ଲୋକମାନଙ୍କୁ ସେଠାରୁ ଦୂରେଇ ରହିବାକୁ ନେପାଳ ସରକାର କହିଛନ୍ତି। ନେପାଳ ସରକାରଙ୍କ କହିବା କଥା ଯେ ବୁଧବାର ସକାଳ ପ୍ରାୟ ୯ଟାରେ ଜଳପ୍ରବାହ ତିବ୍ବତ ସୀମା ଦେଇ ନେପାଳରେ ପ୍ରବେଶ କରିଥିଲା। ଅପରାହ୍ନ ସୁଦ୍ଧା ଏହା ଚିତୱାନର ଦେବଘାଟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ସେଠାରେ ପାଣିର ପ୍ରବାହ ପ୍ରତି ସେକେଣ୍ଡରେ ପ୍ରାୟ ୫,୮୫୦ ଘନମିଟର ଥିଲା।ପ୍ରାୟ ୨ କୋଟି ଘନମିଟର ଅତିରିକ୍ତ ପାଣି ଦେବଘାଟ ଦେଇ ପ୍ରବାହିତ ହୋଇଥିଲା। ଏହା ଏଭରେଷ୍ଟ ଅଞ୍ଚଳରେ ୧୯୮୫ ମସିହାରେ ଘଟିଥିବା ଡିଗ୍ ସ୍ତୋ ହିମନଦୀୟ ବନ୍ୟାର ଜଳରାଶିଠାରୁ ଅନେକ ଗୁଣ ଅଧିକ।



# ଦିନୁଶା ଲଢ଼େଇ କରି ମ୍ୟାଚ ଡ୍ର' କଲେ

## କଲମ୍ବୋ ଟେଷ୍ଟ

- ଭାରତ ନିରାଶ, ତଥାପି ଶୃଙ୍ଖଳା ବିଜୟୀ
- ସୋନାଲ ଦିନୁଶା ପ୍ଲେୟାର ଅଫ୍ ଦ ମ୍ୟାଚ
- ଦେବଦୂତ ପ୍ଲେୟାର ଅଫ୍ ଦ ସିରିଜ୍



କଲମ୍ବୋ,୨୭।୮ (ଏଜେନ୍ସି): କଲମ୍ବୋ ଟେଷ୍ଟରେ ଶୃଙ୍ଖଳା କମାଲ କରିଛି। ବିଜୟର ଦ୍ୱାରଦେଶରେ ଥାଇ ମଧ୍ୟ ଭାରତ ଜିତିବାକୁ ସକ୍ଷମ ହୋଇନାହିଁ। ଶେଷ ଦିନରେ ଭାରତକୁ ୪ ୱିକେଟ୍ ଦରକାର ଥିଲା। ହେଲେ ଦିନତମାମ ଭାରତୀୟ ବୋଲର କେବଳ ୩ ୱିକେଟ୍ ନେବାକୁ ସକ୍ଷମ ହୋଇଥିଲେ। ଶ୍ରୀଲଙ୍କାର ଯୁବ ବ୍ୟାଟର ସୋନାଲ ଦିନୁଶ ଐତିହାସିକ ଇନିଂସ ଖେଳି ଦଳ ପାଇଁ ହୀରୋ ବନିଯାଇଛନ୍ତି। ସେ ଶତକ ହାସଲ କରି ଶ୍ରୀଲଙ୍କାକୁ ଦ୍ୱିତୀୟ ଟେଷ୍ଟ ଡ୍ର' କରିବାକୁ ସକ୍ଷମ ହୋଇଛନ୍ତି। ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ ଡ୍ର' କରିଥିବା ବେଳେ ଭାରତ ୧-୦ରେ ଶୃଙ୍ଖଳା କବଜା କରିନେଇଛି।

ଭାରତ ବିପକ୍ଷ ଦୁଇଟିଯାକ ଟେଷ୍ଟରେ ୪ଟି ଇନିଂସରେ ୫୦ରୁ ଅଧିକ ରନ୍ କି ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି ଦିନୁଶ। ପ୍ରଥମ ଟେଷ୍ଟରେ ଦିନୁଶ ଅପରାଜିତ ୧୦୦ ରନ୍ କରିଥିଲେ। ସେହି ଟେଷ୍ଟର ଦ୍ୱିତୀୟ ଇନିଂସରେ ୮୪ ରନ୍ କରିଥିଲେ ହେଁ ଶ୍ରୀଲଙ୍କା ହାରି ଯାଇଥିଲା। ଏହାପରେ କଲମ୍ବୋ ଟେଷ୍ଟର ପ୍ରଥମ ଇନିଂସରେ ମଧ୍ୟ ସେ ଦମଦାର ବ୍ୟାଟିଂ କରି ୧୦୩ ରନ୍ କରିଥିଲେ। ଏବେ ପଞ୍ଚମ ଦିନରେ ସେ ଅପରାଜିତ ୧୩୩ ରନ୍ କରି ଶ୍ରୀଲଙ୍କାକୁ ପରାଜୟରୁ ଉଦ୍ଧାର କରିଥିଲେ। ଦମଦାର ବ୍ୟାଟିଂ ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।

ଗୁରୁବାର ମ୍ୟାଚର ଶ୍ରେଷ ଦିନ ଥିଲା। ଦିନୁଶଙ୍କ ସହ କେଶରା ନୁୱାନ୍ଥା ଶ୍ରୀଲଙ୍କା ପାଇଁ ଲଢ଼ିବା ଆରମ୍ଭ କରିଥିଲେ। ଉଭୟ ବ୍ୟାଟିଂ କରିବା ବେଳେ ଶ୍ରୀଲଙ୍କା କେବଳ ୧୬ ରନ ଲଡି ପାଇଥିଲା। ଲାଗୁଥିଲା ଭାରତ ଖୁବଶୀଘ୍ର ଶ୍ରୀଲଙ୍କାକୁ ଅଲଆଉଟ୍ କରି ମ୍ୟାଚ ଜିତି ନେବେ। ନୁଆଁନ୍ଥା ଓ ଦିନୁଶା ଅଲଗା ପ୍ରକାରର ବ୍ୟାଟିଂ କରି ଭାରତର ସବୁ ରଣନୀତିକୁ ପାଣିରେ ପକାଇ ଦେଇଥିଲେ। ପ୍ରଥମ ଅଧିବେଶନରେ ଦୁହେଁ ଚମତ୍କାର ବ୍ୟାଟିଂ କରିଥିଲେ। ମଧ୍ୟାହ୍ନ ଭୋଜନ ବିରତି ପରେ ବ୍ୟାକ୍ତିଗତ ୪୬ ରନରେ ନୁୱାନ୍ଥା ଆଉଟ୍ ହୋଇଥିଲେ। ମାନବ ସୂତାରଙ୍କୁ ଏହି ୱିକେଟ୍ ସଫଳତା ମିଳିଥିଲା। ଭାରତର ପ୍ରତ୍ୟାବର୍ତ୍ତନ ଆଶା ବଢ଼ିଥିଲା। ରବିନ୍ଦ୍ର ଜାଡେଜା ମଧ୍ୟ ଦୁଇ ରନ କରିଥିବା ପ୍ରଭାତ ଜୟସୁରିଆଙ୍କୁ ଆଉଟ୍ କରିଥିଲେ। ଏହାପରେ ଲାହିରୁ କୁମାରା ସ୍ଥିତି ସମ୍ଭାଳିଥିଲେ। ଗୋଟିଏ ପଟେ ଦିନୁଶା ରନ କରୁଥିବା ବେଳେ ଅନ୍ୟପଟେ କୁମାର କେବଳ ୱିକେଟ୍ ବଞ୍ଚାଇବାକୁ ଲାଗିଥିଲେ। ଉଭୟ ଦଳୀୟ ସ୍କୋରକୁ ୪୦୨ରେ ପହଞ୍ଚାଇଥିଲେ। ଦିନୁଶା ମଧ୍ୟ ଭାରତ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ନିଜର ଦ୍ୱିତୀୟ ଶତକ ହାସଲ କରିଥିଲେ। କୁମାରଙ୍କୁ ଆଉଟ କରି ଜାଡେଜା ଶ୍ରୀଲଙ୍କାକୁ ନବମ ଝଟକା ଦେଇଥିଲେ। କୁମାରା ଆଉଟ୍ ହେବା ବେଳକୁ ୯୦ଟି ବଲ ଖେଳି ମାତ୍ର ୧୨ ରନ କରିଥିଲେ। ମ୍ୟାଚ ଡ୍ର' ଆଡକୁ ଯାଉଥିବା ଜାଣି ଭାରତ ବୋଲିଂରେ ଆଉ ଚାପ ସୃଷ୍ଟି କରିବାକୁ ଚାହୁଁନଥିଲା। ଅଧିନାୟକ ଶୁଭମନ ଗିଲ, ଯଶଶ୍ୱୀ ଜୟଶ୍ୱାଲ ବୋଲିଂ କରିବାକୁ ଆରମ୍ଭ କରିଥିଲେ। ୪୨୯/୯ ଥିବା ବେଳେ ଶ୍ରୀଲଙ୍କା ପାଳି ଘୋଷଣା କରିଥିଲା। ଏହି ସମୟରେ ଶ୍ରୀଲଙ୍କା ୨୧୬ ରନର ଅଗ୍ରଣୀ ହାସଲ କରିଥିଲା। ୧୫ ଓଭର କମ ବାକି ଥିବାରୁ ଶ୍ରୀଲଙ୍କା ପାଳି ଘୋଷଣା ସତ୍ତ୍ୱେ ଭାରତ ବ୍ୟାଟିଂ କରିବାକୁ ମନା କରିଦେଇଥିଲା। ଏଥିଯୋଗୁଁ ମ୍ୟାଚ ଡ୍ର'ରେ ଶେଷ ହୋଇଛି। ପ୍ରଥମ ଇନିଂସରେ ଫଲୋଅନ ଖାଇବା ପରେ ଶ୍ରୀଲଙ୍କାର ଲଢୁଆ ବ୍ୟାଟିଂ ସମସ୍ତଙ୍କୁ ଚକିତ କରିଛି। ସେହିପରି ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ଦଳ ୧୫୪ ଓଭର ବ୍ୟାଟିଂ କରିବା ବ୍ୟାଟରଙ୍କ ଦକ୍ଷତାକୁ ପ୍ରମାଣିତ କରୁଛି। ଭାରତ ପ୍ରଥମ ପାଳିରେ ୫୦୩/୯ରେ ପାଳି ଘୋଷଣା କରିଥିଲା। ଜବାବରେ ଶ୍ରୀଲଙ୍କା ୨୯୦ ରନ କରିବାକୁ ଭାରତ ଫଲୋଅନ ଦେଇଥିଲା।

## କାହିଁକି ଜିତିପାରିଲାନି ଭାରତ ?



କଲମ୍ବୋ,୨୭।୮ (ଏଜେନ୍ସି): କଲମ୍ବୋ ଟେଷ୍ଟରେ ବଡ଼ ସ୍କୋର ତଥା ବିପକ୍ଷ ଦଳକୁ ଫଲୋଅନ ଦେବା ପରେ ବି ଭାରତ ବିଜୟରୁ ବଞ୍ଚିତ ହୋଇଛି। ପ୍ରଥମ ଇନିଂସରେ ୫୦୩/୯ ରନ କରି ଇନିଂସ ଘୋଷଣା କରିବା ପରେ ଟିମ୍ ଇଣ୍ଡିଆର ବିଜୟ ପ୍ରାୟ ସୁନିଶ୍ଚିତ ଲାଗୁଥିଲା। କିନ୍ତୁ ମ୍ୟାଚ ଡ୍ର'ରେ ଶେଷ ହୋଇଛି। ଏହି ନିରାଶ ଜନକ ପ୍ରଦର୍ଶନ ଯୋଗୁଁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ତାଲିକାର ପଞ୍ଚମ ସ୍ଥାନରେ ଅଟକି ରହିଛି ଭାରତ। ଜିତିବା ମ୍ୟାଚକୁ ଭାରତ ହାତରୁ ଖସାଇବା ପଛରେ ମୁଖ୍ୟ କୋଚ ଗମ୍ଭୀର ଓ ଅଧିନାୟକ ଗିଲଙ୍କ ରଣନୀତିକୁ ନେଇ ପ୍ରଶ୍ନ ଉଠିଛି।

ଗାଲେ ମ୍ୟାଚ ପରେ ଦ୍ୱିତୀୟ ଟେଷ୍ଟରୁ ମୁଖ୍ୟ ସ୍ପିନର କୁଲଦୀପ ଯାଦବଙ୍କୁ ବାଦ ଦେଇ ଅଲରାଉଣ୍ଡର ସାରାଂଶ ଜୈନକୁ ଦଳରେ ସାମିଲ କରାଯାଇଥିଲା। ଯଦିଓ କୁଲଦୀପ ଅସୁସ୍ଥ ଥିବା କୁହାଗଲା ହେଲେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଅଭିଜ୍ଞ ସ୍ପିନରଙ୍କୁ ନଖେଳାଇବା ଗମ୍ଭୀରଙ୍କ ଏକ ବଡ଼ ଭୁଲ ନିଷ୍ପତ୍ତି ସାବ୍ୟସ୍ତ ହେଲା। କୁଲଦୀପଙ୍କ ସ୍ଥାନରେ ଆସିଥିବା ସାରାଂଶ ଶ୍ରୀଲଙ୍କା ବ୍ୟାଟରଙ୍କ ଉପରେ ପ୍ରଭାବ ପକାଇ ନଥିଲା। ଚତୁର୍ଥ ଦିନ ପାସିନ୍ଦୁ ସୂର୍ଯ୍ୟ ବନ୍ଦରା ଓ କାମିନ୍ଦୁ ମେଣ୍ଡିସ ଶତକୀୟ ଭାଗୀଦାରୀକୁ ଆଗେଇ ନେଉଥିବା ବେଳେ ଅଧିନାୟକ ଗିଲ ଆକ୍ରମଣାତ୍ମକ ଫିଲ୍ଡିଂ ସେଟିଂ କରିବା ପରିବର୍ତ୍ତେ ରକ୍ଷଣାତ୍ମକ ମୁଦ୍ରା ଆପଣାଇଥିଲେ। ପୂର୍ବତନ ଭାରତୀୟ ବ୍ୟାଟର ଚେତେଶ୍ୱର ପୂଜାରା ମଧ୍ୟ ଗିଲଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଶ୍ରୀଲଙ୍କା ବ୍ୟାଟରଙ୍କ କାଉଣ୍ଟର ଆଟାକ ଯୋଗୁଁ ଭାରତୀୟ ଦଳ ଚାପକୁ ଆସିଯାଇଥିଲା। ଏହି ସମୟରେ ବୋଲରଙ୍କୁ ୱିକେଟ୍ ନେବା ପାଇଁ ଉତ୍ସାହିତ କରିବା ପରିବର୍ତ୍ତେ ଗିଲ ରନ ରୋକିବା ଉପରେ ଧ୍ୟାନ ଦେଇଥିଲେ।

ପଞ୍ଚମ ଦିନ ଖେଳ ଆରମ୍ଭ ବେଳକୁ ଶ୍ରୀଲଙ୍କା ୬ ୱିକେଟ୍ ହରାଇ ସାରିଥିଲା। ଦଳ ମାତ୍ର ୧୬ ରନରେ ଆଗ୍ରଣୀ ଥିଲା। ଲାଗୁଥିଲା ଭାରତୀୟ ବୋଲର ଶ୍ରୀଲଙ୍କାର ନିମ୍ନକ୍ରମକୁ ପ୍ରଥମ ଅଧିବେଶନ ମଧ୍ୟରେ ଆଉଟ୍ କରିଦେବେ। ହେଲେ ନୁୱାନ୍ତା ଓ ଦିନୁଶାଙ୍କ ଯୋଡିକୁ ଭାଙ୍ଗିବାରେ ଭାରତୀୟ ବୋଲର ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଶେଷ ଭାଗ ଖେଳାଳି ପ୍ରଭାତ ଜୟସୁରିଆ ୨୮ ବଲ ଓ ଲାହିରୁ କୁମାର ୯୦ ବଲ ଖେଳି ଥିଲେ। ଲାହିରୁ ଓ ଦିନୁଶା ମୋଟ ୨୮ ଓଭର ବ୍ୟାଟିଂ କରି ଭାରତକୁ ଧୂଳିସାତ କରିଥିଲେ। ଶେଷ ଦିନରେ କେବଳ ୩ଟି ୱିକେଟ ଝଡିଥିଲା। ଏଥିପାଇଁ ଭାରତୀୟ ବୋଲରଙ୍କୁ ୯୦ ଓଭର ବୋଲିଂ ରଣନୀତି ଦଳର ଦୁର୍ବଳତାକୁ ପଦାରେ ପକାଇଛି।

# ୧୯୭୪ ପରେ ଭାରତୀୟ ମହିଳା ହକି ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ



ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତୀୟ ମହିଳା ହକି ଦଳ ଗୁରୁବାର ନେଦରଲ୍ୟାଣ୍ଡରେ ଏଫଆଇଏଚ ହକି ବିଶ୍ୱକପ୍ ବେଲଜିୟମ୍ ଏବଂ ନେଦରଲ୍ୟାଣ୍ଡସ୍ ୨୦୨୬ର ୫ମ-୬ଷ୍ଠ ସ୍ଥାନ ନିର୍ଦ୍ଧାରଣ ମ୍ୟାଚରେ ବିଶ୍ୱ ନମ୍ବର ୫ ଜର୍ମାନୀକୁ ୩-୧ରେ ପରାସ୍ତ କରି ଉଚ୍ଚ ସ୍ୱରରେ ଅଭିଯାନ ଶେଷ କରିଛି। ଏହି ଫଳାଫଳ ଭାରତୀୟ ମହିଳା ଦଳକୁ ପଞ୍ଚମ ସ୍ଥାନ ଦେଇଛି, ଯାହା ୧୯୭୪ରେ ପ୍ରଥମ ମହିଳା ସଂସ୍କରଣରେ ଚତୁର୍ଥ ସ୍ଥାନ ହାସଲ କରିଥିବା ପରଠାରୁ ଏଫଆଇଏଚ୍ ବିଶ୍ୱକପରେ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ।

ପ୍ରଥମ ୩୦ ମିନିଟ୍ ଗୋଲଶୂନ୍ୟ ରହିବା ପରେ, ତୃତୀୟ କ୍ୱାର୍ଟରରେ ଭାରତ ଚମତ୍କାର ଆକ୍ରମଣାତ୍ମକ ପ୍ରଦର୍ଶନ କରି ନବନୀତ କୌରଙ୍କ ମାଧ୍ୟମରେ ଦୁଇଟି ଏବଂ ଇଶିକାଙ୍କ ମାଧ୍ୟମରେ ଗୋଟିଏ ଗୋଲ୍ କରି ସ୍ମରଣୀୟ ବିଜୟ ସୁନିଶ୍ଚିତ କଲା।

ମ୍ୟାଚ୍ ଆରମ୍ଭରେ ଉଭୟ ଦଳ ସତର୍କ ଆଭିମୁଖ୍ୟ ଗ୍ରହଣ କରିଥିଲେ, ଯଦିଓ ଆରମ୍ଭିକ ପର୍ଯ୍ୟାୟରେ ଜର୍ମାନୀ ଅଧିକ ବଲ୍ ଦଖଲରେ ରହିଥିଲା। ପଞ୍ଚମ ମିନିଟ୍ରେ ବଲଜିତ କୌର ଏବଂ ସାକ୍ଷୀ ରାଣା ଡାହାଣ ପାର୍ଶ୍ୱରେ ଭଲ ସମନ୍ୱୟ କରିବା ସହ ଭାରତ ଧୀରେ ଧୀରେ ନିଜ ଲୟ ପାଇଲା। ସେମାନଙ୍କ ଆକ୍ରମଣର ଶେଷରେ ଅଧିନାୟିକା ସଲିମା ଟେଟେଙ୍କ ଦିଗରେ ଏକ ଭଲ ବଲ୍ ଯାଇଥିଲା, କିନ୍ତୁ ଜର୍ମାନୀର ରକ୍ଷଣଭାଗ ଭାରତୀୟ ଅଧିନାୟିକାଙ୍କୁ ବଲ୍ରେ ସ୍ପର୍ଶ କରିବା ପାଇଁ ସ୍ଥାନ ଦେଇନଥିଲା।

ଉଭୟ ପକ୍ଷ ସର୍କଲରେ ପ୍ରବେଶ କରିବାରେ ସକ୍ଷମ ହୋଇଥିଲେ, କିନ୍ତୁ ସଫା ଶଟ୍ ନେବାରେ ସଂଘର୍ଷ କରିଥିଲେ। ୧୧ତମ ମିନିଟ୍ରେ ଜୋହାନା ହାଚେନବର୍ଗ ରିଭର୍ସ ହିଟ୍ ଚେଷ୍ଟା କରିବା ସମୟରେ ଜର୍ମାନୀ ନିକଟତର ହୋଇଥିଲା, କିନ୍ତୁ ଜଣେ ଭାରତୀୟ ଡିଫେଣ୍ଡର ସମୟୋଚିତ ଭାବେ ଷ୍ଟିକ୍ ଲଗାଇ ବିପଦକୁ ରୋକିଥିଲେ। ୧୩ତମ ମିନିଟରେ ଶିଲ୍ପି ଦାବାସଙ୍କଠାରୁ ହିଟ୍ ପାଇବା ପରେ ଲାଲରେମସିଆମି ଜର୍ମାନୀର ୨୩-ମିଟର ଅଞ୍ଚଳ ଭିତରେ ନବନୀତଙ୍କୁ ଖୋଜିବାକୁ ଚେଷ୍ଟା କରି ଭାରତ ପକ୍ଷରୁ ଜବାବ ଦେଇଥିଲେ, କିନ୍ତୁ ପାସ୍ ତାଙ୍କ ସାଥୀ ଖେଳାଳିଙ୍କୁ ଅତିକ୍ରମ କରି ଚାଲିଯାଇଥିଲା।

୧୫ତମ ମିନିଟରେ ଭାରତର ଭିଡିଓ ରେଫରାଲ୍ ନିଷ୍ପତ୍ତିକୁ ବଦଳାଇବାରେ ବିଫଳ ହେବା ପରେ ଜର୍ମାନୀ ପ୍ରଥମ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା। ବିଚୁ ଦେବୀ ପ୍ରଥମେ ବିପଦକୁ ରୋକିଥିଲେ, ଯେତେବେଳେ ପରବର୍ତ୍ତୀ ଗୋଲମାଳ ସମୟରେ ବଲ୍ ଭାରତୀୟ ଷ୍ଟିକ୍ରୁ ଉପରକୁ ଉଠିଯିବା ପରେ ଆଉ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଜର୍ମାନୀ ଏକ ଭିନ୍ନ କୌଶଳ ବାଛିଥିଲା, କିନ୍ତୁ ଭୁଲ ବୁଝାମଣା ଯୋଗୁଁ ବଲ୍ ଖେଳ ପଡ଼ିଆ ବାହାରକୁ ଚାଲିଯାଇଥିଲା।

ଦ୍ୱିତୀୟ କ୍ୱାର୍ଟରରେ ଭାରତ ନିଜର ସର୍ବୋତ୍ତମ ସୁଯୋଗ ସୃଷ୍ଟି କରିଥିଲା, ଯେତେବେଳେ ଦୀପିକା ନବନୀତଙ୍କୁ ବଲ୍ ଦେଇଥିଲେ ଏବଂ ସେ ଲାଲରେମସିଆମିଙ୍କୁ ସୁଯୋଗ ଦେଇଥିଲେ। ତେବେ ତାଙ୍କ ଶଟ୍ ବାହାରକୁ ଚାଲିଯାଇଥିଲା। ଏହାର କିଛି ସମୟ ପରେ ଜର୍ମାନୀ ଆଉ ଏକ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା, କିନ୍ତୁ ଇଞ୍ଜେକ୍ସନ୍ ସଫା ଭାବେ ଆସିନଥିଲା ଏବଂ ଭାରତ ବିପଦକୁ ଦୂର କରିଥିଲା। ଜର୍ମାନୀର ଇନେସ୍ ୱାନର ମଧ୍ୟ ଏକ ଶଟ୍ ବାହାରକୁ ପଠାଇଥିଲେ, ଏହା ପରେ ଭାରତ ଆକ୍ରମଣର ଝଡ଼ ତୋଳିଥିଲା। ନବନୀତ ଏବଂ ସଲିମା ଟେଟେ ମିଶି ଜର୍ମାନୀର ଗୋଲକିପର ଫିଞ୍ଜା ଷ୍ଟାର୍କଙ୍କୁ ପରୀକ୍ଷା କରିଥିଲେ, ଯିଏ ଲଗାତାର ତିନୋଟି ସେଭ୍ କରି ହାଫ୍-ଟାଇମ୍ରେ ସ୍କୋର ସମାନ ରଖିଥିଲେ। ଶେଷରେ ୪୩ତମ ମିନିଟରେ ଗୋଲ୍ ହୋଇଥିଲା। ନେହା ବଲ୍ ଦଖଲ କରି ଶୀଘ୍ର ଇଶିକାଙ୍କୁ ଦେଇଥିଲେ, ଯାହାଙ୍କ ଉଭୟ ପାର୍ଶ୍ୱରେ ବିକଳ୍ପ ଥିଲା, କିନ୍ତୁ ସେ ନିଜେ ଜର୍ମାନୀର ରକ୍ଷଣଭାଗକୁ ଆହ୍ୱାନ କରିବାକୁ ବାଛିଥିଲେ। ତାଙ୍କ ଦୃଢ଼ ଦୌଡ଼ ଏକ ସଂଯମୀ ଫିନିଶ୍ରେ ଶେଷ ହୋଇଥିଲା, ଯାହା ଭାରତକୁ ୧-୦ରେ ଅଗ୍ରଣୀ ଦେଇଥିଲା।

ଏହାର ମାତ୍ର ଏକ ମିନିଟ୍ ପରେ ଭାରତ ନିଜର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ଲଗାତାର ଚାପ ପରେ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା, ଏବଂ ନବନୀତଙ୍କ ପ୍ରଥମ ସିଧା ଚେଷ୍ଟା ଜର୍ମାନୀର ଜଣେ ରନରଙ୍କୁ ବାଜିବା ପରେ ଭାରତକୁ ଆଉ ଏକ ପିସି ଦିଆଯାଇଥିଲା। ଏଥର ନବନୀତ ଏକ ଶକ୍ତିଶାଳୀ ଷ୍ଟ୍ରାଇକରେ ଖାଲି ସ୍ଥାନ ଖୋଜି ୨-୦ କରିଥିଲେ।

ଭାରତ ଶେଷ କ୍ୱାର୍ଟରରେ ମଧ୍ୟ ନିଜର ଗତି ଜାରି ରଖି ୪୭ତମ ମିନିଟରେ ପୁଣି ଗୋଲ୍ କରିଥିଲା। ସଲିମା ବେସ୍ଲାଇନରେ ନବନୀତଙ୍କୁ ବଲ୍ ଦେଇଥିଲେ, ଏବଂ ଫରୱାର୍ଡ ଦୁଇଜଣ ଡିଫେଣ୍ଡରଙ୍କୁ ଚମତ୍କାର ଭାବେ ଏଡ଼ାଇ ବଲ୍କୁ ନେଟ୍ରେ ଉଠାଇ ନିଜର ଦ୍ୱିତୀୟ ଗୋଲ୍ କରିଥିଲେ।

ଜର୍ମାନୀ ଜବାବ ଦେବାକୁ ଚେଷ୍ଟା କରିଥିଲା, ୫୦ତମ ମିନିଟ୍ରେ ଲିନ୍ କ୍ରିଙ୍ଗ୍ସଙ୍କ ଏକ ଡିଫ୍ଲେକ୍ସନ୍ ଅଳ୍ପକେ ବାହାରକୁ ଯାଇଥିଲା। ୫୯ତମ ମିନିଟରେ କ୍ରିଙ୍ଗ୍ସ ଶେଷରେ ଗୋଟିଏ ଗୋଲ୍ ଫେରାଇଥିଲେ, କିନ୍ତୁ ଏହା କେବଳ ସାନ୍ତ୍ୱନା ଗୋଲ୍ ହୋଇ ରହିଥିଲା। ୧୨ ସେକେଣ୍ଡ ବାକି ଥିବାବେଳେ ଜର୍ମାନୀ ଶେଷ ପେନାଲ୍ଟି କର୍ଣ୍ଣର ହାସଲ କରିଥିଲା, ତଥାପି ଭାରତର ରକ୍ଷଣଭାଗ ଦୃଢ଼ ରହି ସ୍ମରଣୀୟ ୩-୧ ବିଜୟ ସମ୍ପୂର୍ଣ୍ଣ କରିଥିଲା।


ଛଅଟି ମ୍ୟାଚରେ ଭାରତ ଦୁଇଟି ବିଜୟ, ତିନୋଟି ଡ୍ର ଏବଂ ଗୋଟିଏ ପରାଜୟ ସହ ଟୁର୍ଣ୍ଣାମେଣ୍ଟ ଶେଷ କରିଥିଲା। ସେମାନଙ୍କର ଏକମାତ୍ର ପରାଜୟ ଡିଫେଣ୍ଡିଂ ଚାମ୍ପିଅନ୍ ନେଦରଲ୍ୟାଣ୍ଡସ୍ ବିପକ୍ଷରେ ଆସିଥିଲା, ଯେତେବେଳେ ସେମାନେ ଉଚ୍ଚ ରାଙ୍କିଂର ଚୀନ୍, ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆକୁ ଡ୍ରରେ ରୋକିଥିଲେ ଏବଂ ଦକ୍ଷିଣ ଆଫ୍ରିକାକୁ ୬-୧ରେ ପରାସ୍ତ କରି ଏଫଆଇଏଚ ବିଶ୍ୱକପରେ ନିଜର ସର୍ବାଧିକ ଗୋଲର ବିଜୟ ହାସଲ କରିଥିଲେ। ଯଦିଓ ସେମାନେ ଅଳ୍ପକେ ସେମିଫାଇନାଲ୍ ସ୍ଥାନରୁ ବଞ୍ଚିତ ହୋଇଥିଲେ, ପଞ୍ଚମ ସ୍ଥାନର ଏହି ଫଳାଫଳ ଉଲ୍ଲେଖନୀୟ ଅଗ୍ରଗତିର ପ୍ରତୀକ ଏବଂ ଆସନ୍ତା ମାସରେ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ପୂର୍ବରୁ ଦଳକୁ ପ୍ରଚୁର ଆତ୍ମବିଶ୍ୱାସ ଯୋଗାଇଥାଏ।

## ଫାଓ ଦ୍ୱିତୀୟ ଡିଭିଜନ ଲିଗ

# ରୋହିତ ଏଫଏ, ସାର୍ତ୍ତୋଲ ଏଫସି ବିଜୟୀ

ଭୁବନେଶ୍ୱର,୨୭।୮ (ସବ୍ୟ): ଏମଜିଏମ ଫାଓ ଦ୍ୱିତୀୟ ଡିଭିଜନ ଲିଗର ଅଷ୍ଟମ ଦିନ ଅନୁଷ୍ଠିତ ମ୍ୟାଚରେ ସର୍ତ୍ତୋଲ ଏଫଏ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସର୍ତ୍ତୋଲ ଏଫସି ମଦନ ମୁର୍ମୁଙ୍କ ଗୋଲ ଜରିଆରେ ଇଲେଭେନ ବ୍ରାଇଟ ଷ୍ଟାର କ୍ଲବକୁ ୧-୦ରେ ଗୋଲରେ ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚଟି ରୋହିତ ଏଫଏ ଏବଂ ସିଆରଆରଆଇ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଥିଲା। ନିର୍ଦ୍ଧାରିତ ସମୟରେ ସିଆରଆର କ୍ଲବ୍ ଉପସ୍ଥିତ ନରହିବାରୁ ରୋହିତ ଏଫଏକୁ ୱାକ ଓଭର ଜରିଆରେ ବିଜୟୀ ଘୋଷିତ କରାଯାଇଥିଲା। ରୋହିତ ଏଫସିକୁ ୩ ପଏଣ୍ଟ ମିଳିଛି।

# ଭାରତୀୟ ଏ ଦଳରେ ଦିବ୍ୟଦର୍ଶିନୀ



ଭୁବନେଶ୍ୱର,୨୭।୮ (ସବ୍ୟ): ଓଡ଼ିଆ ଝିଅ ସୁଶ୍ରୀ ଦିବ୍ୟଦର୍ଶୀନୀ ଭାରତୀୟ ଏ' ଦଳରେ ସ୍ଥାନ ପାଇଛନ୍ତି। ଆଗାମୀ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଭାରତ ଏ' ଏବଂ ଅଷ୍ଟ୍ରେଲିଆ ଏ' ମଧ୍ୟରେ ୩ଟି ଟି-୨୦ ମ୍ୟାଚ ଏବଂ ୩ଟି ଦିନିକିଆ ମ୍ୟାଚ ତଥା ଗୋଟିଏ ଅନଅଫିସିଆଲ ଟେଷ୍ଟ ମ୍ୟାଚ ଖେଳାଯିବ। ଏହି ସବୁ ମ୍ୟାଚ ନ୍ୟୁ ଚଣ୍ଡିଗଣ୍ଡ, ମୋହାଲି, ଧର୍ମଶାଳାରେ ଆୟୋଜନ ହେବ। ଦିବ୍ୟଦର୍ଶିନୀ ଅନଅଫିସିଆଲ ଟେଷ୍ଟ ମ୍ୟାଚ ଖେଳିବା ପାଇଁ ଭାରତୀୟ ଏ ମହିଳା ଦଳରେ ସ୍ଥାନ ପାଇଛନ୍ତି। ବିସିସିଆଇ ମହିଳା ଚୟନ କମିଟି ପକ୍ଷରୁ ଗୁରୁବାର ଏନେଇ ବିଧିବଦ୍ଧ ଘୋଷଣା ହୋଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଦିବ୍ୟଦର୍ଶୀନୀକୁ ଅଭିନନ୍ଦନ ଜଣାଇଛନ୍ତି।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୯୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୯୪ରେ ଯୋଗାଯୋଗ କରନ୍ତୁ।


## ଏଫଆଇଏଚ ହକି ବିଶ୍ୱକପ

# ସପ୍ତମ-ଅଷ୍ଟମ ସ୍ଥାନ ପାଇଁ ବେଲଜିୟମକୁ ଭେଟିବ ଭାରତ



ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଏଫଆଇଏଚ ପୁରୁଷ ହକି ବିଶ୍ୱକପ ୨୦୨୬ରେ ଭାରତୀୟ ଦଳ ଶୁକ୍ରବାର ନିଜର ଶେଷ ମ୍ୟାଚରେ ଆୟୋଜକ ବେଲଜିୟମକୁ ଭେଟିବ। ସେମିଫାଇନାଲ ଦୌଡ଼ରୁ ବାଦ ପଡିବା ପରେ ଉଭୟ ଦଳ ଏହି ମ୍ୟାଚ ଜିତି ସପ୍ତମ ସ୍ଥାନରେ ରହି ନିଜର ବିଶ୍ୱକପ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭାରତ ତାର ଦ୍ୱିତୀୟ ପର୍ଯ୍ୟାୟରେ ନେଦରଲାଣ୍ଡସ ଠାରୁ ୧-୩ ଏବଂ ଆର୍ଜେଣ୍ଟିନା ନିକଟରୁ ୩-୫ ଗୋଲରେ ପରାଜିତ ହୋଇ ସେମିଫାଇନାଲ ସୁଯୋଗ ହରାଇଥିଲା। ଅନ୍ୟପଟେ ବେଲଜିୟମ, ଅଷ୍ଟ୍ରେଲିଆ ଓ ସ୍ପେନ ବିପକ୍ଷରେ ୧-୧ ଗୋଲ ରଖି ନିଜ ଘରୋଇ ମାଟିରେ ସେମିଫାଇନାଲ ଦୌଡ଼ରୁ ବାଦ ପଡିଥିଲା।

ବିଶ୍ୱକପ ପରେ ଜାପାନରେ ଏସିଆନ୍ ଗେମ୍ସ ଆୟୋଜିତ ହେବାକୁଥିବାରୁ ଭାରତୀୟ ହକି ଦଳ ଏହି ମ୍ୟାଚରେ ବିଜୟ ସହ ନିଜର ଆତ୍ମବିଶ୍ୱାସ ଫେରି ପାଇବାକୁ ଚାହିଁବ। ଦଳ ଆକ୍ରମଣାତ୍ମକ ମନୋଭାବ ଓ ସୁଯୋଗ ସୃଷ୍ଟି କରିବାର ଦକ୍ଷତା ଦେଖାଇଥିଲେ ବି ବିଜୟ ସହ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ବେଲଜିୟମ ବିପକ୍ଷ ୪ଟି ଯାକ କ୍ୱାର୍ଟରରେ ସମାନ ଧରଣର ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଭାରତ ପାଇଁ ଡିଫେନ୍ସ, ମିଡ଼ଫିଲ୍ଡ ଏବଂ ଆଟାକ ମଧ୍ୟରେ ସଠିକ ସମନ୍ୱୟ ରଖିବା ମୁଖ୍ୟ ହେବ। ମୁଖ୍ୟ କୋଚ ଫୁଲଟନ କହିଛନ୍ତି ଏହି ଟୁର୍ଣ୍ଣାମେଣ୍ଟକୁ ଏକ ସ୍ମରଣୀୟ ବିଜୟ ସହ ଶେଷ କରିବାକୁ ଆମ ପାଖରେ ଭଲ ସୁଯୋଗ ରହିଛି।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି